


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୭ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 27 NOVEMBER 2020
Vol.No. 30 ■ No. 300 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମୋଦୀ ସରକାରଙ୍କ ଶ୍ରମିକ-କୃଷକ ବିରୋଧୀ ଆଇନ ବିରୋଧରେ ରାଜ୍ୟବ୍ୟାପି ହରତାଳ




ଭୁବନେଶ୍ୱର,୨୬।୧୧ (ନି.ପ୍ର): କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ସମୁହ, ସ୍ୱାଧୀନ ଫେଡେରେସନ ସମୁହ ଏବଂ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତିର ଆହ୍ୱାନରେ ଆହୂତ ଦେଶବ୍ୟାପୀ ହରତାଳ ରାଜ୍ୟବ୍ୟାପି ସଫଳ ହୋଇଛି । ଓଡିଶାର ରାଜଧାନୀ ଭୁବନେଶ୍ୱରରେ ଶ୍ରମଜୀବି ଜନସାଧାରଣ ଏବଂ ସାଧାରଣ ଜନତା ଏହି ଧର୍ମଘଟକୁ ଅଭୁତ ପୂର୍ବ ଭାବେ ସଫଳ କରିଛନ୍ତି । ସି.ପି.ଆଇ.(ଏମ୍), ସି.ଆଇ.ଟି.ୟୁ, ଓଡିଶା କୃଷକ ସଭା ଏବଂ ଓଡିଶା କ୍ଷେତମଜଦୂର ୟୁନିୟନର କର୍ମୀମାନେ ରାଜଧାନୀ ଏବଂ ରାଜଧାନୀ ଉପକଣ୍ଠରେ ୨୦ଟି ସ୍ଥାନରେ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ପିକେଟିଂ କରି ଗିରଫ ହୋଇଛନ୍ତି । ଆଜିକାର ଏହି ଆନ୍ଦୋଳନରେ ସି.ପି.ଆଇ.(ଏମ୍) ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ, ସି.ଆଇ.ଟି.ୟୁ. ରାଜ୍ୟ କୋଷାଧାକ୍ଷ ଦୁଷ୍ମନ୍ତ କୁମାର ଦାସ, ରାଜ୍ୟ କର୍ମକର୍ତା ରମେଶ ଜେନା, ପୂର୍ଣ୍ଣଚନ୍ଦ୍ର ପାଢୀ, ସତ୍ୟାନନ୍ଦ ବେହେରା, ସି.ଆଇ.ଟି.ୟୁ ନେତ୍ରୀ ପୁଷ୍ପା ଦାଶ, ଓଡିଶା କୃଷକ ସଭା ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ରାଜ୍ୟ ଉପସଭାପତି ଜଗନ୍ନାଥ ମିଶ୍ର, ଅଭିରାମ ବେହେରା, ଓଡିଶା କ୍ଷେତମଜଦୂର ୟୁନିୟନର ରାଜ୍ୟ ସମ୍ପାଦକ ପ୍ରଫୁଲ୍ଲ ଭୋଇ ପ୍ରମୁଖ କେନ୍ଦ୍ର ସରକାରୀ ଅଫିସ, ରାଷ୍ଟ୍ରାୟତ ଉଦ୍ୟୋଗ ଅଫିସ୍ , ଜାତୀୟ ରାଜପଥ, ସହରର ବିଭିନ୍ନ ମୂଖ୍ୟ ଛକ, ଇତ୍ୟାଦି ସ୍ଥାନରେ ପିକେଟିଂ କରି ନେତୃତ୍ୱ ନେଇଥିଲେ । ଏହି ଆନ୍ଦୋଳନରେ ସି.ଆଇ.ଟି.ୟୁ. ଭୁବନେଶ୍ୱର ସମ୍ପାଦକ ସୁରେଶ କୁମାର ରାଉତରାୟ, ସଂଯୋଜକ ପ୍ରଦୀପ୍ତ ନାୟକ, ପରିବହନ ଶ୍ରମିକ ନେତା ପ୍ରଭାତ ପାଣିଗ୍ରାହୀ, ନିର୍ମାଣ ଶ୍ରମିକ ନେତା ବସନ୍ତ ସ୍ୱାଇଁ, ଓ.ୟୁ.ଏ.ଟି ଶ୍ରମିକ ୟୁନିୟନ ନେତା ସତ୍ୟ ନାୟକ, ଶ୍ରମିକ ନେତା ଜଗଦୀଶ ଜେନା ପ୍ରମୁଖ ବହୁ ନେତୃବୃନ୍ଦ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଆନ୍ଦୋଳନକାରୀମାନେ ରେଳଷ୍ଟେସନ୍, ପୂର୍ବତଟ ରେଳବାଇ ମୂଖ୍ୟ ଅଫିସ୍, ଆଇ.ଓ.ସି.ଏଲ୍ ମୁଖ୍ୟ କାର୍ଯ୍ୟାଳୟ, ନାଲ୍କୋ କର୍ପୋରେଟ୍ ଅଫିସ୍, ଭାରତୀୟ ଖାଦ୍ୟ ନିଗମ ମୁଖ୍ୟ ଅଫିସ୍ ,

▶▶ପୃଷ୍ଠା ୭

## ନାଗାର୍ଜୁନ ବେଶ ଆଜି

### ୨୫ ପ୍ଲାଟୁନ୍ ପୋଲିସ ଫୋର୍ସ ନିୟୋଜିତ : ଶ୍ରୀମନ୍ଦିର ଚର୍ତୁପାର୍ଶ୍ୱରେ ରାତି ୨ଟାରୁ ୧୪୪



ପୁରୀ,୨୬।୧୧ (ନି.ପ୍ର): ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ଶ୍ରୀଜୀଉଙ୍କ ନାଗାର୍ଜୁନ ବେଶ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିରରେ ଚାରିଥାକିଆ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଜନଗହଳି ନିୟନ୍ତ୍ରଣ ଓ ଟ୍ରାଫିକ୍ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି । ଶ୍ରଦ୍ଧାଳୁଙ୍କ ପ୍ରବେଶକୁ ରୋକିବାକୁ ଶ୍ରୀମନ୍ଦିରର ଚାରି ଦ୍ୱାରରେ ସ୍ୱତନ୍ତ୍ର ବାରିକେଡ୍ କରାଯାଇଛି । ୪ ଜଣିଆ ସ୍ୱତନ୍ତ୍ର ଟିମ୍ ସିସିଟିଭି ଯାଂଚ୍ କରୁଛନ୍ତି । ସେହିପରି ଶ୍ରୀମନ୍ଦିର ଚର୍ତୁପାର୍ଶ୍ୱରେ ଆଜି ରାତି ୨ଟାରୁ ୧୪୪ ଧାରା ଜାରୀ କରାଯିବ ବୋଲି ପୁରୀ ଏସପି କେ. ବିଶାଲ ସିଂହ ସୂଚନା ଦେଇଛନ୍ତି । ନୀତି ସମାପନ ହେବା ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଏହି କଟକଣା ବଳବତର ରହିବ । ଏଥିସହିତ ସୁରକ୍ଷା ଦାୟୀତ୍ୱରେ ୨୫ ପ୍ଲାଟୁନ୍ ପୋଲିସ ଫୋର୍ସ ଓ ୭ ଜଣ ଡିଏସପି ଓ ଦୁଇ ଜଣ ଏଏସପି ଦାୟୀତ୍ୱରେ ରହିବେ ବୋଲି ସେ କହିଛନ୍ତି ।

▶▶ପୃଷ୍ଠା ୭

## ବିଧାନସଭାରେ ପରୀ ହତ୍ୟା ଘଟଣାରେ କୃଷି ମନ୍ତ୍ରୀ ଅରୁଣ ସାହୁଙ୍କର ଇସ୍ତଫା ଦାବି

### ବିରୋଧୀ ବିଜେପି ଓ କଂଗ୍ରେସ ଦଳ ପକ୍ଷରୁ ପ୍ରବଳ ହଟ୍ଟଗୋଳ, ଗୃହ ୫ ଥର ମୁଲତବୀ



ଭୁବନେଶ୍ୱର,୨୬।୧୧ (ନି.ପ୍ର): ଷୋଡଶ ବିଧାନସଭା ପଂଚମ ଅଧିବେଶନର ସପ୍ତମ କାର୍ଯ୍ୟ ଦିବସର ପରୀ ହତ୍ୟା ଘଟଣାରେ କୃଷି ମନ୍ତ୍ରୀ ଅରୁଣ ସାହୁଙ୍କର ପରୋକ୍ଷ ସଂପୃକ୍ତି ରହିଥିବା ନେଇ ତାଙ୍କର ଇସ୍ତଫା ଦାବି କରି ବିରୋଧୀ ବିଜେପି ଓ କଂଗ୍ରେସ ଦଳ ପକ୍ଷରୁ ହଟ୍ଟଗୋଳ ସୃଷ୍ଟି କରାଯାଇଥିବା କାରଣରୁ ଗୃହରେ କୌଣସି କାର୍ଯ୍ୟକ୍ରମ ହୋଇ ପାରି ନ ଥିଲା । ଏହି ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ କାରଣରୁ ପାଂଚ ଥର ଗୃହ ମୁଲତବୀ ହୋଇଥିଲା । ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ତିନି ଥର ଓ ଉପ ବାଚସ୍ପତି ରଜନୀକାନ୍ତ ସିଂହ ଗୃହକୁ ୨ଥର ମୁଲତବୀ ରଖିଥିଲେ । ଫଳରେ ଶୂନ୍ୟକାଳ, ମୁଲତବୀ ପ୍ରସ୍ତାବ ଆଲୋଚନା ଓ ରାଜସ୍ୱ ବିଭାଗର ପ୍ରଥମ ଅତିରିକ୍ତ ଖର୍ଚ୍ଚ ଦାବି ଉପସ୍ଥାପନା ହୋଇ ପାରି ନଥିଲା । କାର୍ଯ୍ୟସୂଚୀରେ ସ୍ଥାନିତ ବିଭିନ୍ନ ବିଭାଗ ଜନିତ ସଂକ୍ରାନ୍ତୀୟ କାଗଜ ଉପସ୍ଥାପନ ହୋଇ ପାରି ନ ଥିଲା । ଗୃହ କାର୍ଯ୍ୟ ୧୦.୩୦ରେ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେପି ଦଳର ବିଧାୟକ ମାନେ ହାତରେ ପ୍ଲାକାର୍ଡ ଧରି ଗୃହର ମଧ୍ୟ ଭାଗକୁ ଆସି ନାରାବାଜୀ ଆରମ୍ଭ କରି ଦେଇଥିଲେ । ଅନୁରୂପ ଭାବେ କଂଗ୍ରେସ ବିଧାୟକ ମାନେ ମଧ୍ୟ ଗୃହର ମଧ୍ୟଭାଗକୁ ଆସି ଏହି ପ୍ରସଙ୍ଗରେ ହଟ୍ଟଗୋଳ କରିଥିଲେ । ଉପ ବାଚସ୍ପତି ରଜନୀକାନ୍ତ ସିଂ ବିରୋଧୀ ଦଳର ବିଧାୟକ ମାନଙ୍କୁ ନିଜ ନିଜର ଆସନକୁ ଯିବା ପାଇଁ ନିବେଦନ କରିଥିଲେ । ହେଲେ ଏହାର କୌଣସି ପ୍ରକାର ପ୍ରଭାବ ପଡି ନଥିଲା । ବିରୋଧୀ ଦଳର ବିଧାୟକ ମାନେ ହଟ୍ଟଗୋଳ ଜାରୀ ରଖିଥିଲେ ।

▶▶ପୃଷ୍ଠା ୭

## ସବୁଦିନ ପାଇଁ ଅଲଗା ହେଲେ ଜଗାକାଳିଆ

### କାଳିଆର ଶେଷକୃତ୍ୟ ସମ୍ପନ୍ନ

କନ୍ଧମାଳ,୨୬।୧୧ (ନି.ପ୍ର): ରାଜ୍ୟ ସରକାର ଏବଂ ଡାକ୍ତରଙ୍କର ଦିର୍ଘ ୨ ବର୍ଷରୁ ଅଧିକ ସମୟର ଅକ୍ଲାନ୍ତ ପରିଶ୍ରମ ଶେଷରେ ବିଫଳ ହୋଇଛି । କନ୍ଧମାଳର ଯୋଡାମୁଣ୍ଡ ଶିଶୁ ଜଗା ଠାରୁ ତାର ଭାଇ କାଳିଆ ବୁଧବାର ରାତି ପ୍ରାୟ ୯ଟାବେଳେ କଟକ ଏସସିବି ମେଡିକାଲ କଲେଜରେ ଚିକିତ୍ସିତ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଛି ଯାହାଦ୍ୱାରା ସବୁଦିନ ପାଇଁ ଅଲଗା ହୋଇଯାଇଛନ୍ତି ଜଗାକାଳିଆ । ଆଜି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅଂଚଳରେ ଥିବା ତାଙ୍କ ପୈତୃକ ଗ୍ରାମ ମିଲୁପଡାରେ ତାର ଶେଷ କୃତ୍ୟ ସମ୍ପର୍ଣ୍ଣ କରାଯାଇଛି । କଟକରୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ତାର ମାତା ପୁଷ୍ପାଞ୍ଜଳି କହଁର ଏବଂ ପିତା ଭୁୟାଁ କହଁରଙ୍କ ସମେତ କାଳିଆର ମରଶରୀରକୁ ଅଜି ସକାଳ ୬ଟା ବେଳେ ଅଣା ଯାଇଥିଲା । ସେଠାରେ ପହଂଚିବାପରେ ଗ୍ରାମବାସୀଙ୍କ ସମେତ କାଳିଆର ପରିବାର ଲୋକଙ୍କ ମଧ୍ୟରେ ଅତ୍ୟନ୍ତ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ସେଠାରେ କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଫିରିଙ୍ଗିଆ ବିଡିଓ ସାନ୍ତନୁ ନାୟକଙ୍କ ସମେତ ଜିପିଓ ରବିନ୍ଦ୍ର କୁମାର ବେହେରା ଏବଂ ଫିରିଙ୍ଗିଆ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓଙ୍କ ସମେତ ଅନ୍ୟାନ୍ୟ ସରକାରୀ କର୍ମଚାରୀ ଏବଂ ମିଲୁପଡା ଗ୍ରାମର ଲୋକଙ୍କ ସାହଯୋଗରେ କାଳିଆର ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କ ପରିବାରକୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଛି ।

▶▶ପୃଷ୍ଠା ୭



### କାଳିଆର ଦେହାନ୍ତରେ ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬।୧୧ (ନି.ପ୍ର): ଅସ୍ତ୍ରୋପଚାର ପରେ ଅଲଗା ହୋଇଥିବା କନ୍ଧମାଳର ଯୋଡାମୁଣ୍ଡ ଶିଶୁ କାଳିଆର ମୃତ୍ୟୁରେ ମୁଖମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ ଡାକ୍ତରମାନଙ୍କ ଅଦମ୍ୟ ଚେଷ୍ଟା ଓ ଶ୍ରେଷ୍ଠ ଚିକିତ୍ସା ସତ୍ୱେ କାଳିଆର ଦେହାନ୍ତ ଖବର ଅତ୍ୟନ୍ତ ଦୁଃଖଦାୟକ । ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭଗବାନ ଧୈର୍ଯ୍ୟ ଦିଅନ୍ତୁ । ଅସମୟରେ ଝଡି ପଡିଥିବା କାଳିଆର ଅମର ଆତ୍ମାର ସଦଗତି କାମନା ସହ ମୁଖ୍ୟମନ୍ତ୍ରୀ ଏହି କଠିନ ସମୟରେ ଜଗାର ଉତମ ସ୍ୱାସ୍ଥ୍ୟ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

### ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୧୦,୯୦,୫୪୫ ନମୁନାର ପରୀକ୍ଷଣ

ନୂଆଦିଲ୍ଲୀ,୨୬।୧୧ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୧୦,୯୦,୫୪୫ ନମୁନାର ପରୀକ୍ଷଣ କରାଯାଇଛି । ଏହା ସହିତ ଦେଶରେ ବର୍ତମାନ ସୁଦ୍ଧା, ୧୩,୫୯,୫୧,୫୪୫ ନମୁନାର ପରୀକ୍ଷଣ କରାଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି ।

## ବାଲେଶ୍ୱରରେ ଶାନ୍ତିପୂର୍ଣ୍ଣ ଧର୍ମଘଟ




ବାଲେଶ୍ୱର,୨୬।୧୧(ନି.ପ୍ର): ବିଭିନ୍ନ ଦାବିନେଇ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ମିଳିତ ମଞ୍ଚ ପକ୍ଷରୁ ଗୁରୁବାର ଦିନ ଦେଶବ୍ୟାପୀ ଆୟୋଜିତ ଧର୍ମଘଟ ତଥା ଭାରତବନ୍ଦ ବାଲେଶ୍ୱରରେ ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି । ଆନ୍ଦୋଳନକାରୀମାନେ ସକାଳରୁ ବାଲେଶ୍ୱର ରେଳଷ୍ଟେସନରେ ବିକ୍ଷୋଭ ପ୍ରଦର୍ଶନ ସହ ଦୁଇଟି ମାଲଗାଡ଼ିକୁ ପ୍ରାୟ ଏକଘଣ୍ଟା ଧରି ଅଟକାଇଥିଲେ । ସହରର ପ୍ରମୁଖ ବଜାର ମୋତିଗଞ୍ଜ, ନୂଆବଜାର, ସିନେମା ବଜାର ପ୍ରଭୃତି ଅଞ୍ଚଳର ସମସ୍ତ ଦୋକାନ ବନ୍ଦ ଥିଲା । ବସ୍ କର୍ମଚାରୀ, ଅଟୋରିକ୍ସା ତଥା ରିକ୍ସା ଚାଳକ ସଂଘ ଧର୍ମଘଟରେ ସାମିଲ ହୋଇଥିବା ଯୋଗୁଁ ସମସ୍ତ ଯାନବାହନ ଚଳାଚଳ ସଂପୂର୍ଣ୍ଣ ବନ୍ଦ ଥିଲା । ସହର କାଁ ଭାଁ ଲୋକେ ବାଇକ୍‌ରେ ଯା’ଆସ କରୁଥିବା ଦେଖିବାକୁ ମିଳିଥିଲା । ସେହିଭଳି ଜାତୀୟକରଣ ବ୍ୟାଙ୍କ୍, ବୀମା ଓ ଡାକ କର୍ମଚାରୀ ସଂଘ ଆନ୍ଦୋଳନରେ ସାମିଲ ହୋଇଥିବା ବେଳେ ଏହିସବୁ କାର୍ଯ୍ୟାଳୟ ବନ୍ଦ ରହିଥିବା ଲକ୍ଷ୍ୟ କରାଯାଇଥିଲା । କେତେକ ଘରୋଇ ବ୍ୟାଙ୍କ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନକାରୀମାନେ ବିକ୍ଷୋଭ ପ୍ରଦର୍ଶନ ସହ ଏହାକୁ ବନ୍ଦ କରାଇଥିଲେ । ଏଥି ସହିତ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲା ପ୍ରଶାସନର ବିଭିନ୍ନ ବିଭାଗ କାର୍ଯ୍ୟାଳୟ ଆଗରେ ପିକେଟିଂ ସହ ସେମାନେ ବନ୍ଦ କରିଥିଲେ । ଅନୁରୂପ ଭାବେ ଜିଲାଜଜ୍‌ଙ୍କ ଫାଟକ ସମ୍ମୁଖରେ ଆନ୍ଦୋଳନକାରୀମାନେ ଜୋରଦାର ବିକ୍ଷୋଭ ଓ ପିକେଟିଂ କରିବା ଯୋଗୁଁ ବିଚାରପତିମାନେ କୋର୍ଟ ମଧ୍ୟକୁ ପ୍ରବେଶ କରିନପାରି ଫେରି ଯାଇଥିଲେ ।

▶▶ପୃଷ୍ଠା ୭

### ଭାରତ ବନ୍ଦ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିକ୍ରିୟା

## କଂଗ୍ରେସର ଛଳନାକୁ ଦେଶବାସୀ ବିଶ୍ୱାସ କରିବେନି : ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର,୨୬।୧୧ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଚାଷୀ ଏବଂ ଶ୍ରମିକଙ୍କ ପାଇଁ ଅନେକ ପଦକ୍ଷେପ ନେଇଥିବା ବେଳେ ଆଜି ଯେଉଁ ଭାରତ ବନ୍ଦ ଡ଼ାକରା ଦିଆଯାଇଛି ବିଶେଷ ଭାବରେ କଂଗ୍ରେସ ଏଥିପାଇଁ କୁମ୍ଭୀର କାନ୍ଦଣା କାନ୍ଦିବା ସହ ବିରୋଧ କରିବା ପାଇଁ ବିରୋଧ କରୁଛି ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ ଭାରତ ବନ୍ଦ ପ୍ରସଙ୍ଗରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ପ୍ରଜାତନ୍ତ୍ରରେ ଏହା ହିଁ ବିଶେଷତା । ସମସ୍ତଙ୍କ ନିଜର ମନ୍ତବ୍ୟ ଓ ଦାବୀ ଜଣାଇବାର ଅଧିକାର ରହିଛି । ସମ୍ବିଧାନର ଏହା ହିଁ ଉପଲବ୍ଧି । ମୋଦି ସରକାର କୃଷି ଆଇନରେ ଆଣିଥିବା ସଂସ୍କାର ଦ୍ୱାରା କୃଷିର ବ୍ୟାପକ ବିକାଶ ଓ ଉନ୍ନତି ହେବ । ତେବେ ଆଜି ଯେଉଁ ପ୍ରସଙ୍ଗ ଗୁଡ଼ିକୁ ବିରୋଧ କରାଯାଉଛି ଏହି ଛଳନାକୁ ଭାରତର ଲୋକମାନେ ବିଶ୍ୱାସ କରିବେନି । ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭାରତର ଲୋକମାନେ ସମର୍ଥନ କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର କୃଷି ସମେତ ଶ୍ରମିକଙ୍କ କଲ୍ୟାଣ ପାଇଁ ଅନେକ ନୀତିରେ ସୁଧାର ଆଣିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଦେଶରେ ଥିବା ଦିନ ମଜୁରିଆ, ଖଟିଖିଆ ଏବଂ ଅସ୍ଥାୟୀ ଶ୍ରମିକ ମାନଙ୍କୁ ସ୍ଥାୟୀ ନିଯୁକ୍ତି ପତ୍ର ମିଳିବାର ଅଧିକାର ଦେବା ସହ ସେମାନଙ୍କ ପାଇଁ ସର୍ବନିମ୍ନ ମଜୁରୀ ଦିଆଯିବାର ବ୍ୟବସ୍ଥା କରିଛନ୍ତି । ଏହାସହ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ଅଧିକାରର ମଧ ଦିଆଯାଇଛି । ତେବେ ଯେଉଁମାନେ ଦେଶ ଓ ରାଜ୍ୟକୁ ଲମ୍ବା ସମୟ ଧରି ଶାସନ କଲେ ଏବଂ ଦେଶକୁ ପଛକୁ ନେଇଗଲେ ସେମାନଙ୍କ ପାଖରେ କୌଣସି ରାଜନୈତିକ ପ୍ରସଙ୍ଗ ନାହିଁ । ସେମାନେ କେବଳ ବିଷୟକୁ ନବୁଝି ବିରୋଧ ଛଳରେ ବିରୋଧ କରିବା ସହ ବାଚାଳାମୀ କରୁଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

### ନକଲି ଘିଅ କାରଖାନା ଠାବ

କଟକ,୨୬।୧୧ (ନି.ପ୍ର): କଟକ ସଦର ଥାନା ଗବାବସ୍ତ ଅଂଚଳରୁ ଏକ ନକଲି ଘିଅ କାରଖାନା ଠାବ କରିଛି କମିଶନରେଟ ପୋଲିସ । ଘଟଣାରେ ସମ୍ପୃକ୍ତ କାରଖାନାର ମାଲିକଙ୍କୁ ଅଟକ ରଖି ପୋଲିସ ପଚରା ଉଚୁରା ଜାରୀ ରଖିଛି । ଦୀର୍ଘଦିନ ହେବ ଏହି କମ୍ପାନୀ ଏଠାରେ ଚାଲିଥିଲା । ନକଲି ଘିଅ ପ୍ୟାକେଟ ଉପରେ ଅସଲି ବ୍ରାଣ୍ଡର ପ୍ୟାକେଜିଂ କରାଯାଇ କଟକ ମାଲ୍ ଗୋଦାମ ସମେତ ରାଜ୍ୟର ବିଭିନ୍ନ ଅଂଚଳକୁ ଏହି ଘିଅ ଚାଲାଣ ହେଉଥିଲା । ପୋଲିସ ଓ ଖାଦ୍ୟ ସୁରକ୍ଷା ଅଧିକାରୀ ଏନେଇ ଯାଂଚ୍ କରୁଛନ୍ତି । ସ୍ୱାସ୍ଥ୍ୟ ଓ ଓଜନ ମାପ ନିରୀକ୍ଷକ ମଧ ଏହି ଯାଂଚ୍ ରେ ସାମିଲ୍ ଅଛନ୍ତି ।

# ୨୪୧୮ ଜଣ ଜିତିଲେ ଓଡ଼ିଶା ସ୍ୱଳ୍ପ ସଂଚୟ ପ୍ରୋତ୍ସାହନ ଯୋଜନା 'ଏକ୍ୟୁ' ସିରିଜ୍ ଉଠାଣ

ଭୁବନେଶ୍ୱର,୨୬।୧୧ (ନି.ପ୍ର): ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସ୍ୱଳ୍ପ ସଂଚୟ ପ୍ରୋତ୍ସାହନ ଯୋଜନାର ୪୨ତମ ଉଠାଣ 'ଏକ୍ୟୁ' ସିରିଜ ଲୋକସେବା ଭବନଠାରେ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏହି ଯୋଜନାରେ ୨୪୧୮ ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ୭ଟି ବର୍ଗରେ ସର୍ବାଧିକ ୫ ଲକ୍ଷ ଏବଂ ସର୍ବନିମ୍ନ ୨୦୦୦ ଟଙ୍କା ହିସାବରେ ସମୁଦାୟ ୭୪ ଲକ୍ଷ ମୂଲ୍ୟର ପୁରସ୍କାର ରାଶି ପ୍ରୋତ୍ସାହନ ସ୍ୱରୂପ ପ୍ରଦାନ କରାଯିବାର ବ୍ୟବସ୍ଥା ଅଛି । ଏହି କାର୍ଯ୍ୟକ୍ରମରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଅଶୋକ କୁମାର ମୀନା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଚଳିତ ସଂଚୟ ଯୋଜନାଗୁଡ଼ିକ ବେଶ ସରଳ, ସୁନିର୍ଶ୍ଚିତ ଏବଂ ସୁରକ୍ଷିତ ହୋଇଥିବାରୁ ଏହା ବିଶେଷ ଲୋକପ୍ରିୟ ହୋଇପାରିଛି ବୋଲି ମତ ଦେବା ସହ ଜନସାଧାରଣ ଏହି ଯୋଜନା ପ୍ରତି ସେମାନଙ୍କର ବିଶ୍ୱାସ ଅତୁଟ ରଖିବା ପାଇଁ ଆହ୍ୱାନ କରିଥିଲେ । ରାଜ୍ୟ ସ୍ୱଳ୍ପ ସଂଚୟ ନିର୍ଦ୍ଦେଶକ ଶ୍ରୀ ସିଦ୍ଧାର୍ଥ ଦାସ ସ୍ୱାଗତ ଭାଷଣ ଦେବା ସଙ୍ଗେ ସଙ୍ଗେ ଜନସାଧାରଣଙ୍କୁ ଚିଟ୍‌ଫଣ୍ଡ ସଂସ୍ଥା ଭଳି କୌଣସି ସନ୍ଦିଗ୍ଧ, ବେସରକାରୀ, ଅଣବ୍ୟାଙ୍କିଙ୍ଗ, ଅର୍ଥ ଲଗାଣକାରୀ ସଂସ୍ଥାମାନଙ୍କର ଅଧିକ ସୁଧହାରର ମିଥ୍ୟା ପ୍ରତିଶ୍ରୁତିରେ ପ୍ରଲୋଭିତ ନହୋଇ, କେବଳ ଡାକଘର କିମ୍ବା ବ୍ୟାଙ୍କମାନଙ୍କରେ ପ୍ରଚଳିତ ବିଭିନ୍ନ ସ୍ୱଳ୍ପ ସଂଚୟ ଯୋଜନାଗୁଡ଼ିକ ମାଧ୍ୟମରେ ନିଜର କଷ୍ଟୋପାର୍ଜିତ ଅର୍ଥକୁ ସଂଚୟ କରିବା ପାଇଁ ଅନୁରୋଧ କରିଥିଲେ । ସର୍ବସାଧାରଣ ଦେଖିବା ପାଇଁ ଏହି ଉଠାଣ କାର୍ଯ୍ୟକ୍ରମର ସିଧା ପ୍ରସାରଣର ବ୍ୟବସ୍ଥା 'ୟୁ ଟ୍ୟୁବ୍' ଏବଂ ଅର୍ଥ ବିଭାଗର 'ଫେସ୍‌ବୁକ୍' ମାଧ୍ୟମରେ କରାଯାଇଥିଲା । ଖୁବ୍‌ଶୀଘ୍ର ଏହି ଉଠାଣର ଫଳାଫଳ ସଂକ୍ରାନ୍ତୀୟ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଅର୍ଥ ବିଭାଗ ତରଫରୁ ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ବିଚାରପତି ଶ୍ରୀ ପ୍ରେମରାଜ ବହିଦାର, ଅର୍ଥ ବିଭାଗର ଅବସରପ୍ରାପ୍ତ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ପ୍ରଦୀପ୍ତ କୁମାର ନନ୍ଦ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଚିବ ତଥା ସୁପରିଚିତା, ଗାଳ୍ପିକା, ଔପନାସିକା ଓ କବୟତ୍ରୀ ଡକ୍ଟର ଶ୍ରୀମତୀ ଜୟନ୍ତୀ ରଥ, ପ୍ରମୁଖ ବିଚାରପତି ଭାବେ ଯୋଗଦାନ କରିଥିଲେ ।

## ଏସ୍‌ଏମ୍‌ଏସ୍ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବୃଦ୍ଧାଶ୍ରମରେ କମ୍ବଳ ବଂଟନ

ଭୁବନେଶ୍ୱର,୨୬।୧୧ (ନି.ପ୍ର): ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏସ୍‌ଏମ୍‌ଏସ୍ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଟଙ୍କପାଣି ରୋଡ଼ସ୍ଥିତ ଶ୍ରୀକୃଷ୍ଣ ଆନନ୍ଦ ଆଶ୍ରମ ଅନ୍ତେବାସୀମାନଙ୍କୁ କମ୍ବଳ ବଂଟନ କରାଯାଇଥିଲା । ଅନୁଷ୍ଠାନର ସଭାପତି ମନୋରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ସମ୍ପାଦିକା ଶର୍ମିଷ୍ଠା ସାହୁ, ସଂଗଠନ ସମ୍ପାଦକ ଅଭିଷେକ ବିଶ୍ୱାଳ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା କୋ-ଫାଉଣ୍ଡର ସଞ୍ଜିବ କୁମାର ସାହୁ ଏବଂ ସମାଜସେବୀ ରବିନ୍ଦ୍ର ନାଥ ରାଉତରାୟ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ । ଏହି ଅବସରରେ ଆଶ୍ରମର ଅଧ୍ୟକ୍ଷ ରାଜେଶ ମହାପାତ୍ର ଆଶ୍ରମର ଲକ୍ଷ୍ୟ ଓ ଆଦର୍ଶ ସମ୍ପର୍କରେ କହିଥିଲେ । ଶେଷରେ ସମ୍ପାଦିକା ଶର୍ମିଷ୍ଠା ସାହୁ ଧନ୍ୟବାଦ ପ୍ରଦାନ କରିବା ସହ ଏହିପରି ସମାଜ ସେବା କାର୍ଯ୍ୟକ୍ରମ ଆଗାମୀ ଦିନରେ ଅନୁଷ୍ଠିତ ହେବ ବୋଲି ନିଜ ବକ୍ତବ୍ୟରେ କହିଥିଲେ ।

## ୧୨୦ ଓଡ଼ିଆ ଅଧ୍ୟାପକଙ୍କୁ ନିଯୁକ୍ତିପତ୍ର ପ୍ରଦାନ

# ଅଧ୍ୟାପକମାନଙ୍କ ନିଷ୍ଠା ଓ ଚେଷ୍ଟା ଉଚ୍ଚଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିପାରିବ : ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୨୬।୧୧ (ନି.ପ୍ର): ଶିକ୍ଷା କ୍ଷେତ୍ରରେ ଏକ ସୁସ୍ଥ ପରମ୍ପରା ସୃଷ୍ଟି ଦିଗରେ ଅଧ୍ୟାପକଅଧ୍ୟାପିକାମାନେ ନିଷ୍ଠାର ସହିତ ଚେଷ୍ଟା କଲେ ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରଭୂତ ଉନ୍ନତି ସାଧିତ ହୋଇପାରିବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି । ବୁଧବାର ପୂର୍ବାହ୍ନରେ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ନିଯୁକ୍ତି ନିମନ୍ତେ ରାଜ୍ୟ ସିଲେକ୍ସନ୍ ବୋର୍ଡ ଦ୍ୱାରା ଚୟନ କରାଯାଇଥିବା ଓଡ଼ିଆ ବିଭାଗର ଅଧ୍ୟାପକମାନଙ୍କର ଏକ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଡ. ସାହୁ କହିଲେ ଯେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ମହାବିଦ୍ୟାଳୟଗୁଡ଼ିକରେ ଅଧ୍ୟାପକ ନିଯୁକ୍ତି ନିମନ୍ତେ ବ୍ୟାପକ ପ୍ରକ୍ରିୟା ଚାଲିଛି । ମହାବିଦ୍ୟାଳୟରେ ନାମଲେଖା ପ୍ରକ୍ରିୟାକୁ ସଂପୂର୍ଣ୍ଣ ସ୍ୱଚ୍ଛ କରଯାଇଛି ଯେପରି କୌଣସି ମେଧାବୀ ଛାତ୍ରଛାତ୍ରୀ ନାମଲେଖାରୁ ବଂଚିତ ନହୁଅନ୍ତି । ମେଧାକୁ କେବେହେଲେ ଅଟକାଇ ହେବ ନାହିଁ । ଶାସ୍ତ୍ରୀୟ ମାନ୍ୟତା ପାଇଥିବା ଓଡ଼ିଆ ଭାଷାର ଏକ ସୁଦୀର୍ଘ ପରମ୍ପରା ରହିଛି । ଓଡ଼ିଆ ଭାଷା ସାହିତ୍ୟ ଆମ ନିଜସ୍ୱ, ବହୁ ପ୍ରାଚୀନ ଏବଂ ଅତ୍ୟନ୍ତ ଉଚ୍ଚ ମାନର । ରାଜ୍ୟ ସରକାର ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତିର ସମୃଦ୍ଧି ପାଇଁ ପ୍ରତିଶ୍ରୁତିବଦ୍ଧ । ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷାର ମହିମାକୁ ଆହୁରି ଗୌରବାନ୍ୱିତ ଓ ଋଦ୍ଧିମନ୍ତ କରିବାର ଗୁରୁଦାୟିତ୍ୱ ଓଡ଼ିଆ ବିଭାଗର ଅଧ୍ୟାପକଅଧ୍ୟାପିକାମାନଙ୍କ ଉପରେ ନ୍ୟସ୍ତ ହୋଇଛି । ସେମାନେ ଏହାକୁ ସଫଳତାର ସହ ନିର୍ବାହ କରିବେ ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ । ଅଧ୍ୟାପକମାନେ ନିଜର ନିଷ୍ଠା, ଚେଷ୍ଟା, ଯୋଗ୍ୟତା ଓ ପରିଶ୍ରମ ବଳରେ ସମାଜର ଆଙ୍ଗିକ ଓ ସାମଗ୍ରିକ ଉନ୍ନତି ପାଇଁ କାମ କରନ୍ତୁ ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ । ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର ଯୋଗଦେଇ କହିଲେ ଅଧ୍ୟାପକମାନେ ସର୍ବଦା ଜ୍ଞାନ ଆହରଣରେ ବ୍ରତୀ ହୋଇ ନିଜ ନିଜର ଚିନ୍ତା ଓ ଚେତନାର ବିକାଶ କରିବା ଦରକାର । ଭଲ ଶିକ୍ଷାଦାନ ସହିତ ପ୍ରଶାସନିକ ଓ ନେତୃତ୍ୱ ନେବା କ୍ଷେତ୍ରରେ ଦକ୍ଷତା ହାସଲ କରିବା ଉଚିତ । ଓଡ଼ିଆ ବିଭାଗର ଅଧ୍ୟାପକଅଧ୍ୟାପିକା ଭାବରେ ଓଡ଼ିଆ ଭାଷାକୁ ଅଧିକ ଗ୍ରହଣୀୟ ଓ ଆଦରଣୀୟ କରିବା ଦିଗରେ ନିଷ୍ଠାପର ଉଦ୍ୟମ କଲେ ଓଡ଼ିଆ ଭାଷା ଆହୁରି ସମୃଦ୍ଧ ହୋଇପାରିବ ବୋଲି ସଚିବ ଶ୍ରୀ ମିଶ୍ର କହିଥିଲେ । ପ୍ରାରମ୍ଭରେ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ଶ୍ରୀ ସୁରେନ୍ଦ୍ର କୁମାର ପଣ୍ଡା ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ରାଜ୍ୟ ସିଲେକ୍ସନ୍ ବୋର୍ଡ ଦ୍ୱାରା ଚୟନ କରାଯାଇଥିବା ୧୨୦ ଜଣ ଓଡ଼ିଆ ବିଭାଗର ଅଧ୍ୟାପକଅଧ୍ୟାପିକାମାନଙ୍କୁ ପ୍ଲେସ୍‌ମେଂଟ ଅର୍ଡର ପ୍ରଦାନ କରାଯାଇଥିଲା । ସେମାନେ ପ୍ଲେସ୍‌ମେଂଟ ଅର୍ଡର ଅନୁସାରେ ରାଜ୍ୟର ବିଭିନ୍ନ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟଗୁଡ଼ିକ ଦ୍ୱାରା ନିଯୁକ୍ତ ହେବେ ।

# ଗଜପତିରେ ପ୍ରେମ, ମାଲକାନଗିରିରେ ବିବାହ

ମାଲକାନଗିରି,୨୬।୧୧ (ନି.ପ୍ର): ବିବାହ ବନ୍ଧନ ଏକ ପବିତ୍ର ବନ୍ଧନ ବିବାହ ଦୁଇଟି ଆତ୍ମାକୁ ସାତ ଜନ୍ମର ସାଥି କରିଥାଏ କ୍ଷହିନ୍ଦୁ ଧର୍ମରେ ବିବାହର ବନ୍ଧନକୁ ଏକ ପବିତ୍ର ବନ୍ଧନ କୁହାଯାଏ ।ଆଜି ଏହାକୁ ପ୍ରମାଣ କରିଛନ୍ତି ମାଲକାନଗିରି ଜିଲ୍ଲାର ମାଥିଲି ଗ୍ରାମବାସୀ କ୍ଷଶିବ କୁମାର ଓ ସୋଫିୟା ମୁସ୍କାନର ବିବାହ କରି । ଦୁହେଁ ଦୁହିଁଙ୍କୁ ଭଲ ପାଉଥିଲେ ମଧ୍ୟ ପ୍ରେମରେ ବାଧା ସାଜିଥିଲା ଧର୍ମ । କାରଣ ପୁଅ ହିନ୍ଦୁ ଓ ଝିଅ ମୁସଲିମ ଥିଲେ । ତେଣୁ ଦୁହେଁ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିରୁ ମାଲକାନଗିରି ଜିଲ୍ଲାର ମାଥିଲି ନିଜ ସମ୍ପର୍କୀୟଙ୍କ ଘରକୁ ପଳେଇ ଆସିଥିଲେ । ଏମାନଙ୍କ ଖବର ଅଂଚଳ ବାସି ଜାଣିବା ପରେ ଆଜି ସ୍ଥାନୀୟ ରାମ ମନ୍ଦିର ରେ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରାଇଥିଲେ । ଶିବସୋଫିୟାର ବିବାହ ବନ୍ଧନକୁ ସମ୍ପୂର୍ଣ୍ଣ କରିବା ପାଇଁ ସମ୍ପର୍କୀୟଙ୍କ ସହ ଅଂଚଳବାସୀ ସହଯୋଗ କରିଥିଲେ । ବିବାହରେ ଉପସ୍ଥିତ ଥିବା ଅଂଚଳବାସୀ, ସମ୍ପର୍କୀୟ ପୁରୋହିତ ସମସ୍ତେ ନବଦମ୍ପତିକୁ ଆଶୀର୍ବାଦ ଦେବା ସହ ନୂତନ ଜୀବନର ଶୁଭ କାମନା କରିଥିଲେ ।

## ଫ୍ଲାଏ ଓଭରବ୍ରିଜ ପାଇଁ ସାଂସଦଙ୍କୁ ଦାବିପତ୍ର

କୋରେଇ,୨୬।୧୧ (ନି.ପ୍ର): କୋରାଇ ବ୍ଲକ୍ ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ ଜହ୍ନା ଛକ ସ୍ଥିତ ବେଣାପୁର ବାଇପାସ ଉପରେ ଏବ ଫ୍ଲାଏ ଓଭରବ୍ରିଜ ନିର୍ମାଣ ପାଇଁ ଆଜି ସ୍ଥାନୀୟ ଲୋକେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀଙ୍କ ନିକଟରେ ଦାବି କରିଛନ୍ତି । ଆଜି ସାଂସଦ ଶ୍ରୀମତୀ ସେଠୀ କେନ୍ଦୁଝରର ଗସ୍ତରେ ଯାଉଥିବା ବେଳେ ଜହ୍ନା ଛକ ଠାରେ ବହୁ ସ୍ଥାନୀୟ ଲୋକେ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ଗତ କେଇବର୍ଷ ମଧ୍ୟରେ ବେଣାପୁର ବାଇପାସରେ ଦୁର୍ଘଟଣା ଗ୍ରସ୍ତ ହୋଇ ୫୦ରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିବା ସହ ଶତାଧିକ ଲୋକେ ଗରୁତର ଆହତ ହୋଇଛନ୍ତି । ଜାତୀୟ ରାଜପଥର ନିର୍ମାଣ ସମୟରେ ଠିକାକାମ ନେଇଥିବା ଗାୟତ୍ରୀ କଂଷ୍ଟ୍ରକସନ୍ ତ୍ରୁଟିପୂର୍ଣ୍ଣ ଓ ମନମୁଖୀ ଭାବରେ ରାସ୍ତାକାମ କରିଥିବା ଲୋକେ ଅଭିଯୋଗ କରିଥିଲେ । ଏନେଇ ବହୁବାର ସ୍ଥାନୀୟ ଲୋକେ ରାଜପଥ କର୍ତ୍ତୃପକ୍ଷଙ୍କ ସମେତ ଜିଲ୍ଲା ପ୍ରଶାସନ ନିକଟରେ ଗୁହାରୀ କରିଥିଲେ ମଧ୍ୟ ତାହା 'ଳପ୍ରଦ ହୋଇପାରୁନାହିଁ । ବ୍ୟାସନଗର ପୌରପରିଷଦର ଏହା ଏକ ପ୍ରମୁଖ ରାସ୍ତା ହୋଇଥିବା ସହ କେନ୍ଦୁଝର ଜିଲ୍ଲାକୁ ମଧ୍ୟ ସଂଯୋଗ କରୁଛି । ପ୍ରତ୍ୟେହ ହଜାର ହଜାର ଯାନବାହାନ ଏହି ରାସ୍ତା ଦେଇ ଯା'ଆସ କରିବା ସହିତ କୋରେଇ ବ୍ଲକ୍ କାର୍ଯ୍ୟାଳୟ, ମେଡିକାଲ, କଲେଜ ଆଦି ସ୍ଥାନକୁ ମଧ୍ୟ ହଜାର ହଜାର ଲୋକ ଏହି ରାସ୍ତା ଦେଇ ଯାଇଥାନ୍ତି । ତେଣୁ ବାଇପାସ ଉପରେ ଏକ ଫ୍ଲାଏ ଓଭରବ୍ରିଜ ନିର୍ମାଣ କରାଗଲେ ଅନେକାଂଶରେ ଲୋକଙ୍କ ଜୀବନ ପ୍ରତିଥିବା ବିପଦକୁ ଏଡାଇ ଦିଆଯାଇପାରନ୍ତା । ଏନେଇ ସ୍ଥାନୀୟ ବାସିନ୍ଦା ସ୍ମୃତିରଂଜନ ପତ୍ରୀ, ବିଦ୍ୟାଧର ସାହୁ, ପ୍ରୀତିରଂଜନ ସାହୁ, ଦାମସୁନ୍ଦର ପାଢୀ, ପ୍ରଶାନ୍ତ ପ୍ରହରାଜଙ୍କ ସମେତ ବହୁଲୋକ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ ।

# ଦିବ୍ୟାଙ୍ଗଙ୍କୁ ମିଳିଲା କୃତ୍ରିମ ଅଙ୍ଗ

ଧର୍ମଶାଳା,୨୬।୧୧ (ନି.ପ୍ର): ଆକସ୍ମିକ ଦୁର୍ଘଟଣାରେ ପ୍ରତିଦିନ ବହୁ ଲୋକଙ୍କ ହାତଗୋଡ ହରାଇ ଦିବ୍ୟାଙ୍ଗ ହେଉଯାଉଥିବା ନେଇ ନଜିର ରହିଛି । ହାତଗୋଡ ହରାଇଥିବା ଲୋକଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସରକାର ସେମାନଙ୍କୁ ମାଗଣାରେ କୃତ୍ରିମ ଅଙ୍ଗ ପ୍ରଦାନ କରୁଛନ୍ତି । ସେହିପରି ଆଜି ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତ ସେଖନଗର ଅଂଚଳର ୪୫ ବର୍ଷୀୟ ଦିବ୍ୟାଙ୍ଗ ହଲିମା ବିବିଙ୍କ ଏକ ରୋବଟିକ କୃତ୍ରିମ ଗୋଡ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ପରିଚାଳିତ ତରଫରୁ ଏହି କୃତ୍ରିମ ଗୋଡ ପ୍ରଦାନ କରାଯାଇଛି । ସୂଚନା ଥାଉକି ସେକ ରଫିକଙ୍କ ସ୍ତ୍ରୀ ହଲିମା ଅତ୍ୟଧିକ ମଧୁମେୟ ରୋଗରେ ଆକ୍ରାନ୍ତ ହୋଇଥିଲେ । ତେବେ ତାଙ୍କ ଗୋଡରେ ଏକ କ୍ଷତ ହୋଇଥିବାରୁ ତାଙ୍କ ଗୋଡ ସଂକ୍ରମଣ ହୋଇଥିଲା । ଫଳରେ ତାଙ୍କର ଗୋଟିଏ ଗୋଡ ହରାଇବାକୁ ପଡିଥିଲା । ତେଣୁ ସେ ଚଳପ୍ରଚଳ ପାଇଁ ନାନା ଅସୁବିଧାରେ ସମ୍ମୁଖୀନ ହୋଇଥିଲେ । ଏହି ସମସ୍ୟାର ସମାଧାନ ନିମନ୍ତେ ଏକ ହୁଇଲଚେୟାର ପାଇଁ ଜିଲାପ୍ରଶାସନ ନିକଟରେ ଅନୁରୋଧ କରିଥିଲେ । ଏହାପରେ ଯାଜପୁର ଜିଲାରେ ଦିବ୍ୟାଙ୍ଗ ପୁନର୍ବାର କେନ୍ଦ୍ର ନ ଥିବାରୁ ଭୁବନେଶ୍ୱର ପୁନର୍ବାର କେନ୍ଦ୍ରକୁ ନେଇ ଯୋଗାଯୋଗ କରି କୃତ୍ରିମ ଗୋଡର ବ୍ୟବସ୍ଥା କରାଯାଇଥିଲା । ଏହି ଗୋଡ ପାଇଥିବାରୁ ପରିବାର ଲୋକେ ଖୁସି ଜାହିର କରିଛନ୍ତି ।

# ଅଲଟ୍ରାସାଉଣ୍ଡ ସେଣ୍ଟରରେ ଲାଗିବ ସି ସି କ୍ୟାମେରା

କେନ୍ଦ୍ରାପଡା,୨୬।୧୧ (ନି.ପ୍ର): ୧୧ ଜିଲ୍ଲାରେ ଥିବା ଅଲଟ୍ରାସାଉଣ୍ଡ ସେଣ୍ଟର ଗୁଡିକରେ ସିସିଟିଭି କ୍ୟାମେରା ଲଗାଇବାକୁ ଏକ ଜିଲ୍ଲା ସ୍ତରୀୟ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ଏହା ସହ ଯେଉଁ ଘରୋଇ କ୍ଲିନିକ ଗୁଡିକ ଅଲଟ୍ରାସାଉଣ୍ଡ ପରିଚାଳନା କରିବା ପାଇଁ ନୂତନ ଡାକ୍ତର ନିଯୁକ୍ତି ଦେବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଆବେଦନ କରିଥିଲେ ସେ ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇ ଥିଲା । ଜିଲ୍ଲା ସ୍ୱାସ୍ଥ୍ୟସେବା ପରାମର୍ଶ ଦାତା କମିଟିର ବୁଧବାର ଅନୁଷ୍ଠିତ ବୈଠକରେ ଏହି ନିଷ୍ପତି ନିଆଯିବା ସହ ସ୍ୱାସ୍ଥ୍ୟସେବା କୁ ସୁପରିଚାଳନା ଓ ସୁନିୟନ୍ତ୍ରିତ କରିବା ପାଇଁ ବୈଠକରେ ବିଚାର ବିର୍ମଷ କରାଯାଇ ଥିଲା । ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ପରାମର୍ଶ ଦାତା କମିଟି ବୈଠକରେ ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ର ରେ ନୂଆ ଅଲଟ୍ରାସାଉଣ୍ଡ ୟୁନିଟ୍ ଖୋଲିବା ପାଇଁ ଆଲୋଚନା କରାଯାଇଛି । ଓଡିଶା ମେଡିକାଲ କରର୍ପୋରେସନ ଦେଇଥିବା ୨ଟି ଅଲଟ୍ରାସାଉଣ୍ଡ ମେସିନ୍ ମଧ୍ୟରୁ ଗୋଟିଏ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟକାରୀ ହେଉଥିବା ବେଳେ ଅନ୍ୟଟି ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାପନା କରାଯିବ । ଏହା ସହ ଜିଲ୍ଲାରେ ଥିବା ୧୭ଟି ଅଲଟ୍ରାସାଉଣ୍ଡ ସେଣ୍ଟର ମଧ୍ୟରୁ ୧୨ଟି କାର୍ଯ୍ୟକାରୀ ହେଉଥିବା ବେଳେ ୫ଟି ବନ୍ଦ ରହିଛି । ଏହି ଘରୋଇ ନର୍ସିଂହୋମ ମାନଙ୍କରେ ଭୃଣ ଲିଙ୍ଗ ନିରୁପଣ କରାଯାଉ ଥିବା ଅଭିଯୋଗ ଆସୁଥିବା ବେଳେ ଏହାକୁ ରୋକିବା ପାଇଁ ପ୍ରତ୍ୟେକ ଅଲଟ୍ରାସାଉଣ୍ଡ ୟୁନିଟ ମାନଙ୍କରେ ସିସିଟିଭି କ୍ୟାମେରା ଲଗାଇବା ବାଧ୍ୟତା ମୂଳକ କରାଯାଇଥିବା ଜଣା ପଡିଛି । ପୂର୍ବରୁ ଲାଇଫଲାଇନ, ସୂର୍ଯ୍ୟ, ସାଇ ପ୍ରଭୃତି କେତେକ ନର୍ସିଂହୋମ ଅଧିକ ଡାକ୍ତର ନିଯୁକ୍ତି ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଅନୁମତି ମାଗିଥିଲେ । ସେହି ଆବେଦନ ଗୁଡିକ ଉପରେ ମଧ୍ୟଯୟ ବୈଠକରେ ବିଚାର ବିମର୍ଷ କରାଯାଇ ଥିଲା । ଆଜିର ଏହି ବୈଠକରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅମିତାବ ପଟ୍ଟନାୟକ, ଡାକ୍ତର ସଚିଦାନନ୍ଦ ମିଶ୍ର, ଚିକିତ୍ସାଳୟ ସହକାରୀ ପରିଚାଳକ ପ୍ରଶାନ୍ତ କୁମାର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଚିନ୍ମୟୀ ରଥ ପ୍ରମୁଖ ଯୋଗଦେଇ ସିଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

## ରାସ୍ତା କଡରେ ପଡିଥିବା ଯୁବକଙ୍କୁ ଉଦ୍ଧାର

କୋରେଇ,୨୬।୧୧ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ଆଙ୍କୁଲା ରାସ୍ତାର ସୁଭାଷ ବୋଷ ଇଂଲିସ ମିଡିୟମ ସ୍କୁଲ ନିକଟରେ ରାସ୍ତା କଡରେ ଜଣେ ଯୁବକ ବାଇକ ସହ ପଡିଥିବାର ଦେଖି ପୁଲିସକୁ ଖବର ଦିଆଯାଇଥିଲା । ପୁଲିସ ଘଟଣାସ୍ଥଳେ ପହଂଚି ଯୁବକକୁ ଉଦ୍ଧାର କରିଥିଲା । ଯୁବକ ଜଣଙ୍କ କୌଣସି ମାଦକ ଦ୍ରବ୍ୟ ସେବନ ଯୋଗୁ ନିଶାସକ୍ତ ହୋଇ ପଡିଥିବା ଅନୁମାନ କରାଯାଥିଲା । ବ୍ୟବହୃତ ବାଇକକୁ ପୁଲିସ ଜବତ କରିବା ସହ ଉକ୍ତ ଯୁବକକୁ ଉଦ୍ଧାର କରି ଡାକ୍ତରଖାନା ଭର୍ତି କରିବା ସହ ତାର ପରିବାରକୁ ଖବର ଦିଆଯାଇଥିଲା । ଯୁବକ ଜଣଙ୍କ ବିଂଝାରପୁର ଥାନା ଅନ୍ତର୍ଗତ ଅରେଇ ଗ୍ରାମର ବୃନ୍ଦାବନ ଲେଙ୍କାଙ୍କ ପୁଅ ବିଶ୍ୱଜିତ ବୋଲି ଜଣାପଡିଛି । ହେଲେ ସେ କିପରି ନିଶାସକ୍ତ ହେଲେ ବା କେଉଁ କାରଣରୁ ଏଠାରେ ପଡି ରହିଥିଲେ ତାହା ଏଯାଏ ସ୍ପଷ୍ଟ ହୋଇନାହି ।

# ପୁନଃ ପ୍ରବେଶିକା ଫି ୭୦ ପ୍ରତିଶତ ଛାଡ଼ ଦାବିରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ସାମୁହିକ ଆତ୍ମାହୁତି ସ୍ଥଗିତ

ବାରିପଦା,୨୬।୧୧ (ନି.ପ୍ର): ବାରିପଦା ତଖତପୁରସ୍ଥିତ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ପୁନଃ ପ୍ରବେଶିକା ଫି ୭୦ ପ୍ରତିଶତ ଛାଡ଼ କରାଇବା ଦାବିରେ ନଭେମ୍ବର ୨୫ରେ ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ସାମୂହିକ ଆତ୍ମାହୁତି ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ରିଆଡ଼ମିଶନ ଫି ସିଣ୍ଡିକେଟରେ ପାଶ୍ ନ ହେବା ପର୍ଯ୍ୟନ୍ତ ଲାଗୁ କରାଯିବ ନାହିଁ ଏବଂ ସେ ପର୍ଯ୍ୟନ୍ତ ରିଆଡ଼ମିଶନକୁ ବନ୍ଦ ରଖାଗଲା ବୋଲି ୫୯୨/ପିଜିସି/ଏନଓୟୁ ପକ୍ଷରୁ ନୋଟିସ ବାହାର କରାଯିବା ପରେ ଆତ୍ମାହୁତିକୁ ସ୍ଥଗିତ ରଖାଯାଇଛି । ସୂଚନା ଯୋଗ୍ୟ ଯେ, ଆଦିବାସୀ ଅଧ୍ୟୁଷିତ ପଛୁଆ ଜିଲ୍ଲା ମୟୂରଭଞ୍ଜର ୭୦ ପ୍ରତିଶତ ଅଧିବାସୀ ଖଟିଖିଆ ବର୍ଗର । କରୋନା ମହାମାରୀ ଜିଲ୍ଲାବାସୀଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗଚୁରମାର କରାଇ ଦେଇଥିବା ବେଳେ ଜନସାଧାରଣ ସେମାନଙ୍କ ପରିବାରର ସଦସ୍ୟମାନଙ୍କ ମୁହଁରେ ଦୁଇ ବେଳା ଆହାର ଯୋଗାଇ ଦେବା ନିମନ୍ତେ ସଂଘର୍ଷ ଚଳାଇ ଆସୁଛନ୍ତି । ଏହି ସମୟରେ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ସେମାନଙ୍କର ପୁନଃ ପ୍ରବେଶିକା ଜମା କରିବା ନିମନ୍ତେ ଅସମର୍ଥ ଅଟନ୍ତି । ଫଳରେ ଉକ୍ତ ପୁନଃ ପ୍ରବେଶିକା ଫି ୭୦ ପ୍ରତିଶତ ଛାଡ଼ ଦାବି କରି ଆନ୍ଦୋଳନକୁ ଉହ୍ଲାଇ ଆସିଥିଲେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ । ଏଥି ସହିତ ଗତ ଅକ୍ଟୋବର ୭ରୁ ୧୦ ପର୍ଯ୍ୟନ୍ତ ଆମରଣ ଅନଶନରେ ବସିଥିଲେ । ଏହି ସମୟରେ ଛାତ୍ରଛାତ୍ରୀମାନଙ୍କ ଦାବି ପୂରଣ କରାଯିବା ନିମନ୍ତେ ବିଶ୍ୱବିଦ୍ୟାଳୟର କୁଳପତି, କୁଳସଚିବଙ୍କ ଲିଖିତ ପ୍ରତିଶ୍ରୁତି ପରେ ଛାତ୍ରଛାତ୍ରୀମାନେ ଚଳାଇ ଆସିଥିବା ଆମରଣ ଅନଶନକୁ ସ୍ଥଗିତ ରକିଥିଲେ । ଏହାପରେ ଛାତ୍ରଛାତ୍ରୀମାନଙ୍କ ଟିଉସନ ଫି ୫୦ ପ୍ରତିଶତ ଛାଡ଼ କରାଇଛନ୍ତି ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ ଏବଂ ଷ୍ଟଡ଼ି ଟୁର, ସେମିନାର ଫି ଫେରସ୍ତ ଦେବାର ମଧ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ପୁନଃ ପ୍ରବେଶିକା ଫି ୭୦ ପ୍ରତିଶତ ଛାଡ଼ କରାଇବା ଦାବିକୁ ନେଇ ଛାତ୍ରଛାତ୍ରୀମାନେ ବାରମ୍ବାର କୁଳପତି ଓ କୁଳସଚିବଙ୍କୁ ଅନୁରୋଧ କରି ଆସୁଥିବା ସମୟରେ କୁଳପତି କୁଳଧାପତିଙ୍କ ନିକଟକୁ ପତ୍ର ସଂଖ୍ୟା ୦୬/ଏନଓୟୁ/ଭିସି/ରେସଙ୍କୁ ଏକ ପତ୍ର ଲେଖିଥିଲେ । ଯଦି କୁଳଧିପତି ୭୦ ପ୍ରତିଶତ ଫି ଛାଡ଼ ନ କରାନ୍ତି , ତେବେ କୁଳପତି ଟିଉସନ ଫିର ୫୦ ପ୍ରତିଶତ ହ୍ରାସ କରାଇବେ ବୋଲି ଗତ ଅକ୍ଟୋବର ୧୦ରେ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା । କିନ୍ତୁ ଏହା ମଧରେ ଏକ ମାସ ୧୪ ଦିନରୁ ଅଧିକ ସମୟ ବିତି ଯାଇଥିଲେ ମଧ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବର୍ତମାନ ସମ୍ପୂର୍ଣ୍ଣ ପ୍ରବେଶିକା ଫି ନେବା ନିମନ୍ତେ ନୋଟିସ ଜାରି କରାଇଛନ୍ତି । ଯାହାକୁ ନେଇ ଛାତ୍ରଛାତ୍ରୀମାନେ ଭାଙ୍ଗିପଡ଼ିବା ସାଙ୍ଗକୁ ସାମୁହିକ ଆତ୍ମାହୁତି ଦେବାର ନିଷ୍ପତି ନେବାକୁ ବାଧ ହୋଇଥିଲେ ବୋଲି ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଚିତେଶ୍ୱର ବେହେରା, ପ୍ରଦୀପ କୁମାର ମୁର୍ମୁ, ଜଗବନ୍ଧୁ ଗିରି, ଦିନେଶ ମହାନ୍ତ, ହିମାଂଶୁ ଜେନା, ପ୍ରଦୀପ ବାରିକ, ମୁକେଶ ନାୟକ, ହିମାଂଶୁ ତରେଇ, ରାଜେଶ କୁମାର ଗିରି, ଲୋହିତ ବସା, ରଞ୍ଜିତା ବେହେରା, ଗୌରୀ ଟୁଡୁ, ପୂଜା ଗିରି ଓ ନମିତା ମୁର୍ମୁ ପ୍ରମୁଖ ଗଣମାଧମକୁ ପ୍ରେସ ଇସ୍ତାହାରରେ ସୂଚନା ପ୍ରଦାନ କରିଥିଲେ ।

# ଖଡିଆଳରେ କପା ମଣ୍ଡି ଖୋଲିବାକୁ ଦାବି

ନୂଆପଡା,୨୬।୧୧ (ନି.ପ୍ର): ନୂଆପଡା ଜିଲ୍ଲା ଏକ ଶିଳ୍ପ ବିହିନ ଜିଲା ରୂପେ ପରିଚିତ । ଏଠାକାର ଲୋକେ କୃଷି କିମ୍ବା ଶ୍ରମିକ କାର୍ଯ୍ୟ କରି ନିଜର ଜିବିକା ନିର୍ବାହ କରିଥାନ୍ତି । ବିଶେଷ କରି ଏଠାକାର ବାସିନ୍ଧା କୃଷି କାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି । ଜିଲ୍ଲାର ୭୦ ରୁ ୮୦ ପ୍ରତିଶତ ଲୋକେ କୃଷକ ଓ ଶ୍ରମିକ ଶ୍ରେଣୀର ଅଟନ୍ତି । କିନ୍ତୁ ଏଠାକାର ଚାଷୀ ଚାଷ କରୁଥିବା ଫସଲରେ ସବୁଠାରୁ ବେଶି କ୍ଷତିର ସମ୍ମୁଖୀନରେ ପଡୁଥିବା ଅଭିଯୋଗ କରିଛନ୍ତି । ଚଳିତ ବର୍ଷ ଧାନ ଫସଲ ମଧ୍ୟ ଯଥେଷ୍ଟ ପରିମାଣରେ ହୋଇନଥିବା ବେଳେ ଚଳିତ ବର୍ଷ କପା ଚାଷ କରି ବେଶ ଲାଭବାନ ହେବେ ବୋଲି ଆଶା କରିଥିଲେ । ଫଳରେ କପା ଚାଷରେ ଚାଷୀ ଲାଭବାନ ହେବାର ଯଥେଷ୍ଟ ସମ୍ଭାବନା ରହିଥିବା ବେଳେ ସେମାନଙ୍କ ପାଇଁ ବର୍ତମାନ ମଣ୍ଡି ଦାଉ ସାଧୁଛି । ଯାହା ଫଳରେ ଉପାର୍ଜିତ ହେଉଥିବା କପାକୁ କିଛି ଚାଷୀ ମାନେ ଗଚ୍ଛିତ କରି ରଖୁଥିବା ବେଳେ କିଛି ଚାଷୀ ପେଟପାଟଣା ପାଇଁ ବିକ୍ରୟ କରି ଦେଉଛନ୍ତି । ନୂଆପଡା ଜିଲ୍ଲାରେ ଚଳିତ ବର୍ଷ ୭ ହଜାର ହେକ୍ଟର ଜମିରେ ଚାଷୀ ମାନେ କପା ଚାଷ କରିଥିବା ସୂଚନା ମିଳିଛି । ଜିଲ୍ଲାର ମହୁଲକୋଟ, ଗୁମା, ଖନତରାଇ, ଭିମାଖୋଲ, ଗୁଡଭେଲି, ଭଇରାଜପୁର, କୋଟାମାଲ, ରାଣିମୁଣ୍ଡା ସହ ଅନ୍ୟାନ୍ୟ ଶତାଧିକ ଗ୍ରାମ ମାନଙ୍କରେ କପା ଚାଷୀ ମାନେ କପା ଚାଷ କରି ତୋଲିବା ଆରମ୍ଭ କରି ଦେଇଛନ୍ତି । କିନ୍ତୁ ଖଡିଆଳ ଅଂଚଳରେ ମଣ୍ଡିର ବ୍ୟବସ୍ଥା ନଥିବାରୁ ଚାଷୀ ମାନେ ବିଶେଷ ଭାବରେ ହଇରାଣ ହରକତରେ ପଡୁଛନ୍ତି । ଫଳରେ ଏଠାକାର କପା ଚାଷୀ ମାନେ କଂଟାବାଞ୍ଜି ସହ ଅନ୍ୟାନ୍ୟ ସ୍ଥାନରେ ନିର୍ଭର କରୁଛନ୍ତି । ଜିଲ୍ଲାର ଏକମାତ୍ର ସ୍ଥାନ ତରବୋଡରେ କପା ମଣ୍ଡି ଖୋଲା ଯାଇଥିବା ବେଳେ ଖଡିଆଳ ଅ ଳର ଚାଷୀଙ୍କ ପାଇଁ ଏହି ସ୍ଥାନ ଦୂରତା ରହିଥିବାରୁ ଚାଷୀ ମାନେ ଏହି କପା ମଣ୍ଡିକୁ ବିକ୍ରୀ ପାଇଁ ନନେଇ ଦଲାଲ କିମ୍ବା ଅନ୍ୟାନ୍ୟ ପାଖ ସ୍ଥାନ ମାନଙ୍କରେ ବିକ୍ରୟ କରି ଦେଉଛନ୍ତି । ଜିଲ୍ଲାର ପ୍ରମୁଖ ଏବଂ ମଧ୍ୟବର୍ତି ସ୍ଥାନ ଭାବରେ ଖଡିଆଳ ପରିଚିତ ଥିବାରୁ ଏଠାରେ ଦୀର୍ଘ ବର୍ଷରୁ କପା ମଣ୍ଡି ଖୋଲିବା ପାଇଁ ଦାବୀ ହୋଇ ଆସୁଥିଲେ ମଧ୍ୟ ପ୍ରଶାସନିକ କ୍ଷେତ୍ରରେ କୌଣସି ବିହିତ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଯାହାଫଳରେ ଚାଷୀ ମାନେ ଧାନ ଭଳି କପାର ମଧ୍ୟ ଅଭାବି ବିକ୍ରି ଶିକାରରେ ପଡୁଛନ୍ତି । ଯାହାଫଳରେ ଅ ଳର ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଖଡିଆଳ ଠାରେ କପା ମଣ୍ଡି ଖୋଲିବା ସହ କପା ଚାଷୀଙ୍କୁ ଉଚିତ ଦର ଯୋଗାଇ ଦେବାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।

## ମସୁଦପୁର ଜବର ଦଖଲ ଉଚ୍ଛେଦ ମାମଲା, ୧୬ ନୋଟିସ ଧାରୀଙ୍କ ହାଜର

କୋରେଇ,୨୬।୧୧ (ନି.ପ୍ର): ରାସ୍ତା ସମ୍ପ୍ରସାରଣ ପାଇଁ ପାଣିକୋଇଲି ରାଜସ୍ୱ ବିଭାଗ ଅଧିନସ୍ଥ ଗୋଳେଇପୁର ପଂଚାୟତର ମସୁଦପୁର ବଜାରରୁ ୨୯ ଟି ଜବରଦଖଲକାରୀଙ୍କୁ ପ୍ରଶାସନ ପକ୍ଷରୁ ଉଚ୍ଛେ୍ୟଦ କରାଯାଇଥିବା ବେଳେ ଆଉ ୧୬ ଜଣଙ୍କୁ ନୋଟିସ ଜାରି କରାଯାଇଥିଲା । ତଦନୁଯାୟୀ ଆଜି ୧୬ ଜଣ ବ୍ୟବସାୟୀ ପାଣିକୋଇଲି ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟରେ ନୋଟିସର ଜବାବ ଦାଖଲ କରିଛନ୍ତି । ଏଥି ସହିତ ଗୋଚରରେ ନିର୍ମିତ ମାର୍କେଟ କମ୍ପ୍ଲେସ ଭାଙ୍ଗିବା ପାଇ ହୋଇଥିବା ନୋଟିସର ଜବାବ ସରପଂଚ କାର୍ତିକ ଦାସ ଦେଇଛନ୍ତି । ସମୟନେଇ ଏହାକୁ ଭାଙ୍ଗିବାକୁ ଉତର ରଖିଛନ୍ତି । ପୂର୍ବରୁ ୨୯ ଦୋକାନି ସେମାନଙ୍କ ଜବାବରେ କରୋନା ସମୟରେ ସେମାନଙ୍କୁ ଅନ୍ୟତ୍ର ସ୍ଥାନ ନିରୁପଣ ନକରି ଭଙ୍ଗାକୁ ବିରୋଧ କରି ଉଚ୍ଚ ନ୍ୟାୟାଳୟର ଆଶ୍ରା ନେଇଥିଲେ । ମାତ୍ର ରାସ୍ତା ସମ୍ପ୍ରସାରଣ ପାଇଁ ସମସ୍ତ ଆଇନଗତ ପ୍ରକ୍ରିୟା ପରେ ବଜାର ଭଙ୍ଗା ଅଭିଯାନ ଆରମ୍ଭ ହୋଇଥିଲା । ଯାହା ଫଳରେ ଏଭରଗ୍ରୀନ କ୍ଲବ ପୋଷ୍ଟ ଅଫିସ ସମେତ ୨୯ଟି ଦୋକାନ ଭଙ୍ଗାଯାଇଥିଲା । ଫଳରେ ୨୯ ଦୋକାନି ସେମାନଙ୍କ ଜୀବିକା ହରାଇବାକୁ ବାଧ୍ୟ ହୋଇଥିଲେ । ନୂତନ ମହାବୀର କ୍ଲବ ସମେତ୧୬ଜଣ ଆଜି ସେମାନଙ୍କ ନୋଟିସର ଜବାବ ରଖିଥିଲେ ମଧ୍ୟ ଆହୁରି ଅନେକ ଦୋକାନିଙ୍କ ପ୍ରଶାସନ ପକ୍ଷରୁ ନୋଟିସ ଦିଆଯାଇନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସମସ୍ତ ଜବର ଦଖଲ କାରୀଙ୍କୁ ତୁରନ୍ତ ହଟାଇବାକୁ ସାଧାରଣରେ ଦାବି ହୋଇଛି ।

# ଅହମ୍ମଦ ପଟେଲଙ୍କ ବିୟୋଗରେ କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର,୨୬।୧୧ (ନି.ପ୍ର): ବରିଷ୍ଠ କଂଗ୍ରେସ ନେତା, ଅଖିଳ ଭାରତ କଂଗ୍ରେସ କମିଟିର କୋଷାଧ୍ୟକ୍ଷ ତଥା ରାଜ୍ୟସଭା ସାଂସଦ ଶ୍ରୀ ଅହମ୍ମଦ ପଟେଲଙ୍କ ବିୟୋଗରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ଦଳୀୟ ପତାକାକୁ ୩ ଦିନ ନିମନ୍ତେ ଅର୍ଦ୍ଧନମିତ କରାଯାଇଛି । ଏହି ଉପଲକ୍ଷେ ବୁଧବାର ଅପରାହ୍ନରେ ଏକ ସ୍ମୃତିସଭା କଂଗ୍ରେସ ଭବନ ଠାରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ପଟେଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଶ୍ରଦ୍ଧାଞ୍ଜଳି ଜଣାଇ ଶ୍ରୀ ପଟ୍ଟନାୟକ କହିଲେ ଯେ ଅହମ୍ମଦ ପଟେଲଙ୍କର ମୃତ୍ୟୁ କଂଗ୍ରେସ ଦଳ ପାଇଁ ଏକ ଅପୂରଣୀୟ କ୍ଷତି । ସେ ଦୀର୍ଘ ୪୦ ବର୍ଷ ଧରି କଂଗ୍ରେସର ଶକ୍ତି ବୃଦ୍ଧିରେ ଦିଗ୍‌ଦର୍ଶନ ଦେଇ ଆସୁଥିଲେ । ଦଳର ବିଭିନ୍ନ ସାଂଗଠନିକ ସମସ୍ୟା ସମୟରେ ସେ ଏହାର ସମାଧାନର ସୂତ୍ର ବାହାର କରିବାରେ ସିଦ୍ଧହସ୍ତ ଥିଲେ । ସ୍ୱର୍ଗତ ପଟେଲ ଦୀର୍ଘ ୪୦ ବର୍ଷର ରାଜନୈତିକ ଜୀବନରେ ୧୯୭୭ ମସିହା ଠାରୁ ୧୯୮୯ ମସିହା ପର୍ଯ୍ୟନ୍ତ ଲୋକସଭାରେ ୩ ଥର ସାଂସଦ ଥିଲେ । ୧୯୯୩ ମସିହା ଠାରୁ ୨୦୨୦ ମସିହା ପର୍ଯ୍ୟନ୍ତ ରାଜ୍ୟସଭା ସାଂସଦ ଭାବେ ଗୁରୁ ଦାୟିତ୍ୱ ତୁଲାଇଥିଲେ । ସେ ମଧ ଜାତୀୟ କଂଗ୍ରେସ ଅଧକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀଙ୍କର ରାଜନୈତିକ ସଚିବ ଥିଲେ । କଂଗ୍ରେସ ସଂଗଠନକୁ କିଭଳି ସୁଦୃଢ଼ କରାଯିବ ସେଥିପାଇଁ ସେ ସବୁବେଳେ ଚେଷ୍ଟିତ ଓ ଚିନ୍ତିତ ଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଂଟିଆ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ବିଧାୟକ ସୁରେଶ କୁମାର ରାଉତରାୟ, କଂଗ୍ରେସ ନେତା ସର୍ବଶ୍ରୀ ଶିବାନନ୍ଦ ରାୟ, ବିପିନ୍ ଦାସ, ଜାନକୀ ବଲ୍ଲଭ ପଟ୍ଟନାୟକ, ବିଶ୍ୱଜିତ୍ ଦାସ, ରଶ୍ମି ମହାପାତ୍ର, ରାଜୀବ ପଟ୍ଟନାୟକ, ଉମାଶଙ୍କର ସାହୁ, ଖଗେଶ୍ୱର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ଭାସ୍କର୍ଯ୍ୟ ଶିଳ୍ପୀ ବିପ୍ରଚରଣ ମହାନ୍ତିଙ୍କ ୯୩ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୬।୧୧ (ନି.ପ୍ର): ଓଡ଼ିଶାର ବ୍ରୋଞ୍ଜ ପ୍ରତିମୂର୍ତି ନିର୍ମାଣର ଜନକ ଭସ୍କେର୍ଯ୍ୟଶିଳ୍ପୀ ବିପ୍ରଚରଣ ମହାନ୍ତିଙ୍କ ରାଜ୍ୟସ୍ତରୀୟ ୯୩ତମ ଜୟନ୍ତୀ ପାଳିତ ହୋଇଯାଇଛି । ବିପ୍ରଚରଣ ମହାନ୍ତି ଫାଉଣ୍ଡେସନ ଟ୍ରଷ୍ଟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦାନ କରି ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ରାଜ୍ୟ ଗୃହ ନିର୍ମାଣ ନିଗମର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ଖୋର୍ଦ୍ଧା ଜିଲ୍ଲାପାଳ ସନତ କୁମାର ମହାନ୍ତି, ଧଉଳି ଗ୍ରରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପଂଚାନନ ସାମଲ ଭାସ୍କର୍ଯ୍ୟ ଶିଳ୍ପୀଙ୍କର ସ୍ମୃତିଚାରଣ କରି ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ଧଉଳି ଗ୍ରରୁକଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କୋଭିଡ୍ ସଚେତନତା ବିଷୟବସ୍ତୁକୁ ଆଧାର କରି ଭାସ୍କର୍ଯ୍ୟ ଓ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ପ୍ରଦର୍ଶନୀରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଚଳିତ ଶିକ୍ଷାବର୍ଷ ପାଇଁ ଧଉଳି ଗ୍ରରୁକଳା ମହାବିଦ୍ୟାଳୟର ଭାସ୍କର୍ଯ୍ୟ ବିଭାଗର ଛାତ୍ରୀ ସରସ୍ୱତୀ ଅଙ୍ଗରିଆଙ୍କୁ ଟ୍ରଷ୍ଟର ଅଧ୍ୟକ୍ଷା ରୀତା ମହାନ୍ତି ଛାତ୍ରବୃତି ପ୍ରଦାନ କରିଥିଲେ । ବିଗତ ଶତାବ୍ଦୀର ଶେଷାର୍ଦ୍ଧରେ ଓଡ଼ିଶାରେ ପ୍ରତିମୂର୍ତି ନିର୍ମାଣ କହିଲେ ବିପ୍ରଚରଣ ମହାନ୍ତିଙ୍କୁ ବୁଝାଏ । ମଧୁବାବୁଙ୍କ ଠାରୁ ଆରମ୍ଭ କରି ବିଜୁବାବୁଙ୍କ ପର୍ଯ୍ୟନ୍ତ ଉତ୍କଳର ସମସ୍ତ ବରପୁତ୍ର ଓ ମହାତ୍ମା ଗାନ୍ଧୀ, ପଣ୍ଡିତ ନେହେରୁ, ସୁବାଷ ଚନ୍ଦ୍ର ବୋଷ ଓ ବିର୍ସାମୁଣ୍ଡା ପ୍ରଭୃତି ଅନେକ ଜନନାୟକଙ୍କର ଏକଶତରୁ ଉର୍ଦ୍ଧ୍ୱ ପ୍ରତିମୂର୍ତି ନିର୍ମାଣ କରି ସେ ଚିର ସ୍ମରଣୀୟ । ତାଙ୍କ ଦ୍ୱାରା ନିର୍ମିତ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତି ସାଂସଦ ଭବନ ପରିସରରେ ସ୍ଥାପନା ଅବସରରେ ସେ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ ।

## ଭିନ୍ନଗ୍ରହର ପ୍ରାଣୀଙ୍କ ପାଇଁ ମଞ୍ଚ !

ଭିନ୍ନ ଗ୍ରହରେ ବାସକରୁଥିବା ମଣିଷ ଭଳି ଚତୁର ପ୍ରାଣୀ ଏକ କଳ୍ପନା ହୋଇପାରେ; ତଥାପି ଅନେକ ଏ ଭଳି ପ୍ରାଣୀଙ୍କ ଉପସ୍ଥିତିରେ ବିଶ୍ୱାସ କରନ୍ତି । କାରଣ, ସେମାନେ ବ୍ୟବହାର କରୁଥିବା 'ଉଡ଼ନ୍ତା ଥାଳିଆ' ବା ଅନ୍ୟ ବିଚିତ୍ର ମହାକାଶଯାନ ଆଦି ପୃଥିବୀକୁ ଆସୁଥିବା ମିଥ୍ୟାବୋଲି ବିଜ୍ଞାନୀମାନେ ଅଦ୍ୟାବଧି ପ୍ରମାଣିତ କରିପାରିନାହାନ୍ତି । ଏଭଳି ଅଜବ ଯାନର ଅବତରଣ ପାଇଁ ଯୁକ୍ତରାଷ୍ଟ୍ର ଆମେରିକାରେ ଏକ ମଞ୍ଚ ବା ପ୍ଲାଟଫର୍ମ ଅଛି । ମଞ୍ଚଟି ଉଇସକନସିନ୍ ଅନ୍ତର୍ଗତ ପୋଲାଣ୍ଡ ସହରରେ ଅବସ୍ଥିତ । ଉଭଟ ବିଶ୍ୱାସକୁ ନେଇ ସ୍ଥାନୀୟ ଲୋକେ ହିଁ ନିଜ ଖର୍ଚ୍ଚରେ ସେଇଟିକୁ ଗଢ଼ିଥିବା ପ୍ରକାଶ । ସେମାନଙ୍କ ବିଶ୍ୱାସ ଯଦି ଭିନ୍ନ ଗ୍ରହର ଜିବ ପୋଲାଣ୍ଡ ବୁଲିବାକୁ ଆସିବେ, ନିଜର ସୁବିଧା ପାଇଁ ସେହି ମଞ୍ଚ ଉପରେ ନିଶ୍ଚିତ ଭାବେ ଓହ୍ଲାଇବେ । ଭୂମି ଉପରୁ ମଞ୍ଚଟିର ଉଚ୍ଚତା ବୟାଳିଶ ଫୁଟ୍ ଏବଂ ସେଇଟି ଲୁହାରେ ଗଢ଼ା ।

## ଫ୍ରିଜରୁ ଦୂରେଇ ରଖନ୍ତୁ ଏ ସବୁ ଫଳ

ସାଧାରଣ ଅଧିକାଂଶ ଲୋକଙ୍କର ଧାରଣା ଯେ ଫ୍ରିଜରେ ଫଳ ଓ ପନିପରିବା ରଖିଲେ, ଏଗୁଡ଼ିକ ଅଧିକ ସମୟ ସତେଜ ହୋଇ ରହିଥାଏ । ହେଲେ ଅନେକାଂଶରେ ଏହା ଭୁଲ ମଧ ପ୍ରମାଣିତ ହୋଇଥାଏ । ଗୃହିଣୀମାନେ ସବୁବେଳେ ଧାନରେ ରଖିବା ଉଚିତ ଯେ କେଉଁ ଫଳଗୁଡ଼ିକୁ ଫ୍ରିଜରେ ରଖିଲେ ତାହା ଶୀଘ୍ର ନଷ୍ଟ ହୋଇଥାଏ ।

ତରଭୁଜ ଓ ଖରଭୁଜରେ ଅଧିକ ପରିମାଣରେ ଆଣ୍ଟିଅକ୍ସିହାଣ୍ଟ ଥାଏ । ସେଥିପାଇଁ ଏହି ଫଳ ଫ୍ରିଜରେ ବେଶୀ ସମୟ ରହିଲେ ତାହା ଖରାପ ହୋଇଯାଏ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ, ଫ୍ରିଜରେ ତରଭୁଜକୁ ୧ଘଣ୍ଟାରୁ ଅଧିକ ସମୟ ରଖିବା ଉଚିତ ନୁହେଁ । ସେଓକୁ ଦିନଦିନ ଧରି ଫ୍ରିଜରେ ରଖିଲେ ସେଥିରେ ଥିବା ଏନଜାଇମ ସକ୍ରିୟ ହୋଇଯାନ୍ତି, ଫଳ ସେଥିପାଇଁ ଶୀଘ୍ର ପଚିଯାଏ ଅବଶ୍ୟ ସେଓକୁ କାଗଜରେ ଗୁଡ଼ାଇ ଫ୍ରିଜରେ ରଖିହେବ । କେବଳ ଫଳକୁ ଥଣ୍ଡା ଭାବରେ ଖାଇଥବାକୁ ଚାହୁଁଥିଲେ ଖାଇବାର ୩୦ ମିନିଟ୍ ପୂର୍ବରୁ ଫ୍ରିଜରେ ରଖନ୍ତୁ ।

କମଳା ଓ ଲେମ୍ବୁକୁ ଫ୍ରିଜରେ ରଖିଲେ ଏହାର ଚୋପାରେ ହିଁ ଦାଗ ପଡ଼ିଯାଏ । ଏହି ଫଳଗୁଡ଼ିକରେ ସାଇଟ୍ରିକ୍ ଅମ୍ଳ ଅଧିକ ପରିମାଣରେ ଥିବାରୁ ଫ୍ରିଜର ଥଣ୍ଡାପଣକୁ ପ୍ରତିରୋଧ କରିପାରିନଥାନ୍ତି । ଫ୍ରିଜରେ ଏସବୁ ଫଳ ରଖିଲେ ଏହାର ରସ ଶୁଖିବା ସହ ସ୍ୱାଦ ମଧ ବଦଳିଯାଏ । ଫ୍ରିଜରେ କେବେହେଲେ ଆଳୁ କିମ୍ବା ଅଳୁରୁ ପ୍ରସ୍ତୁତ ବ୍ୟଞ୍ଜନ ରଖିବେ ନାହିଁ । ସେଠାରେ ରଖିଲେ ଏଥିରେ ଥିବା ଷ୍ଟାଚ ସୁଗାରରେ ପରିଣତ ହୋଇଥାଏ । ଏପରିକି ଆଳୁର ସ୍ୱାଦ ମଧ ପରିବର୍ତ୍ତନ ହୁଏ ।

ପିଆଜକୁ ଫ୍ରିଜରେ ରଖିଲେ ତାହାର ପୋଷକ ତତ୍ତ୍ୱ ଶୀଘ୍ର ନଷ୍ଟ ହୁଏ ବୋଲି ଖାଦ୍ୟ ବିଶେଷଜ୍ଞମାନେ ନିକଟରେ ପ୍ରକାଶ କରିଛନ୍ତି ।

କଦଳୀକୁ ଫ୍ରିଜରେ ରଖିଲେ ତାହା କଳା ପଡ଼ିଯାଏ । ଏହା ସହ ଫ୍ରିଜରେ ରଖିବା ଦ୍ୱାରା କଦଳୀରୁ ଇଥାଇଲିନ ଗ୍ୟାସ ନିର୍ଗତ ହୁଏ । କଦଳୀ ବାହାରେ ରହିଲେ ଅଧିକ ସମୟ ସତେଜ ରହେ ।







## ଭେଣ୍ଡି ଖାଇ ସୁସ୍ଥ ରହନ୍ତୁ

- ସ୍ୱାସ୍ଥ୍ୟ ଉପଯୋଗୀ ଭେଣ୍ଡି ପରିବାଟି ନିୟମିତ ଖାଇବା ଖୁବ ଉପକାରୀ ।
- ଭେଣ୍ଡି ଖାଇଲେ ଶରୀରରେ ଲାଲ ରକ୍ତ କଣିକା ଅଧିକ ସୃଷ୍ଟି ହୁଏ ।
- ଏହାକୁ ନିୟମିତ ଭାଜି ଖାଇଲେ ଓଜନ ହ୍ରାସ ଶୀଘ୍ର ହୋଇଥାଏ ବୋଲି ଲଣ୍ଡନ ଗବେଷକଗଣ ପ୍ରକାଶ କରିଛନ୍ତି ।
- ଏଥିରେ ଭିଟାମିନ ସି ଥିବା ଯୋଗୁଁ ଶ୍ୱାସରୋଗୀଙ୍କ ପାଇଁ ଉପକାରୀ ।
- ଏହା ମଧୁମେହ ରୋଗୀଙ୍କ ସ୍ୱାସ୍ଥ୍ୟ ପାଇଁ ଭଲ । ପିଲାମାନେ ଭେଣ୍ଡି ଖାଇବା ଦ୍ୱାରା ସେମାନଙ୍କ ଦୃଷ୍ଟି ଶକ୍ତିବଢ଼େ ।
- ଏହି ପରିବା ଖାଇଲେ ହୃଦ୍‌ରୋଗ ହେବାର ଆଶଙ୍କା କମ ରହେ ।
- ଭେଣ୍ଡି ଖାଇଲେ ରୋଗପ୍ରତିରୋଧକ ଶକ୍ତି ମଧ ବୃଦ୍ଧି ପାଏ ।
- କର୍କଟ ରୋଗର ଆଶଙ୍କା ମଧ ଏହା ଖାଇଲେ କମ ହୁଏ ।



## ଦୁର୍ଭାଗ୍ୟ ଦୂର କରିବ କାକଟସ୍

ବାସ୍ତୁଶାସ୍ତ୍ର ଅନୁସାରେ କାକଟସ ଗଛ ଲଗାଇବା ପରିବାର ପାଇଁ ଖରାପ ହୋଇଥାଏ । ଏହି ଘଛ ଲଗାଇବା ଦ୍ୱାରା ସବୁ କାମରେ ବିଫଳ ହେବା ସହ ନିଜ ଭାଗ୍ୟ ମଧ ଆପଣଙ୍କ ହାତ ଛାଡ଼ି ଦେଇଥାଏ । କିନ୍ତୁ ଯଦି ଆପଣଙ୍କ ଘରଠାରୁ ୫୦ ମିଟର ଦୂରରେ ଦକ୍ଷିଣ ଓ ପଶ୍ଚିମ ଦିଗରେ ଏହି କାକଟସ ଗଛ ରହିଛି, ତେବେ ଏହା ଆପଣଙ୍କ ପାଇଁ ଅତ୍ୟନ୍ତ ଶୁଭଦାୟକ ହୋଇଥାଏ । ଏହା ଆପଣଙ୍କ ଭାଗ୍ୟକୁ ପରିବର୍ତ୍ତନ କରିବାରେ ବିଶେଷ ସହାୟକ ହୁଏ । ପଦୋନ୍ନତିରେ ଅସୁବିଧା ହେଉଥିଲେ:- ଘରର ଦକ୍ଷିଣ-ପଶ୍ଚିମ ଦିଗରେ ଥିବା କାକଟସ ଗଛରେ ପ୍ରତିଦିନ କ୍ଷୀର ଓ ପାଣି ଢ଼ାଳିବା ଦ୍ୱାରା ଆପଣଙ୍କ ପଦୋନ୍ନତିର ଉପୁଜୁଥିବା ଅସୁବିଧା ସମାପ୍ତ ହୋଇଥାଏ ।

**ଟେନସନ ଦୂର କରେ:-** ରାତିରେ ଶୋଇବା ପୂର୍ବରୁ ଏକ ତମ୍ବା ପାତ୍ରରେ ପାଣି ରଖି ତାକୁ ସକାଳେ ଉଠିବା ପରେ କାହା ସହ କଥା ନ ହୋଇ ସେହି ପାଣିକୁ ନେଇ କାକଟସ ଗଛରେ ଢ଼ାଳି ଦିଅନ୍ତୁ । ଏହାଦ୍ୱାରା ଆପଣ ଦୁର୍ଭାଗ୍ୟ ଦୂର ହୋଇଥାଏ ।







## ବଦହଜମିର ଉପଚାର

କର୍ମମୟ ଜୀବନରେ ଖାଦ୍ୟ ପାନୀୟରେ ବହୁବିଧ ସମସ୍ୟା ଭୋଗ କରିବାକୁ ପଡ଼ିଥାଏ । ଯାହାଦ୍ୱାରା ପେଟଜନିତ ଯନ୍ତ୍ରଣା ଭୋଗ କରିବାକୁ ପଡ଼ିଥାଏ ସେଥିପାଇଁ ଡାକ୍ତରଖାନାରେ ସମୟ ଦେବାକୁ ପଡ଼ିଥାଏ । ଭଲ ନହେଲେ ବହୁ ଦିନ ପର୍ଯ୍ୟନ୍ତ କଷ୍ଟ ଲାଗିରହିଥାଏ । ସେଥିରୁ ରକ୍ଷା ପାଇବପା ପାଇଁ କିଛି ଘରୋଇ ଉପଚାର:





**ଡାଲଚିନି-** ଡାଲଚିନି ବହୁ ଉପକାରୀ ମସଲା ମଧ୍ୟରେ ଗୋଟିଏ ହୋଇଥାଏ । ଯାହାକୁ ଗୁଣ୍ଡ କରି ଉଷୁମ ପାଣିରେ ମିଶାଇ ପିଇବା ଦ୍ୱାରା ପେଟରେ ବଦଳହଜମୀ ଜନିତ ସମସ୍ୟାକୁ ରୋକାଯାଇ ପାରିବ । ଏଥିରେ ମହୁ ମିଶାଇ ଖାଇଲେ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ ।

**ଅଦା -** ବଦହଜମୀ ଜନିତ ସମସ୍ୟା ପାଇଁ ଅଦା ମଧ ବହୁ ଉପକାରୀ ହୋଇଥାଏ । ଅଦା ସହ ପାନ ମଧୁରୀ, ଗୁଜୁରାତି ଓ ଅଳ୍ପ ହେଙ୍ଗୁ ପାଣିରେ ମିଶାଇ ପିଇଲେ ଏହି ସମସ୍ୟା ରହେ ନାହିଁ ।

**ଲେମ୍ବୁ ରସ ଓ ବେକିଙ୍ଗ ସୋଡ଼ା -** ଲେମ୍ବୁ ରସ ଓ ବେକିଙ୍ଗ ସୋଡ଼ା ଏହି ସମସ୍ୟା ପାଇଁ ଉପକାରୀ ଔଷଧ ରୂପେ କାର୍ଯ୍ୟ କରିଥାଏ । ଅଳ୍ପ ପାଣିରେ ଲେମ୍ବୁ, ବେକିଙ୍ଗ ସୋଡ଼ା ମିଶାଇ ସେବନ କରିବା ଦ୍ୱାରା ବଦହଜମୀ ଜନିତ ସମସ୍ୟାକୁ ଦୂର କରାଯାଇପାରିବ ।

**ରସୁଣ-** ଏହି ପେଟ ଜନିତ ସମସ୍ୟା ପାଇଁ ରସୁଣ ଔଷଧ ପରି କାର୍ଯ୍ୟ କରିଥାଏ । ରସୁଣ ଡେମ୍ଫ ସହ କିଛି ଜିରାକୁ ପାଣିରେ ଫୁଟାଇ ଥଣ୍ଡା କରି ପିଇଲେ କଷ୍ଟ କମିଯାଇଥାଏ ।

**ହେଙ୍ଗୁ-** ହେଙ୍ଗୁ ଖାଇଲେ ମଧ ବଦହଜମୀରୁ ଆରାମ ମିଳିଥାଏ । ହେଙ୍ଗୁକୁ ଗୁଣ୍ଡ କରି ପାଣିରେ ମିଶାଇ ଦିନକୁ ଦୁଇ ତିନିଥର ପାନ କରିବା ଦ୍ୱାରା ଗ୍ୟାଷ୍ଟ୍ରିକ୍ ସମସ୍ୟା ରହେନାହିଁ ।

**ପାନ ମଧୁରୀ-** ଗ୍ୟାଷ୍ଟ୍ରିକ୍ ସମସ୍ୟା ପାଇଁ ପାନ ମଧୁରୀକୁ ଗରମ ପାଣିରେ ପକାଇ ସେବନ କଲେ ମଧ ଏହାକୁ ଏଡାଯାଇପାରିବ । ପାନମଧୁରୀ ପତ୍ରକୁ ଚୋବାଇଲେ ମଧ ଏହି ସମସ୍ୟା ରହିବନାହିଁ ।











## ରଙ୍ଗ ବଦଳୁଥିବା କୃତ୍ରିମ ଚର୍ମ

ଲଣ୍ଡନର କ୍ୟାମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଦଳେ ଗବେଷକ- ବିଜ୍ଞାନୀ କୃତ୍ରିମ ଚର୍ମ ବିକଶିତ କରିଛନ୍ତି । ଏହି ଚର୍ମର ବିଶେଷତ୍ୱ ହେଲା, ଆଲୋକ ଓ ଉତ୍ତାପ ସଂସ୍ପର୍ଶରେ ଆସିଲେ ଏହାର ରଙ୍ଗ ବଦଳିଯାଏ । ପଲିମର ଉପରେ ସୁନା ଆସ୍ତରଣ ସହାୟତାରେ ଏପରି ଚର୍ମ ପ୍ରସ୍ତୁତ ସମ୍ଭବ ହୋଇପାରିଛି । ଋତୁ ଅନୁସାରେ ରଙ୍ଗ ବଦଳାଉଥିବା ଏକାଧିକ ପ୍ରଜାତିର ଏଣ୍ଡୁଅର ପରୀକ୍ଷଣ ଓ ଅଧ୍ୟୟନ ପରେ ଏପରି ଚର୍ମ ବିକଶିତ ପାଇଁ ଗବେଷକମାନେ ଉତ୍ସାହିତ ହୋଇଥିଲେ । ଏ ବାବଦରେ ବିସ୍ତୃତ ରିପୋର୍ଟ 'ଆଡଭାନସ ଅପଟିକାଲ ମ୍ୟାଟେରିଆଲ' ପତ୍ରିକାରେ ପ୍ରକାଶ ପାଇଛି ।

## ଉପକାରୀ ଖାଦ୍ୟ

ବ୍ୟସ୍ତ ମଣିଷ ସମୟ ସହିତ ତାଳ ଦେଇ ଧାଉଁଛି । ଏସବୁ ଭିତରେ ଖାଦ୍ୟପେୟ ଉପରେ ଅଧିକାଂଶ ଧ୍ୟାନ ଦେଇପାରୁନାହାନ୍ତି । କାନାଡାର ଏକ ଗବେଷକ ଦଳ ଏସବୁ ଉପରେ ଅନୁଧାନ କରି କିଛି ତଥ୍ୟ ପ୍ରକାଶ କରିଛନ୍ତି ।

ମକା ଖଇ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ । ମୁଠାଏ ମକାଖଇ ଖାଇଲେ ୩୧ ଖାଦ୍ୟଜ ଶକ୍ତି ଓ ୬ ଗ୍ରାମ କାର୍ବୋହାଇ ଡ୍ରେଟ୍ ମିଳେ ।

ଗୋଟିଏ କଦଳୀ ସକାଳ ଜଳଖିଆରେ ଖାଇଲେ ପୂରା ଦିନ ଶରୀରକୁ ଶକ୍ତିଦିଏ । ଏଥିରେ ଫାଇବର ଓ ଭିଟାମିନ-୬ ଅଛି, ଯାହା ବିଭିନ୍ନ ପ୍ରକାର କାର୍ଯ୍ୟ କରିବାକୁ ବଳ ଦେଇଥାଏ ।

ବିନ୍ସ ଭଜା କିମ୍ବା ସାଲାଡରେ ଖାଇଲେ ଓଜନରେ ସମତା ରହିବା ସହ ଶରୀରକୁ ପ୍ରୋଟିନ ମିଳେ ।

ଷ୍ଟ୍ରବେରୀ ଖାଇବା ଦ୍ୱାରା ଶରୀରକୁ ଭିଟାମିନ ଓ ଫାଇବର ମିଳିଥାଏ ସପ୍ତାହକୁ ଏହା ଥରେ ମଧ ଖାଇଲେ ଭଲ ।

## ଭିଟାମିନ୍-ଇ ତେଲର ଉପକାରିତା

ଆମ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ନିମନ୍ତେ ଭିଟାମିନ୍-ଇ ତେଲ ଖୁବ୍ ହିତକାରୀ । ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତରେ ରୂପଚର୍ଯ୍ୟାରେ ପ୍ରତ୍ୟହ ଭିଟାମିନ୍-ଇ ତେଲର ବ୍ୟବହାର କଲେ ତାହାର ଉତ୍ତମ ପ୍ରଭାବ ପଡ଼େ । ଆଣ୍ଟି-ଅକ୍ସିଡାଣ୍ଟ ଭରପୂର ଏହି ତେଲ ତ୍ୱଚାର ରଙ୍ଗ ସଫା କରିବାରେ ମଧ ସହାୟକ ହୋଇଥାଏ । ତ୍ୱଚାର ମାଲିସ୍ କରିବା ଅତି ଉତ୍ତମ । ୨ ମିନିଟ୍ ମାଲିସ୍ କରିବା ପରେ ତ୍ୱଚାକୁ ନଖ ଉଷୁମ ପାଣିରେ ଧୋଇ ମଏଶ୍ଚରାଇଜର୍ ପ୍ରୟୋଗ କରନ୍ତୁ ।

୧ ଚାମଚ ବାଦାମ ତେଲରେ ଅଧ ଚାମଚ ଭିଟାମିନ୍-ଇ ତେଲ ମିଶାଇ ଆଖି ଚାରିପାଖେ ମାଲିସ୍ କଲେ, କଳାଦାଗ ୧ ମାସ ମଧରେ ଦୂର ହୋଇଥାଏ ।

ଘନ କେଶ ନିମନ୍ତେ ମଧ ଭିଟାମିନ୍-ଇ ତେଲ ଖୁବ୍ ଲାଭକାରୀ । କେଶର ଘନତ୍ୱ ବଢ଼ାଇବା ନିମନ୍ତେ କେଶମୂଳରେ ଭିଟାମିନ୍-ଇ ତେଲକୁ ନଖ ଉଷୁମ କରି ମାଲିସ୍ କରନ୍ତୁ । ୨୦ ମିନିଟ୍ ପରେ ଶାମ୍ପୁ କରିନିଅନ୍ତୁ ।




## କାର୍‌କୁ କରନ୍ତୁ କଳଙ୍କମୁକ୍ତ

ଏପରି ଦେଖାଯାଇଥାଏ ଯେ ଯଦି ଆପଣ କାରକୁ ବେଶି ବ୍ୟବହାର କରୁନାହାନ୍ତି ବା କାରକୁ ବାହାରେ ପାର୍କ କରୁଛନ୍ତି, ତେବେ କାର ଲୁହା ଅଂଶ ପାଣି ବା ପବନ ସଂସ୍ପର୍ଶରେ ଆସି ଧୀରେ ଧୀରେ ସେଥିରେ କଳଙ୍କି ଲାଗିବାକୁ ଆରମ୍ଭ କରିଥାଏ । ପୁନଃ ଏହି କଳଙ୍କିକୁ ମରାମତି କରିବାକୁ ହେଲେ ବହୁତ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ । ଏବେ ଏହା ଲୋକମାନଙ୍କର ଏକ ବଡ଼ ସମସ୍ୟାରେ ପରିଣତ ହେଉଛି କିପରି ଗାଡ଼ିକୁ କଳଙ୍କି ଲାଗିବାରୁ ବଞ୍ଚାଇବେ ଆସନ୍ତୁ ଜାଣିବା କେତୋଟି ଉପାୟ ।

କାର ରଖିବା ସମୟରେ ଏହାକୁ ଜରି ଘୋଡାଇ ବା କାର କଭରରେ ଘୋଡାଇ ରଖନ୍ତୁ ।

ଯଥା ସମ୍ଭବ କାରକୁ ବାହାରେ ରଖନ୍ତୁ ନାହିଁ ।


କାର ରଖିବା ସମୟରେ ଏହା ଚାରିପଟେ ଗ୍ରାମାସିନ ପାଉଡର ଛିଞ୍ଚନ୍ତୁ ।

ସିଲିକା ଫଏଲ କୋଟିଙ୍ଗର ବ୍ୟବହାର କରନ୍ତୁ । ଏହାଦ୍ୱାରା କାରରେ କଳଙ୍କି ଲାଗିବ ନାହିଁ ।



## ଦୁଇମୁଣ୍ଡ , ଚାରି ଆଖିଥିବା ସାପ

ଆମେରିକାର ନ୍ୟୁଜର୍ସି ସ୍ଥିତ ପରିବେଶବିତ ମାନେ ଏକ ଦୁଇମୁଣ୍ଡ ଥିବା ସାପକୁ ଖୋଜି କାଢ଼ିଛନ୍ତି । ଦୁଇଜଣ ବ୍ୟକ୍ତି ଏହି ସାପକୁ ଜଙ୍ଗଲରୁ ଧରିଥିଲାବେଳେ ତାହାର ଚାରୋଟି ଆଖି ଥିଲା । ଡେବ ନାମକ ବ୍ୟକ୍ତି ଏହି ସାପକୁ ଧରିଥିଲା ବେଳେ ସାପର ନାଁ ରଖାଯାଇଛି ଡବଲ ଡେବ । ସାପର ଚେହେରା ଅନ୍ୟ ସାପ ଭଳି ରହିଥିଲେ ମଧ ଦୁଇମୁଣ୍ଡ ଏବଂ ଚାରି ଆଖି ସହ ତାହାର ଦୁଇଟି ପାଟି ରହିଛି । ପରିବେଶ ବିତଙ୍କ କହିବା ଅନୁସାରେ ଏହି ବିରଳ ସାପନ ଜଙ୍ଗଲରେ ରହିବା ସମ୍ଭବ ନୁହେଁ, ତେଣୁ ସେମାନଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବା ଦରକାର । ଦୁଇଟି ମୁଣ୍ଡ କାରଣରୁ ଏମାନେ ଅତି ଧିରେ ଚାଲିବାକୁ ବାଧ ହୋଇଥିବାରୁ ସହଜରେ ଅନ୍ୟମାନଙ୍କର ଶିକାର ହୋଇଥାନ୍ତି । ତେଣୁ ଏହି ସାପ ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ।



## ସ୍ମାର୍ଟ ପୋଷାକର ଯୁଗ

ଏବେ ସ୍ମାର୍ଟ ଫୋନ ପରେ ପରେ ବଜାରରେ ଶୀଘ୍ର ଉପଲବ୍ଧ ହେବ ସ୍ମାର୍ଟ ପୋଷାକ । କାନାଡାର ଗବେଷକଗଣ ଏହି ସ୍ମାର୍ଟ ସାର୍ଟ ତିଆରି କରିଛନ୍ତି । ବିଭିନ୍ନ ପ୍ରକାର ସର୍ବେକ୍ଷଣରୁ ସେମାନେ ଜାଣିପାରିଲେ, କାର୍ଯ୍ୟାଳୟ ହେଉ କିମ୍ବା ଘରେ ହେଉ ଅଧିକାଂଶ ଲୋକଙ୍କର ୪୦ ବର୍ଷ ପରେ ଅଣ୍ଟା ରୋଗ ବାହାରୁଛି । ସେଥିପାଇଁ ଅନେକ ସମୟରେ ସେମାନେ ଅସ୍ୱସ୍ତି ଅନୁଭବ କରିବା ସହ ଉଠବସ ହୋଇପାରନ୍ତି ନାହିଁ । ତେବେ ଏହି ସ୍ମାର୍ଟ ପୋଷାକ ସେଭଳି ଲୋକଙ୍କ କଷ୍ଟ ଅନେକାଂଶରେ ଲାଘବ କରିବ । ଏହି ପୋଷାକ ପିନ୍ଧିବା ପରେ ଏଥିରେ ଲାଗିଥିବା କୁନି ଯନ୍ତ୍ରଗୁଡ଼ିକ ସିଧାସଳଖ ବସିବା ନିମନ୍ତେ ବ୍ୟକ୍ତି ଉପରେ ପ୍ରଭାବ ପକାଇଥାନ୍ତି । ଶୋଇଲେ, ବସିଲେ, ଚାଲିରେ ସବୁ ସମୟରେ ସିଧା ହୋଇ କାର୍ଯ୍ୟ କରିବାକୁ ପୋଷାକଟି ଏକରକମ ବାଧ୍ୟ କରିବ । ପୋଷାକଟି ବ୍ୟାଟେରି ଓ ବ୍ଲୁଟୁଥ ମାଧ୍ୟମରେ ପରିଚାଳିତ । ଏହା ସହ କୌଣସି ପ୍ରକାର ଅସହଜ ମନେ କଲେ ବ୍ଲୁଟୁଥ ଦ୍ୱାରା ପୋଷାକକୁ ନିଜ ସ୍ମାର୍ଟଫୋନ ଦ୍ୱାରା ନିୟନ୍ତ୍ରଣ କରିହେବ । ଉଭୟ ମହିଳା- ପୁରୁଷଙ୍କ ନିମନ୍ତେ ଉପଲବ୍ଧ ଏହି ପୋଷାକରୀ ମୂଲ୍ୟ ୨୫ ହଜାର ଟଙ୍କା ଧାର୍ଯ୍ୟ ହୋଇଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଶିଖିବାର ଅଛି...

ଦଳ ଭିତରେ ବିଦ୍ରୋହୀଙ୍କ ସ୍ୱର ଦିନକୁ ଦିନ ଅଧିକ ସ୍ପଷ୍ଟ ହୋଇ ଚାଲିଥିବା ବେଳେ ମାତ୍ର ଦୁଇଦିନ ବ୍ୟବଧାନରେ ଦୁଇଜଣ ବରିଷ୍ଠ ନେତାଙ୍କ କରୋନାରେ ଦେହାନ୍ତ କଂଗ୍ରେସ ଦଳକୁ ଯେପରି ଆହୁରି ସମସ୍ୟା ଭିତରକୁ ଠେଲି ଦେଇଛି । ଦୁଇଦିନ ତଳେ ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ତରୁଣ ଗୋଗେଇଙ୍କର ପରଲୋକ ଘଟିଥିଲା ଏବଂ ଏହି ଘଟଣାର ୪୮ ଘଣ୍ଟା ନପୁରୁଣୁ ଅହମ୍ମଦ ପଟେଲଙ୍କ ବିୟୋଗ ଦଳକୁ ଘୋର ଧକ୍କା ପହଞ୍ଚାଇବା ସ୍ୱାଭାବିକ । ଶ୍ରୀ ଗୋଗେଇ ଜଣେ ସଚ୍ଚୋଟ ରାଜନେତା ଭାବେ ଉତ୍ତର ପୂର୍ବାଞ୍ଚଳ କ୍ଷେତ୍ରରେ କଂଗ୍ରେସ ପାଇଁ ଏକ ପ୍ରାଚୀର ସଦୃଶ କାର୍ଯ୍ୟ କରୁଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ । ସେହିଭଳି ଅହମ୍ମଦ ପଟେଲ ଦଳ ପାଇଁ କେବଳ ଚାଣକ୍ୟ ନଥିଲେ, ଗାନ୍ଧୀ ପରିବାର ସହିତ ତାଙ୍କର ଘନିଷ୍ଠତା ତଥା ରାଜୀବ ଗାନ୍ଧୀଙ୍କ ଠାରୁ ନେଇ ସୋନିଆଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଟିଳ ରାଜନୈତିକ ସଂକଟ ଠାରୁ ବେଳେ ପରାମର୍ଶ ଦେବାରେ ତାଙ୍କର ଭୂମିକା ବିଷୟ ସମସ୍ତଙ୍କୁ ଜଣା । କେବଳ ଏହି ଦୁଇ ନେତାଙ୍କ ଆବର୍ତ୍ତମାନ ଦଳକୁ ଦୁର୍ବଳ କରିନାହିଁ, ଅପର ପକ୍ଷେ ଦଳ ଭିତରେ ଅସନ୍ତୁଷ୍ଟ ନେତାମାନେ ଯେଉଁଭଳି ଭାବେ ଧୀରେ ଧୀରେ ସ୍ପଷ୍ଟ ସ୍ୱରରେ ସେମାନଙ୍କର ମତ ମନ୍ତବ୍ୟ ଦେବା ଆରମ୍ଭ କରିଛନ୍ତି ତାହାକୁ ନେଇ ଏବେ ଘୋର ଚିନ୍ତାଜନକ ସ୍ଥିତି ଉତ୍ପନ୍ନ ହୋଇଛି । ଏହିସବୁ ନେତାମାନେ 'ଗୋଷ୍ଠୀ-୨୩' ଭାବେ ଏବେ ପରିଚିତ ହୋଇସାରିଛନ୍ତି । କିଛିଦିନ ପୂର୍ବେ ସେମାନଙ୍କର ପତ୍ର ଲେଖାକୁ ନେଇ ଯେଉଁ ସମସ୍ୟା ଉତ୍ପନ୍ନ ହୋଇଥିଲଣ ସେମାନଙ୍କ ତୁଣ୍ଡଖୋଲା ପରିସ୍ଥିତିକୁ ଆହୁରି ଜଟିଳ କରି ପକାଇଛି । ଏପରିକି ଅସନ୍ତୁଷ୍ଟମାନେ ନିଜର ମନ୍ତବ୍ୟକୁ ପରେ ପରିବର୍ତ୍ତନ କରିବା ପରିବର୍ତ୍ତେ ଏହାକୁ ଦୋହରାଉଛନ୍ତି । ବରିଷ୍ଠ କଂଗ୍ରେସ ନେତା କପିଲ ସିବଲ ସ୍ପଷ୍ଟ ସ୍ୱରରେ କହିଛନ୍ତି ଯେ ଆମକୁ ସ୍ୱୀକାର କରିବାକୁ ହେବ ଯେ ଆମେ ଦିନକୁ ଦିନ ଦୁର୍ବଳ ହୋଇ ଚାଲିଛୁ । କଂଗ୍ରେସ ଦଳ ଆଉ ଏକ ସୁଦୃଢ଼ ବିରୋଧୀ ଦଳ ହୋଇ ରହିନାହିଁ ବୋଲି ସେ ଚେତାବନୀ ଶୁଣାଇଛନ୍ତି । ସେ ଆହୁରି ଉଦ୍‌ବେଗ ପ୍ରକଟ କରି କହିଛନ୍ତି ଯେ ଦଳ ଦେଢ଼ବର୍ଷ ଧରି ନେତୃତ୍ୱହୀନ ଭାବେ ରହିବା ଫଳରେ କର୍ମୀ ଓ ଅନ୍ୟ ନେତାମାନେ ହତାଶ ଓ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଛନ୍ତି । ଏହା କେବଳ ରାଜନୈତିକ ମହଲରେ ନୁହେଁ, ଦଳ ଭିତରେ ଚାଞ୍ଚଲ୍ୟ ଖେଳାଇଛି । ତାଙ୍କ ପୂର୍ବରୁ ଅନ୍ୟତମ ବରିଷ୍ଠ ନେତା ଗୁଲାମ ନବୀ ଆଜାଦ ଏକ ସାକ୍ଷାତକାର ଦେବାବେଳେ ମତ ରଖିଥିଲେ ଯେ ଆମକୁ ଦଳର ଢାଞ୍ଚାକୁ ବଦଳାଇବାକୁ ପଡ଼ିବ ଓ ବ୍ୟବସ୍ଥାରେ ପରିବର୍ତ୍ତନ ଘଟାଇବାକୁ ହେବ । ଏହା କେବଳ ଦଳ ଭିତରେ ଥିବା ଅସନ୍ତୁଷ୍ଟ ନେତାମାନଙ୍କ ହତାଶାର ସ୍ୱର ନୁହେଁ, ଊଣା ଅଧିକେ ସମସ୍ତଙ୍କର ମତ । କଂଗ୍ରେସ ଦଳର ସମସ୍ୟାଟି କ'ଣ ତାହା ଦଳର ନେତୃବର୍ଗଙ୍କୁ ଯେତିକି ଜଣା, ବାହାର ଲୋକଙ୍କୁ ସେତିକି ଗୋଚର । କିନ୍ତୁ ସଭିଏଁ ନାଚାର । ବିଲେଇ ବେକରେ ଘଣ୍ଟି ବାନ୍ଧିବାର ଦୁଃସାହସ ଯେତିକି ମୂଷା କରିଛନ୍ତି ସେମାନଙ୍କର କି ଦଶା ହୋଇଛି ତାହା ସମସ୍ତଙ୍କ ଜଣା । କଂଗ୍ରେସ କ୍ରମାଗତ ଭାବେ ଦୁଇ ଦୁଇଟି ସାଧାରଣ ନିର୍ବାଚନରେ ଶୋଚନୀୟ ପରାଜୟ ବରଣ କରିଛି । ତା' ସହିତ ରହିଛି ଅନେକ ରାଜ୍ୟର ବିଧାନସଭା ନିର୍ବାଚନର ବିପର୍ଯ୍ୟୟ । କେବଳ ସେତିକି ନୁହେଁ, ସାଂଗଠନିକ ନେତୃତ୍ୱ କିମ୍ବା ରଣନୀତି ଅଭାବରୁ ଏକାଧିକ ରାଜ୍ୟରେ ସରକାର ଗଢ଼ିବା ଭଳି ସ୍ଥିତିରେ ଥାଇ ସୁଦ୍ଧା ସରକାର ଗଢ଼ିପାରିନାହିଁ କିମ୍ବା ସରକାର ଗଢ଼ି ଅଳ୍ପ ଦିନ ଭିତରେ ଚିତପଟାଙ୍ଗ ମାରିଛି । ଦଳରୁ ବହୁ ନେତା ବିଜେପି କିମ୍ବା ଅନ୍ୟ ଦଳକୁ ଡେଇଁଛନ୍ତି । ଜ୍ୟୋତିରାଦିତ୍ୟ ସିନ୍ଧିଆ ଯଦି ଏହାର ପ୍ରକୃଷ୍ଟ ଉଦାହରଣ ହୁଅନ୍ତି, ତେବେ ସଚିନ ପାଇଲଟଙ୍କୁ ଏହାର 'ଏକ୍ସପେରିମେଣ୍ଟାଲ ଫେଲିଓର' ବୋଲି ଗ୍ରହଣ କରାଯାଇପାରେ । ଅନ୍ୟ ଭାଷାରେ କହିଲେ, ଅନ୍ୟାନ୍ୟ ଦଳ ଯେତେବେଳେ ଯୁବପିଢ଼ି ଉପରେ ଅଧିକରୁ ଅଧିକ ମାତ୍ରାରେ ଆସ୍ଥା ପ୍ରକଟ କରୁଛନ୍ତି, ସେତେବେଳେ କଂଗ୍ରେସରେ ବରିଷ୍ଠଙ୍କୁ ଥଇଥାନ କରିବା ସକାଶେ ଯୁବନେତୃତ୍ୱକୁ ଅଣଦେଖା କରାଯାଉଛି । ଖୋଦ୍ ରାହୁଲ ଗାନ୍ଧୀ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇ ଦଳ ପାଇଁ ସଂକଟକୁ ଆହୁରି ଜଟିଳ କରିଦେଇଛନ୍ତି । ବିହାର ବିଧାନସଭା ନିର୍ବାଚନରେ ଅଣ ବିଜେପି ଦଳଙ୍କ ଭିତରେ ଯଦି କେହି ସବୁଠାରୁ ଶୋଚନୀୟ କ୍ଷତିର ସମ୍ମୁଖୀନ ହୋଇଥାଏ ତାହା କଂଗ୍ରେସ ଦଳ । ଏଥିରୁ କଂଗ୍ରେସ ଢେରକିଛି ଶିକ୍ଷା ଲାଭ କରିବାର ଅଛି । ଅନ୍ୟଥା ଅସନ୍ତୁଷ୍ଟଙ୍କ ଆଶଙ୍କା ଦିନକୁ ଦିନ ଆହୁରି ସତ ହୋଇଚାଲିବ ଯେତେବେଳେ ଆଉ କୌଣସି ଉପାୟ ନଥିବ ।

## ଦ୍ରୁତ ଜନସଂଖ୍ୟା ନିୟନ୍ତ୍ରଣ ଆଇନ ସବୁ ସମସ୍ୟାର ସମାଧାନ କରେ

ପ୍ରଫେସର ବିବେକ ସିଂ



(ପୂର୍ବପ୍ରକାଶିତ ଉତ୍ତାରୁ...) ଜନସଂଖ୍ୟା ଦୃଷ୍ଟିରୁ ଦେଶ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛି। ଜନସଂଖ୍ୟା ଘନତ୍ୱରେ ୩୩ ତମ, ଉର୍ବରତାରେ ୧୦୩ ତମ, ଆଶା କରାଯାଉଥିବା ଜୀବନରେ ୧୩୦ ତମ, ଶିଶୁ ମୃତ୍ୟୁହାରରେ ୧୧୩ ତମ, ସିଗାରେଟ ବ୍ୟବହାରରେ ୧୨ ତମ, ମଦ୍ୟପାନରେ ୭୬ ତମ, ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସରେ ୧୦୨ ତମ, ଆତ୍ମହତ୍ୟାରେ ୧୯ତମ ସ୍ଥାନରେ ରହିଛି। ମାନବ ପୁଞ୍ଜି ସୂଚକାଙ୍କରେ ୧୦୩ ତମ, ଶିକ୍ଷା ସୂଚକାଙ୍କରେ ୧୪୫ ତମ, ବିଶ୍ୱ ସୁଖ ସୂଚକାଙ୍କ ୧୪୦ ତମ ମାନବ ବିକାଶ ସୂଚକାଙ୍କ ୧୨୯ ତମ, ସାମାଜିକ ପ୍ରଗତିରେ ୫୩ ତମ, ବିଶ୍ୱ ଯୁବ ବିକାଶରେ ୧୩୪ ତମ, ଭୂମିହୀନରେ ଅଷ୍ଟମ, ଲିଙ୍ଗଗତ ଅସମାନତା କ୍ଷେତ୍ରରେ। ୭୬ ତମ, ବିଶ୍ୱ ଦାସତ୍ୱ ସୂଚକାଙ୍କ ଚତୁର୍ଥ, ଜିଡିପିରେ ଭାରତ ତୃତୀୟ, ସାଧାରଣ ଯରଭସ୍ତ୍ର ୮୨ ତମ, ମୁଣ୍ଡ ପିଛା ଆୟରେ ୧୨୨ ତମ, ସାକ୍ଷରତା କ୍ଷେତ୍ରରେ ୧୬୮ ତମ, ଆମଦାନୀରେ ୧୧ ତମ ଏବଂ ରପ୍ତାନୀରେ ୧୮ ସ୍ଥାନରେ ରହିଛି। ୧୯୭୬ ମସିହାରେ, ଉଭୟ ରାଜ୍ୟସଭା ଓ ଲୋକସଭାରେ ବିସ୍ତୃତ ଆଲୋଚନା ପରେ ସମ୍ବିଧାନରେ ୪୨ ସଂଶୋଧନ ବିଲ୍ ପାରିତ ହୋଇଥିଲେ। ସମ୍ବିଧାନର ସପ୍ତମ କାର୍ଯ୍ୟସୂଚୀରେ 'ଜନସଂଖ୍ୟା ନୟନ୍ତ୍ରଣ ଏବଂ ପରିବାର ଯୋଜନା' ବାକ୍ୟ ଯୋଗ କରାଯାଇଥିଲା। ଏହି ସଂଶୋଧନ ଅଧୀନରେ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କୁ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ କଠୋର ଆଇନ ପ୍ରଣୟନ କରିବାକୁ କ୍ଷମତା ଦିଆଯାଇଥିଲା। ଦୁର୍ଭାଗ୍ୟବଶତ ୪୪, ୪୪ ବର୍ଷ ବିତାଇବା ସତ୍ତ୍ୱ , ଆମେ ଆଜି ପର୍ଯ୍ୟନ୍ତ ପ୍ରଭାବଶାଳୀ ଜନସଂଖ୍ୟା ନିୟନ୍ତଣ ଆଇନ ପ୍ରଣୟନ କରିବାରେ ସକ୍ଷମ ହୋଇ ନାହୁଁ। ଭେଙ୍କଟାଚାଲାଇ କମିଶନ ୨୦୦୨ ରେ ସମ୍ବିଧାନ ତଥା ଜନସଂଖ୍ୟା ନିୟନ୍ତ୍ରଣ ଅଧିନିୟମରେ ୪୭ଇ ଯୋଡିବା ନେଇ ସରକାରଙ୍କୁ ଏହାର ପରାମର୍ଶ ଦେଇଥିଲେ, କିନ୍ତୁ ଆଜି ପର୍ଯ୍ୟନ୍ତ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହେଶଇପାରିଲା ନାହିଁ। ୨୦୧୯ ରେ, ରାଜ୍ୟସଭା ସାଂସଦ ରାକେଶ ସିହ୍ନା ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଏକ ଘରୋଇ ସଦସ୍ୟ ବିଲ୍ ଆଗତ କରିଥିଲେ। ସମ୍ପ୍ରତି ଜନସଂଖ୍ୟା ନିୟନ୍ତ୍ରଣ ଆଇନକୁ ନେଇ ବିଜେପି ନେତା ଅଶ୍ୱାନୀ ଉପାଧ୍ୟାୟଙ୍କ ଯୁକ୍ତି ଅତ୍ୟନ୍ତ ସଠିକ୍। ମୁଁ ପରାମର୍ଶ ଦେଉଛି ଯେ ଯେତେବେଳେ ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ ହୁଏ, ସେତେବେଳେ ଯିଏ ଏହି ନିୟମକୁ ଉଲ୍ଲଂଘନ କରେ ସେ ନିରାଶ ହେବା ଉଚିତ ଏବଂ ଯେଉଁମାନେ ଏହି ନିୟମ ଅନୁସରଣ କରୁଛନ୍ତି ସେମାନଙ୍କୁ ଉତ୍ସାହିତ କରାଯିବ ଉଚିତ୍। ଯିଏ ଜନସଂଖ୍ୟା ନିୟନ୍ତ୍ରଣ ଆଇନର ଉଲ୍ଲଂଘନ କରେ, ସେ ଲୋକସଢା, ରାଜ୍ୟସଭା, ବିଧାନସଭା, ଗ୍ରାମସଭା, ନାଗ ଚବଭମଷବଢବସ୍ତ୍ର କୌଣସି ପ୍ରକାରର ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାକୁ ବାରଣ କରାଯାଉ। ଏହିପରି ଲୋକମାନେ ସରକାରୀ ଚାକିରି ପାଇବା ଉଚିତ୍ ନୁହେଁ। ସମସ୍ତ ସରକାରୀ ସୁବିଧାକୁ ବର୍ଜନ କରାଯିବା ଉଚିତ୍। ଭୋଟ୍ ଦେବାର ଅଧିକାର ଛଡ଼ାଯିବା ଉଚିତ୍। ଆଧାର କାର୍ଡ, ରେସନ କାର୍ଡ, ଭୋଟର କାର୍ଡ, ବ୍ୟାଙ୍କ ଆକାଉଣ୍ଟ, ବିଦ୍ୟୁତ ସଂଯୋଗ, ମୋବାଇଲ ସଂଯୋଗ ନୂଆ ହେବା ଉଚିତ ନୁହେଁ ଏବଂ ସୃଷ୍ଟି ହେଲେ ଏହାକୁ ବାତିଲ କରାଯିବା ଉଚିତ। ପାର୍ଟିରେ କୌଣସି ବଡ ପୋଷ୍ଟ ରହିବା ଉଚିତ୍ ନୁହେଁ। ଏହିପରି ଲୋକଙ୍କୁ ୫ ବର୍ଷ ଜେଲ କିମ୍ବା ୧୦,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ କିମ୍ବା ଉଭୟ ଜରିମାନା ରହିବା ଉଚିତ। ସ୍ୱାସ୍ଥ୍ୟ କେନ୍ଦ୍ରରେ ଗର୍ଭନିରୋଧକ ବଟିକା ମାଗଣାରେ ଉପଲବ୍ଧ ବୋଲି ସରକାର ମଧ ନିଶ୍ଚିତ କରିବା ଆବଶ୍ୟକ। ଷ୍ଟେରିଲାଇଜରକୁ ଅତିକମରେ ୫୦୦୦୦୦ ଟଙ୍କା ଦିଆଯିବା ଉଚିତ୍। ଯେଉଁମାନେ ଘରେ କେବଳ ଗୋଟିଏ ସନ୍ତାନ ଅଛି ସେମାନଙ୍କ ଶିକ୍ଷା ଏବଂ ଖର୍ଚ୍ଚ ସରକାର ବହନ କରିବା ଉଚିତ୍। ଯଦି ସେ ଏକ, ତେବେ ସରକାର ତାଙ୍କୁ ଶିକ୍ଷା ସହିତ ଅନ୍ୟ ସମସ୍ତ ସୁବିଧା ଯୋଗାଇଦେବା ଉଚିତ୍। ଦେଶ ଚୀନ୍ ପରି ଏକ ଶିଶୁ ନୀତି (ଆମେ ଆମର ଦୁଇଟି ନୀତି) ଗ୍ରହଣ କରିବା ଉଚିତ୍। ଏହି ନୀତିକୁ ସାରା ଦେଶରେ କଡାକଡି ପାଳନ କରାଯିବା ଉଚିତ୍। ଭାରତ "ଏକ ଭଭରତ ଭାରସାମ୍ୟ", "ସଭର ଶ୍ୱର ଏବଂ ଗ୍ରାଣ୍ଡ ଇଣ୍ଡିଆ", "ଆତ୍ମନିର୍ଭରଶୀଳ ଭାରତ", "ସୁଖମୟ ଭାରତ", ବିଶ୍ୱଗୁରୁ ଭାରତ", "ବିନ୍ଦୁ ଭାରତ", "ଆର୍ଦଶ ଭାରତ", "ଉତ୍କଳ ଭାରତ", "ବିଙ୍ଗମ ଭାରତ", ଜନସଂଖ୍ୟା ବିକାଶ ନିୟମକୁ ନେଇ "ବିକଶିତ ଭାରତ" ଗଠିତ ହେଶଇପାରିବ। ଅର୍ଥନୈତିକ ବିକାଶରେ ଚୀନ୍ ଏତେ ଆଗକୁ ଯାଇଛି କାରଣ ଏକ ଜନସଂଖ୍ୟା ନିୟନ୍ତ୍ରଣ ଆଇନ ମାଧ୍ୟମରେ ଏହାର ଜନସଂଖ୍ୟା ବୃଦ୍ଧି ଉପରେ ନିୟନ୍ତ୍ରଣ ସ୍ଥାପନ କରିଛି। ଯଦି ତାହା ହୋଇନଥାନ୍ତା, ଆଜି ଚାଇନାର ଜନସଂଖ୍ୟା ୧୪୩ କୋଟି ପରିବର୍ତ୍ତେ ୨୦୦ କୋଟି ହୋଇଥାନ୍ତା, ଜନସଂଖ୍ୟା ନିୟନ୍ତ୍ରଣ ଆଇନ ଅନୁଯାୟୀ ଭାରତ ଚୀନ୍ ଠାରୁ ଶିଖିବା ଉଚିତ୍। ଜନସଂଖ୍ୟା ନିୟନ୍ତ୍ରଣ ଆଇନ, ଯାହା ୧୯୭୬ ରେ ପ୍ରଣୟନ କରାଯିବା ଉଚିତ୍, କେବଳ ୪୫ ବର୍ଷ ପରେ ୨୦୨୧ ସୁଦ୍ଧା ଗଠନ ହେବ ବୋଲି ଆଶା କରାଯାଉଛି। କଠୋର ଜନସଂଖ୍ୟା ନିୟନ୍ତ୍ରଣ ଆଇନ ହେଉଛି ଦେଶର ସମସ୍ତ ସମସ୍ୟାର ସମାଧାନ। ଜନସଂଖ୍ୟା ନିୟନ୍ତ୍ରଣ ଆଇନ ଭାବରେ ସଞ୍ଜୀବନୀ ଦେଶକୁ ବିଳମ୍ବ କରିବା ଆଉ ଉପଯୁକ୍ତ ନୁହେଁ। (ସମାପ୍ତ)


+ ପ୍ରସିଦ୍ଧ ସ୍ତମ୍ଭକାର ଏବଂ ଚିନ୍ତକ। ଅର୍ଥନୈତିକ, ରାଜନୈତିକ ଏବଂ ସାମାଜିକ ବିଶ୍ଳେଷକ।
ମୋ- ୦୯୯୬୭୪୬୨୪୧୬


## ମହାପ୍ରଭୁଙ୍କ ନାଗାର୍ଜୁନ ବେଶ

ଡକ୍ଟର ଶ୍ରୀହରି ପଣ୍ଡା



ତୋର ବିବିଧ ବେଶ ଦେଖି,
ନିର୍ମଳ ହେଲା ବେନି ଆଖି ।
ଧନ୍ୟ ତୋ ନିଳାଦ୍ରୀ ମଣ୍ଡଳ, ଭକତ ଭାବେ ହେଲୁ ଭୋଳ ।
ଚତୁର୍ବିଂଶତି ତତ୍ତ୍ୱ କଥା,
ଚବିଶ ବେଶର ବ୍ୟବସ୍ଥା ।
କି ବା ଚବିଶ ଅବତାର,
କଳ୍ପିତେ ବେଶେ ତୋ ପ୍ରଚାର ।
ନାହିଁ ସେ ବେଶର ଉପମା,
ବାକ୍ୟେ କେ ବର୍ଣ୍ଣିବ ମହିମା ।

ଅଳଙ୍କାର ପ୍ରିୟ ଜଗନ୍ନାଥଙ୍କର ବିଭିନ୍ନ ଲୀଳାକୁ ଆଧାର କରି ଚବିଶ ଗୋଟି ବେଶ କରାଯାଉଛି । ବୈଷ୍ଣବତନ୍ତ୍ର ଅର୍ହିବୁଧ୍ୟଂ ସଂହିତା, ପରମେଶ୍ୱର ସଂହିତା, ପଦ୍ମପୁରାଣ, ରୂପମଣ୍ଡନ, ତନ୍ତ୍ରସାର ଏବଂ ମାନସୋଲ୍ଲାସ ଆଦି ଗ୍ରନ୍ଥମାନଙ୍କରେ ବିଷ୍ଣୁଙ୍କର ୨୪ ଗୋଟି ମୂର୍ତ୍ତିର ତାଲିକା ଦିଆଯାଇଛି । ସେଥିରେ ବିଷ୍ଣୁଙ୍କର ବିଭିନ୍ନ ଆୟୁଧର ବର୍ଣ୍ଣନା ମଧ ଅଛି । ଏହିସବୁ ବିଭିନ୍ନ ପ୍ରକାରର ମୂର୍ତ୍ତି ପଞ୍ଚରାତ୍ର ବିଧାନର ବ୍ୟୁହ ସହ ଜଡିତ । ଏହି ମୂର୍ତ୍ତିଗୁଡିକ ପ୍ରାୟ ସପ୍ତମ ଓ ନବମ ଖ୍ରୀଷ୍ଟାବ୍ଦ ମ୍ଧ୍ୟରେ ଦେଖାଯାଉଥିଲା ପରେ ଏହି ମୂର୍ତ୍ତିମାନଙ୍କର ବିଭିନ୍ନ ପ୍ରକାର ଆକୃତି ଗଠନ କରାଯାଉଥିଲା ।

ଶ୍ରୀମନ୍ଦିର ଗର୍ଭଗୃହର ଚୂନ ଛାଡ଼ା ଯିବାପରେ ୨୪ଗୋଟି ବିଷ୍ଣୁ ମୂର୍ତ୍ତି ମନ୍ଦିର ଗାତ୍ରରେ ଖୋଦିତ ହୋଇଥିବା ଦେଖାଯାଇଥିଲା । ତା' ଛଡ଼ା ଶ୍ରୀମନ୍ଦିରରେ ୨୪ ଗୋଟି ନୀତି ସମ୍ପାଦନ କରାଯାଉଥିବାରୁ ଜଗନ୍ନାଥ ମନ୍ଦିର ଯେ ଶ୍ରେଷ୍ଠ ପୂର୍ଣ୍ଣାଙ୍ଗ ବିଷ୍ଣୁମନ୍ଦିର ଏଥିରେ ଦ୍ୱିମତ ନାହିଁ । ବାର ମାସରେ ଜଗନ୍ନାଥଙ୍କ ବାର ନାମ କେଶବ, ନାରାୟଣ, ମାଧବ, ଗୋବିନ୍ଦ, ବିଷ୍ଣୁ, ମଧୁସୂଦନ, ତ୍ରିବିକ୍ରମ, ବାମନ, ଶ୍ରୀଧର, ହୃଷିକେଶ,ପଦ୍ମନାଭ ଏବଂ ଦାମୋଦର । ଏହି ବାର ନାମ ସହିତ ଶଙ୍କର୍ଷଣ, ବାସୁଦେବ, ପ୍ରଦ୍ୟୁମ୍ନ, ଅନିରୁଦ୍ଧ, ଅଧୋକ୍ଷକ, ପୁରୁଷୋତ୍ତମ, ନୃସିଂହ, ଅଚ୍ୟୁତ, ଉପେନ୍ଦ୍ର, ଜନାର୍ଦ୍ଦନ, ହରି, ବିଷ୍ଣୁ ନାମ ଚବିଶ ବିଷ୍ଣୁଙ୍କ ମଧ୍ୟରେ ରହିଛି । ଶ୍ରୀଜଗନ୍ନାଥଙ୍କର ଯେଉଁସବୁ ବେଶ କରାଯାଉଛି ତାହା ମଧ୍ୟରୁ କୃଷ୍ଣ ସମ୍ପର୍କୀୟ ବେଶ ଆଠ - ବଣଭୋଜି, କାଳୀୟଦଳନ, ପ୍ରଲମ୍ବାସୁରବଧ, କୃଷ୍ଣବଳରାମ ବେଶ, ରାଧା ଦାମୋଦର, ଗଜଉଦ୍ଧାରଣ, ଚାଚେରୀ ବେଶ ଓ ବାଙ୍କଚୂଡ ବେଶ । ଏହା ଛଡା ପ୍ରତ୍ୟହ ଚନ୍ଦନ ଓ ବଡସିଂହାର ବେଶ କରାଯାଉଛି ପୁଣି ଭକ୍ତଙ୍କ ମନୋବାଞ୍ଛା ପୂର୍ଣ୍ଣ ପାଇଁ ହାତୀବେଶ ଓ ପଦ୍ମବେଶ, ଲୋକଶିକ୍ଷା ପାଇଁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦେବା ନିମନ୍ତେ ଶ୍ରାଦ୍ଧ ବେଶ, ଓଡିଆ ବୀର ପରମ୍ପରାର ପ୍ରଦର୍ଶନ ପାଇଁ ନାଗାର୍ଜ୍ଜୁନ ବେଶ, ଭକ୍ତ ମନୋହର ପାଇଁ ସୁନାବେଶ, ଜଗନ୍ନାଥ ଓ ରାମଚନ୍ଦ୍ର ଏକାତ୍ୱ ପ୍ରମାଣିତ କରି ରଘୁନାଥ ବେଶ ହେଉଛନ୍ତି । ଏହି ସବୁ ବେଶ ବିଭିନ୍ନ ମାସର ଆବଶ୍ୟକତା ଅନୁସାରେ ହେଉଥିବା ବେଳେ ଆଜିର ଆଲୋଚ୍ୟ ପ୍ରସଙ୍ଗ ନାଗାର୍ଜ୍ଜୁନ ବେଶ କାର୍ତ୍ତିକ ମାସର ପଞ୍ଚକ ପାଞ୍ଚ ଦିନ ପରିବର୍ତ୍ତେ ଛଅଦିନ ପଡିଲେ ଅନୁଷ୍ଠିତ ହୋଇଥାଏ ।

ଏହି ବେଶ ୧୯୬୬, ୧୯୬୭,.୧୯୬୮, ୧୯୯୩ ଓ ୧୯୯୪ରେ ଅନୁଷ୍ଠିତ ହୋଇଯାଇଛି । ଯେଉଁବର୍ଷ କାର୍ତ୍ତିକ ଏକାଦଶୀରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ତିଥି ଦୁଇଦିନ ଭୋଗ ହୁଏ, ସେହି ବର୍ଷ ନାଗାର୍ଜ୍ଜୁନ ବେଶ ହୋଇଥାଏ । କାର୍ଯ୍ୟାଳୟର ଗଛିତ ନଥିରୁ ଜଣାଯାଏ ଯେ, ୨୬,୧.୧୯୬୬ ମଳ ତ୍ରୟୋଦଶୀ ର ଦୀର୍ଘ ୨୫ ବର୍ଷ ପରେ ୨୬,୧.୧୯୯୩ ତ୍ରୟୋଦଶୀରେ ନାଗାର୍ଜ୍ଜୁନ ବେଶ ହୋଇଥିଲା । ଅବଶ୍ୟ ତା ପରବର୍ଷ ୧୬,୧.୧୯୯୪ କାର୍ତ୍ତିକ ଶିକ୍ଳପକ୍ଷ ତ୍ରୟୋଦଶୀରେ ମଧ ଏ ବେଶ ଅନୁଷ୍ଠିତ ହୋଇଥିଲା । ଯେଉଁ ତିଥି ପୂର୍ବଦିନ ଓ ପରଦିନ ସୂର୍ଯ୍ୟୋଦୟକୁ ଥାଏ ତାହାକୁ ବଢାତିଥି କହନ୍ତି । ଏହି ବଢାତିଥିର ପ୍ରଥମ ଦିବସକୁ ଶୁଦ୍ଧା ତିଥି ଓ ପରବର୍ତ୍ତି ଦିବସକୁ ମଳତିଥି କୁହାଯାଏ । ଏହି ମଳ ତିଥିରେ ହିଁ ନାଗାର୍ଜ୍ଜୁନ ବେଶ ଅନୁଷ୍ଠିତ ହୁଏ । କନା ଓ ଜରି ବେତରେ ନିର୍ମିତ ଏହି ବେଶରେ ଜଗନ୍ନାଥଙ୍କୁ ଏକ ଯୋଦ୍ଧାରୂପରେ ସଜେଇ ଦିଆଯାଏ । ପୁରୀର ସାହିଯାତର ନାଗା ସହିତ ଏହି ବେଶର ସମ୍ପର୍କ ଥିବା ଜଣାଯାଏ । ଏଥିରେ ମହାପ୍ରଭୁଙ୍କ ଅଣ୍ଟାରେ ଏକ ନାଗା ତାଟି ଭିଡାଯାଏ । ତାଙ୍କୁ ଧନୁ, ଶରପୂର୍ଣ୍ଣ ତୂଣୀର, କଟାରୀ, ଛୁରୀ, ବାଘନଖ, ଏକ ପକ୍ଷୀର ପର, ଢାଲ ଏବଂ ମୁଣ୍ଡରେ ହାଣ୍ଡିଆ ସଜେଇ ଦିଆଯାଏ । ସୋଲରେ ତିଆରି ଢାଲ, ଛୁରୀ, କଟାରୀ ଏବଂ ହାଣ୍ଡିଆ ହୋଇଥିବା ସ୍ଥଳେ ଧନୁ ଓ ଶର, ତୀର ଗୁଡିକ ବାଉଁଶ ଓ ବେତରେ ତିଆରି ହୋଇଥାଏ । ବାଘଛାଲ, ସିଙ୍ଘଡା, କଳଫି ମଧ ମହାପ୍ରଭୁଙ୍କୁ ଲାଗି କରାଯାଏ । ମହାପ୍ରଭୁ ଓ ବଳଭଦ୍ର ଏହି ବେଶ ନିମନ୍ତେ ଶ୍ରୀହସ୍ତ ଓ ଶ୍ରୀପୟର ଲାଗି ହୁଅନ୍ତି । ଉଭୟଙ୍କ ହାତରେ ଦୁଇଟି ଓଳମାଳ ଧରିଥାନ୍ତି । ମହାପ୍ରଭୁ ବାମ ହସ୍ତରେ ରୂପା ଶଙ୍ଖ, ଦକ୍ଷିଣ ହସ୍ତରେ ଚକ୍ର, ବଳଭଦ୍ର ବାମ ହସ୍ତରେ ମୂଷଳ ଓ ଦକ୍ଷିଣ ହସ୍ତରେ ହଳ ଧାରଣ କରନ୍ତି । ଏଥିରେ ବିଭିନ୍ନ ମାଳ ଯଥା- ଘାଗଡା ମାଳି, ପଦ୍ମ ମାଳି, ହରିଡା ମାଳି, ବାଘନଖି ମାଳି ଇତ୍ୟାଦିରେ ଭୂଷିତ ହୁଅନ୍ତି । ଫୁଲହାର ମହାପ୍ରଭୁଙ୍କୁ ଲାଗିହୋଇ ନିଜକୁ ଧନ୍ୟ ମଣନ୍ତି । ବାହୁ ମୂଳରେ କଳିଙ୍ଗ, କଟିରେ କଟିଢାଲ, କମରପଟିରେ ଛୁରୀ, କଟାରୀ, ସିଙ୍ଘଡା ଓ ଜଙ୍ଘରେ ଘଣ୍ଟି ବନ୍ଧାଯାଏ । ସୁଭଦ୍ରାଙ୍କ ଶିରରେ ସୁନାମୁକୁଟ ଓ ଚନ୍ଦ୍ରିକା, କର୍ଣ୍ଣାଳଙ୍କାର ତଗଡି, ଗଳାରେ ହାର ଶୋଭାପାଏ । ଏହି ବେଶ ପାରମ୍ପରିକ ବେଶ ହୋଇଥିବାରୁ ଦାତାଙ୍କର ଦାନ ଉପରେ ନିର୍ଭର କରେ । ପୂର୍ବେ ଚକ୍ରକୋଟ ଖୁଣ୍ଟିଆଙ୍କ ଅମଳରୁ ତାଙ୍କ ବଂଶଧରମାନେ ଏଥି ନିମନ୍ତେ ବ୍ୟୟଭାର ବହନ କରିଆସୁଥିଲେ । ପରେ ଜଗନ୍ନାଥ ଖୁଣ୍ଟିଆ ୧୯୬୬,୬୭ ଓ ୬୮ରେ ବେଶ କରାଇଥିଲେ । ୧୯୯୩ରେ ଜଗନ୍ନାଥ ଖୁଣ୍ଟିଆଙ୍କ ବଂଶଧର ରାଜି ନହେବାରୁ ତିଲୋତ୍ତମା ଦାସ ମହାପାତ୍ର ଖର୍ଚ୍ଚ ବହନ କରିବାକୁ ମନ୍ଦିର ପ୍ରଶାସନକୁ ଅନୁମତି ମାଗିଥିଲେ । ୧୯୯୪ରେ ମନ୍ଦିର ପ୍ରଶାସନ ସମସ୍ତ ଖର୍ଚ୍ଚ ବହନ କରିଥିଲା ।

ଏହି ନାଗାର୍ଜ୍ଜୁନ ବେଶ ଶ୍ରୀକ୍ଷେତ୍ରର ଲୋକସଂସ୍କୃତିର ଏକ ପ୍ରତିଛବି ବୋଲି ବହୁ ସମାଲୋଚକ କହନ୍ତି । ଶ୍ରୀକ୍ଷେତ୍ରରେ ବିଭିନ୍ନ ସମୟରେ ନାଗାମେଢ ବାହାରୁଥିବାର ପରମ୍ପରା ଥିବାରୁ ଏପରି ଅନୁମାନ କରାଯାଏ । ସମ୍ଭବତଃ ଏହି ବେଶ ପଞ୍ଚରାମାନନ୍ଦ ଆଖଡା ପ୍ରତିଷ୍ଠିତ ହେବାପରେ ସୃଷ୍ଟି ହୋଇଛି । ବାଲ୍ମିକ ରଚିତ ରାମାୟଣର ପର୍ଶୁରାମଙ୍କ ରୂପ ସହ ନାଗାର୍ଜ୍ଜୁନ ବେଶର ସାଦୃଶ୍ୟ ହେତୁ ରାମାନନ୍ଦଙ୍କ ପ୍ରଭାବରେ ଏହି ବେଶ ସୃଷ୍ଟି ହୋଇଥିବା ଅନୁମେୟ । ଶ୍ରୀମନ୍ଦିରର ସୁରକ୍ଷା ନିମନ୍ତେ ଏହି ଉଗ୍ର ସାଧକ ନାଗା ସାଧୁମାନେ ସଦା ଜାଗ୍ରତ ରହୁଥିଲେ । ସେହି ସ୍ମୃତିଚାରଣ ନିମନ୍ତେ ଜଗନ୍ନାଥଙ୍କୁ ନାଗାବେଶରେ ସଜା ଯାଏ । ନାଗା ସନ୍ୟାସୀଗଣ ଜଗନ୍ନାଥଙ୍କୁ ନାଗା ବେଶରେ ଦର୍ଶନ କରିବାକୁ ଇଚ୍ଛା ପ୍ରକଟ କରୁଥିବାରୁ ତାଙ୍କର ଇଚ୍ଛା ପୂରଣ ନିମନ୍ତେ ମହାପ୍ରଭୁ ବନବାସୀ ବୀର ବେଶରେ ଅବତୀର୍ଣ୍ଣ ହୋଇଥିଲେ ବୋଲି ଜନଶ୍ରୁତି ଅଛି । ନାଗାର୍ଜ୍ଜୁନ ବେଶର ପୃଷ୍ଠଭାଗରେ ବନ୍ଧା ଯାଇଥିବା ଧନୁର ଉଭୟ ହୁଳରେ ଦୁଇଗୋଟି ମୟୂର କଣ୍ଠ ମସ୍ତକ ସଜ୍ଜିତ ହୋଇଥିବା ଦେଖି କେହି କେହି ଏହାକୁ କାର୍ତ୍ତକେୟଙ୍କ ବେଶ ବୋଲି ମତ ଦିଅନ୍ତି । କେତେକଙ୍କ ମତରେ ବୌଦ୍ଧ ଦାର୍ଶନିକ ନାଗାର୍ଜୁନଙ୍କ ନାମ ଅନୁସାରେ ଜଗନ୍ନାଥଙ୍କର ନାଗାର୍ଜ୍ଜୁନ ବେଶ କରାଯାଉଛି । ମାତ୍ର ଏହା ଅପ୍ରସାଙ୍ଗିକ କାରଣ । ନାଗାର୍ଜ୍ଜୁନଙ୍କର ସମୟ କାଳ ଏବେଠାରୁ ପ୍ରାୟ ୨୦୦୦ ବର୍ଷ ହେବ । ସେ ସମୟକୁ ମନ୍ଦିରର ସ୍ଥିତି କଣ ଥିଲା ତାହା ଏବେ କଳନା କରିବା ସମ୍ଭବ ନୁହେଁ । ତେଣୁ ନାଗାର୍ଜ୍ଜୁନଙ୍କ ନାମରେ ଏହି ବେଶ କରାଯାଉଥିବ ଏହା ଗ୍ରହଣୀୟ ନୁହେଁ ମାତ୍ର ଏକଥା ଗ୍ରହଣ ଯୋଗ୍ୟ ଯେ ନାଗାର୍ଜ୍ଜୁନଙ୍କ ଦ୍ୱାରା କାର୍ତ୍ତବୀର୍ଯ୍ୟ ମନ୍ତ୍ରର ସାଧନା କରି ଗଙ୍ଗ ବଂଶର ଜୈନିକ ରାଜା ଶତ୍ରୁଙ୍କୁ ଜୟ କରିଥିଲେ । ସେ ଚକ୍ରକୋଟ ଗଡରେ ରହି ଉକ୍ତ ମନ୍ତ୍ର ସାଧନା କରି ବଢା ବା ମଳ ତିଥିରେ ଶତ୍ରୁଜୟ କରିଥିବାରୁ ସେହି ତିଥିରେ ସେ ମହାପ୍ରଭୁଙ୍କ ନାଗାର୍ଜ୍ଜୁନ ବେଶ ପ୍ରଚଳନ କରିଥିଲେ । ପୂର୍ବେ ଚର୍କକୋଟ ସ୍ଥାନରେ ଖୁଣ୍ଟିଆ ପଣ୍ଡା ଏହି ବେଶର ସମସ୍ତ ଖର୍ଚ୍ଚ ବହନ କରୁଥିବାରୁ ଏହି ଯୁକ୍ତି ଅଧିକ ଗ୍ରହଣୀୟ ମନେହୁଏ । ମହାଭାରତରୁ ଜଣାଯାଏ ଯେ, ଏକଦା ବନବାସ କରୁଥିବା ଅର୍ଜ୍ଜୁନଙ୍କ ସହିତ କିରାତ ବେଶଧାରୀ ଶିବଙ୍କର ଯୁଦ୍ଧ ହୋଇଥିଲା । ଯୁଦ୍ଧରେ ଅର୍ଜୁନ ପରାସ୍ତ ହେଲେ ମଧ ଶିବ ତାଙ୍କୁ କୃପା କରି କେତେକ ଦୈବ ଅସ୍ତ୍ର ପ୍ରଦାନ କରିଥିଲେ । ଯେପରି କିରାତଅର୍ଜ୍ଜୁନ କହିଲେ ଯେପରି ଶିବଙ୍କୁ କୁହାଯାଏ ସେହିପରି ନାଗାର୍ଜ୍ଜୁନ କହିଲେ ବିଷ୍ଣୁଙ୍କର ଏକ ରୂପର ବେଶ ବୋଲି ଗ୍ରହଣ କରିବା ଅତ୍ୟୁକ୍ତି ହେବନାହିଁ । ବିଶେଷ କରି ମନ୍ଦିର ମଧରେ ଶୈବ ଓ ବିଷ୍ଣୁଙ୍କର ସମନ୍ୱୟ ସାଧିତ ହୋଇଥିବା ଯୋଗୁଁ ନାଗାର୍ଜ୍ଜୁନ ବେଶ ସେହି ମିଶ୍ରଣର ଫଳ ସ୍ୱରୂପ ବୋଲି ଗ୍ରହଣ କରିହେବ । ନାଗାର୍ଜ୍ଜୁନ ବେଶ ଶୈବ ଓ ବୈଷ୍ଣବୀୟ ଭାବନାର ଏକ ମିଶିତ ପରିପ୍ରକାଶ । ବିଧର୍ମୀ ଆକ୍ରମଣକୁ ପ୍ରତିହତ କରାଇବା ପାଇଁ ଓଡିଶାର ଖଣ୍ଡାୟତ ପାଇକ ମନରେ ଐଶୀବିଶ୍ୱାସ ଜାଗ୍ରତ ସହିତ ବୀରତ୍ୱ ଭାବ ଜାଗ୍ରତ କରାଇବା ଏହି ବେଶର ମୂଳ ଉଦ୍ଦେଶ୍ୟ । ଶ୍ରୀଜଗନ୍ନାଥ ବୀର ଓଡିଆ ପାଇକ ଭାବରେ ଶ୍ରୀପୁରୁଷୋତ୍ତମଙ୍କୁ କାଞ୍ଚି ଅଭିଯାନରେ ସାହାଯ୍ୟ କରିଥିଲେ ବୋଲି ପ୍ରବାଦ ଅଛି । ପାଇକ ଖେଦା ପୁସ୍ତକରେ ପ୍ରଦତ୍ତର ପାଇକର ସାଜସଜ୍ଜା ଓ ଅସ୍ତ୍ରଶସ୍ତ୍ର ବର୍ଣ୍ଣନା ନାଗା ବେଶଭୂଷା ସହିତ ମିଶିଯାଉଥିବା କାରଣରୁ ଏହାକୁ ବୀର ପାଇକ ବେଶ ବୋଲି କୁହାଯାଏ । ବାସ୍ତବରେ ହେଉଛି ପ୍ରାଚୀନ ଉତ୍କଳର ସେନାନାୟକ ବେଶ । ଓଡିଆ ପାଇକମନରେ ବୀରତ୍ୱ ଭାବର ଉଦ୍ରେକ କରିବା ଏହି ବେଶର ମୂଳ ଲକ୍ଷ୍ୟ ଅଟେ ।

॥ ଜୟ ଜଗନ୍ନାଥ ॥


+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
ମୋ.୯୮୫୩୯୪୮୪୫୮


## କବିତା କୋଣାର୍କ

### ପଞ୍ଚକ ମାହାତ୍ମ୍ୟ...

ଶରତ କୁମାର ଦାସ

ଧରାରେ ବିଦିତ ମାସ ମଧେ ଶ୍ରେଷ୍ଠ
କାର୍ତ୍ତିକ ମାସର ଖ୍ୟାତି,
ଦୟା, ଦାନ, ଧର୍ମ, ପୁଣ୍ୟ, ଭକ୍ତି, ମୁକ୍ତି
ଆକାଶକୁ ଛୁଏଁ କୀର୍ତ୍ତି ॥

ପଞ୍ଚକର ବ୍ରତ ଶକ୍ତିର ପ୍ରତୀକ
ଈଶ୍ୱରଙ୍କୁ ଅଭିପ୍ରେତ,
ପାଂଚଦିନ ଧରି ଚଉଁରା ମୂଳରେ
ଜଳୁଥାଏ ଦୀପେ ଘୃତ ॥

ଭଜନ କୀର୍ତ୍ତନ ଭକ୍ତି ସମ୍ମୋହନ
ଭୂମିରୁ ଭୂମାକୁ ଛୁଏଁ,
ସବୁଜ ଧରଣୀ ସୁମଧୁର ଛନ୍ଦେ
ପଂଚକ ମାହାତ୍ମ୍ୟ ଗାଏ ॥

ଗୀତା, ଭାଗବତ, ପୋଥି ଓ ପୁରାଣ
ଦିବ୍ୟ ଦର୍ଶନର ମାର୍ଗ,
ପଂଚବର୍ଣ୍ଣୀ ମୁର୍ଜେ ଝଲମଲ ହୁଏ
ପଞ୍ଚକର ପୁଣ୍ୟ ପର୍ବ ॥

ଶୁଦ୍ଧ ଓ ପବିତ୍ର ଚିତ୍ତରେ ହବିଷ
ମହମହ ବାସୁଥାଏ,
ଶାଶ୍ୱତ ଚେତନା ସନ୍ତାପିତ ପ୍ରାଣେ
ଫୁଲ ହୋଇ ଫୁଟୁଥାଏ ॥

ଦେହ ମନ ପ୍ରାଣ ସୁବାସିତ ହୁଏ
ଶୁଦ୍ଧ ମୁଗ୍ଧ ସ୍ନିଗ୍ଧ ଭାବ,
ସତ୍ୟର ବତୀ ପ୍ରଜ୍ୱଳିତ ଶିଖା
ବିଦ୍ୟତ୍‌ର ଆବିର୍ଭାବ ॥

କାର୍ତ୍ତିକ ପୂର୍ଣ୍ଣିମା ପଂଚକର ଶେଷ
ପ୍ରଭୁ କାର୍ତ୍ତିକଙ୍କ ପୂଜା,
ଧରାରେ ଉଡ଼ିବ ଧର୍ମର ପତାକା
ଉଚ୍ଚେ ରହିଥିବ ଉର୍ଜା ॥

ପୂର୍ଣ୍ଣମୀ ରାତ୍ରିର ଜ୍ୟୋତ୍ସ୍ନାର ସମ୍ଭାର
ହସୁଥାଏ ରୂପାଜହ୍ନ,
ଆକାଶ ଦୀପର ଦିକି ଦିକି ଜ୍ୟୋତି
ପୂର୍ଣ୍ଣ କରେ ରିକ୍ତ ମନ ॥

ଥୁରୁ ଥୁରୁ ଜାଡ଼ ପାହାନ୍ତା ପ୍ରହର
ବୋଇତ ବନ୍ଦାଣ ପର୍ବ,
ଶଙ୍ଖ, ହୁଳହୁଳି, ଝାଂଜ, କରତାଳ
ଉତ୍କଳର ଗଉରବ ॥

ଓଡ଼ିଆ ଜାତିର ଗର୍ବର ସଂକେତ
ପଂଚକର ଅନ୍ତଃସ୍ୱର,
ପବିତ୍ର ମଧୁର ସ୍ନିଗ୍ଧ ସଦଭାବ
ଏକତାର ଭରପୂର ॥


+ ଅଧ୍ୟାପକ, ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ: ୮୨୪୯୧୩୭୦୯୧


### ଦୂର୍ବାଦଳ...

ରତ୍ନକାନ୍ତି ମିଶ୍ର

ଧରଣୀ କୋଳରେ ଜନମ ନେଇଛି
ସବୁଜ ସେ ଦୂର୍ବାଦଳ
କ୍ଷୁଦ୍ର ବୋଲି ମନେ ନାହିଁ ଅଭିମାନ
କେତେ ଯେ ସହନଶୀଳ ॥
ଜୀବଜନ୍ତୁ ପାଦ ଆଣେ ପରପାଦ
ନିତି ତାକୁ ପୀଡ଼ା ଦିଏ
ନିଦାଘର ତାପ ଦୁଃଖ ଅପ୍ରମିତ
ନିର୍ବିକାରେ ସବୁ ସହେ ॥
ସବୁଜ ଗାଲିଚା ପରି ଧରାପୃଷ୍ଠେ
ନିଜକୁ ବିଛେଇ ଦେଇ
ଜାବୁଡ଼ି ଧରିଛି ମାଟି-ମାଆ ବକ୍ଷ
ହୃଦେ ଆତ୍ମୀୟତା ନେଇ ॥
ମୃତ୍ତିକା କ୍ଷୟରୁ ରକ୍ଷା କରେ ଧରା
ପଶୁଙ୍କୁ ଆହାର ଦିଏ
ସାଧବ ବୋହୂଟି ଉଲ୍ଲାସ ମନରେ
ତା' ଦେହରେ ଖେଳୁଥାଏ ॥
ମଥା କରି ନତ ଧୈର୍ଯ୍ୟ ଧରିଥାଏ
ପ୍ରତିକୂଳ ସ୍ଥିତି ବେଳେ
ବଉଁଶ ପରାଏ ନାହିଁ ତାର ଆଣ୍ଟ
ବିନମ୍ର ସେ କାଳେ କାଳେ ॥
ଯେତେ ଦୁର୍ବିପାକ ଆସୁ ଧରାଧାମେ
ବିଲୟ ନୁହେଁ ତା ସତ୍ତା
କ୍ଷୁଦ୍ରରେ ମହତ୍ତ୍ୱ ଥାଏ ଲୁକ୍କାୟିତ
ଜଗତେ ବାଣ୍ଟେ ସେ ବାର୍ତ୍ତା ॥
ନୁହେଁ ସିଏ କେବେ ପରଶ୍ରୀକାତର
ନାହିଁ ମନେ ଆତ୍ମଗ୍ଳାନି
ସେବା ସମର୍ପଣେ ସଦା ତତପର
କରିଛି ଆମକୁ ଋଣୀ ॥


+ ଅଳି, କେନ୍ଦ୍ରାପଡ଼ା


## କବିତା କୋଣାର୍କ

### ଦଇବ ଦଉଡ଼ି...

ନିରଞ୍ଜନ ସାହୁ

ସମୟ ହାତର ପାପୁଲି ରେଖାକୁ
ବୁଝିବା କଠିନ ଭାରି
ସାମୁଦ୍ରିକ ପାଠ କାମ କରେନାହିଁ
ଜ୍ୟୋତିଷ ହୁଅଇ ଘାରି ॥

ପାଠ ଯାହା କହେ ତାହା ଘଟେ ନାହିଁ
ହୋଇଥାଏ ସଦା ଆନ
ସେ ପାଠ କେବଳ ବୁଝି ପାରିଥାନ୍ତି
ସୃଷ୍ଟିକର୍ତ୍ତା ଭଗବାନ
ସମୟ ଅଟଇ ବଡ଼ ବଳବାନ
ତାରେ ପୁଣି ପାରେ ମାରି ॥

ବିଧିର ବିଧାନ ବିଚିତ୍ର ଅଟଇ
ସିଏ ଆଂକେ ତା'ର ଚିତ୍ର
ସିଏ ସାଜିପାରେ ସଂସାର ବଇରୀ
ପୁଣି ସାଜେ ସୃଷ୍ଟି ମିତ୍ର
କେବେ ସେ ଉଠାଏ କେବେ ସେ ବୁଡ଼ାଏ
କେବେ କରେ ନଦୀ ପାରି ॥


+ ନିହଲପ୍ରସାଦ, ଗନ୍ଦିଆପାଟଣା
ଢେଙ୍କାନାଳ-୭୫୯୦୧୬
ମୋ: ୯୯୩୮୭୪୧୫୮୩

# ମୋଜାମ୍ବିକରେ "ଆଲ୍ଲା ହୁ' ଆକବର"

ସୌମେନ୍ଦ୍ର ଜେନା

ଚଳିତ ନଭେମ୍ବର ମାସର ପ୍ରଥମ ସପ୍ତାହରେ ଆଫ୍ରିକାର ଅନ୍ୟତମ ରାଷ୍ଟ୍ର ମୋଜାମ୍ବିକରେ ଇସଲାମିକ୍ ଉଗ୍ରବାଦୀଙ୍କ ଆକ୍ରମଣରେ ଗୋଟିଏ ସ୍ଥାନରେ ୫୦ଜଣଙ୍କ ମୁଣ୍ଡ କାଟ ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି । ମୋଜାମ୍ବିକ ଅନ୍ୟ ୟୁରୋପୀୟ ରାଷ୍ଟ୍ର ଫ୍ରାନ୍ସ, ଇଂଲଣ୍ଡ ପରି ଧନୀରାଷ୍ଟ୍ର ହୋଇନଥିବା ହେତୁ ବିଶ୍ୱର ଖବରବଜାରରେ ଏହାର ଖବର ଅଧିକ ବିକ୍ରି ହୋଇପାରିନାହିଁ । ନହେଲେ ଯେଉଁଠି ଏହାର ୧୨ଭାଗରୁ କମ୍ ଲୋକେ ଗୋଟିଏ ଘଟଣାରେ ମୃତ୍ୟୁବରଣ କରିଥିବା ଅଷ୍ଟ୍ରିଆ, ଫ୍ରାନ୍ସର ଖବର ବିଶ୍ୱସାରା ବ୍ୟାପି ଯାଇଥିବା ସ୍ଥଳେ ମୋଜାମ୍ବିକର ଖବରକୁ ଗଣମାଧ୍ୟମଗୁଡିକ ଆବଶ୍ୟକ ସ୍ଥାନ ଦେବାକୁ ଇଛା ପ୍ରକାଶ କରିନାହାନ୍ତି, ତେଣୁ ଲେଖକ ତାରେକ ଫତେହ ବ୍ୟଙ୍ଗ କରି ଲେଖିଛନ୍ତି ଯେ 'ଆଫ୍ରିକୀୟମାନେ ବୋଧହୁଏ ଛୋଟ ଈଶ୍ୱରଙ୍କ ସନ୍ତାନ । ଏହି ଘଟଣାଟି ଅତି କ୍ରୁର ହୋଇଥିବା ସତ୍ତ୍ୱେ ଆମେରିକାର ରାଷ୍ଟ୍ରପତି ନିର୍ବାଚନର ଖବର ବନ୍ୟାରେ ଭାସିଯାଇଥିବା ଜଗତର ଲୋକଙ୍କ ପାଇଁ ଆଫ୍ରିକାର ଏହି ସମ୍ବାଦ ଅଜଣା ହୋଇ ରହିଗଲା । ମାରିଆ ୱିର୍ଥ ତାଙ୍କ ଟ୍ୱିଟରରେ କହିଛନ୍ତି 'ବ୍ଲାକ-ଲାଇଭ ମ୍ୟାଟର, ମିଡିଆ, ସରକାର ସବୁ ଗଲେ କୁଆଡେ ?' ଭିଏନାର ୪ ମୃତକଙ୍କ ସହ ଏହାର ତୁଳନା କରାଯାଉ । ଅଷ୍ଟ୍ରିଆ ସହ ସାରା ବିଶ୍ୱ ଛିଡା ହୋଇଥିଲାବେଳେ ଏପରି ବାଛ ବିଚ୍ଛର କାହିଁକି ?' ତେବେ ଦକ୍ଷିଣ ଆଫ୍ରିକାର ମୋଜାମ୍ବିକର ଉତ୍ତରଭାଗରେ ଇସଲାମିକ ଗୋଷ୍ଠୀ ସମର୍ଥିତ ସନ୍ତ୍ରାସବାଦୀମାନେ, ସିରିଆ ଓ ଇରାକରେ ଗଣହତ୍ୟା, ଫ୍ରାନ୍ସ ଓ ଅଷ୍ଟ୍ରିଆରେ ଗଣହତ୍ୟା ପୂର୍ବରୁ ଗୋଟିଏ ସ୍ଲୋଗାନ ଦେବା ସବୁଠି ଶୁଣାଯାଉଥିଲା ତାହା ହେଲା 'ଆଲ୍ଲା ହୁ ଆକବର ।'

ନିଜକୁ ବିଶ୍ୱର ସବୁଠୁ ଅଧିକ ଶାନ୍ତିପ୍ରିୟ ବୋଲି କହୁଥିବା ଇସଲାମ ଧର୍ମାବଲମ୍ବୀମାନେ ଯେଉଁଠି ଏକାଠି ହୋଇଛନ୍ତି ସେଠାରେ କିଛି ଅଶାନ୍ତି ସୃଷ୍ଟିପାଇଁ ଅତୀତରୁ ଆଜିଯାଏ ଉଦ୍ୟମ କରିଆସିଛନ୍ତି । ନିକଟରେ ଘଟିଯାଇଥିବା ଘଟଣାଗୁଡିକ ଏହାର ଉତ୍କୃଷ୍ଟ ପ୍ରମାଣ । ଶୁକ୍ରବାରିଆ ଧର୍ମସଂସଦରେ ବିଶ୍ୱାସ କରୁଥିବା ଏହି ଧର୍ମର ଲୋକେ ଠିକ୍ ଶୁକ୍ରବାର ରାତିରେ ମୋଜାମ୍ବିକର କାବୋ ଡେଲଗାଡୋ ରାଜ୍ୟର ନଞ୍ଜାବା ଗ୍ରାମ ଉପରେ ଆକ୍ରମଣ କରି ଲୋକମାନଙ୍କ ବାସଗୃହରେ ଅଗ୍ନି ସଂଯୋଗ କରିବା ପରେ ଲୋକେ ଭୟରେ ବାହାରକୁ ଚ୍ଳି ଆସିଥିଲେ । ପରେ ସନ୍ତ୍ରାସବାଦୀମାନେ ଗ୍ରାମର ଖେଳପଡିଆକୁ ଲୋକଙ୍କୁ ବନ୍ଧୁକ ମୁନରେ ନେଇଯାଇ ସେମାନଙ୍କ ମୁଣ୍ଡକାଟ କରିଥିଲେ । ବୋଧହୁଏ ବିଧର୍ମୀଙ୍କୁ ହତ୍ୟାକରି ଭାରତରେ ଯେମିତି ମୋଗଲ ସମ୍ରାଟ ବାବର ହିନ୍ଦୁମାନଙ୍କ କଟା ମୁଣ୍ଡର ପାହାଡ ଦେଖି ଆତ୍ମବିଭୋର ହୋଇ କହିଥିଲା "ମୁଁ ଏହି ବିଧର୍ମୀଙ୍କୁ ହତ୍ୟାକରି ଏତେ ଆନନ୍ଦିତ ହୋଇଛି । ଆଲ୍ଲା କେତେ ଆନନ୍ଦ ଅନୁଭବ କରୁନଥିବେ ସତେ ?" ଠିକ୍ ସେମିତି ଇସଲାମିକ ଷ୍ଟେଟର ସନ୍ତ୍ରାସୀ ଗୋଷ୍ଠୀ ବାବରମାର୍କା ଆନନ୍ଦ ଲାଭ କରିଥିଲେ ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କ ମୁଣ୍ଡକାଟ କରି ।

ଆଫ୍ରିକା ମହାଦେଶର ପୂର୍ବ ଉପକୂଳରେ ଥିବା ମୋଜାମ୍ବିକର ୨୦୧୭ ଜନଗଣନା ଅନୁଯାୟୀ ୫୬.୧% ଖ୍ରୀଷ୍ଟିଆନ୍, ୧୮% ମୁସଲମାନ, ୧୭.୯% କୌଣସି ଧର୍ମର ବାହାରେ, ୭.୪% ପାରମ୍ପାରିକ ଧର୍ମାବଲମ୍ବୀ ରହିଛନ୍ତି । ପ୍ରାୟ ତିନି କୋଟି ଜନସଂଖ୍ୟା ବିଶିଷ୍ଟ ଏହି ରାଷ୍ଟ୍ର ଅତୀତରେ୧ ମାର୍ଚ୍ଚ ୧୪୯୮ରୁ ୨୫ଜୁନ୍୧୯୭୫ ଯାଏଁ ପର୍ତ୍ତୁଗୀଜମାନଙ୍କ ଶାସନାଧୀନ ରହିଥିଲା । ସ୍ୱାଧୀନତା ଲାଭ କରିବା ପରଠାରୁ ପ୍ରାୟ ୧୫ବର୍ଷ (୧୯୭୭-୯୨) ଏହି ରାଷ୍ଟ୍ର ଗୃହଯୁଦ୍ଧର ସମ୍ମୁଖୀନ ହୋଇଥିଲା । ଏକଦା ମୋଜାମ୍ବିକର ଶାସନଗତ ଅସ୍ଥିରତା ପଛରେ ବାମପନ୍ଥୀ ରୁଷିଆର ସରକାର ଏବଂ ଦକ୍ଷିଣପନ୍ଥୀ ଦକ୍ଷିଣ ଆଫ୍ରିକାର ସରକାରଙ୍କ ଭୂମିକା ଅଧିକ ରହିଥିଲା । ସୋଭିଏତ ରୁଷିଆର ପତନ ପରେ ପରେ ମୋଜାମ୍ବିକରେ ବାମପନ୍ଥୀ ସନ୍ତ୍ରାସବାଦୀଙ୍କ ପ୍ରଭାବ ହ୍ରାସ ପାଇଥିଲା । ଆରବ ଜଗତରେ ଇସଲାମିକ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ବିରୋଧରେ ସିରିଆ, ୟେମେନ, ଇରାକ, ଆଦି ରାଷ୍ଟ୍ରରେ ବ୍ୟାପକ ଅଭିଯାନପରେ ଆଇଏସ୍ ସନ୍ତ୍ରାସବାଦୀ ଏବଂ ସେମାନଙ୍କ ସମର୍ଥକମାନେ ଆରବର ଅଞ୍ଚଳ ଛାଡି ଇଉରୋପ ଏବଂ ଆଫ୍ରିକାର ଦେଶଗୁଡିକୁ ଶରଣାର୍ଥୀଭାବେ ଚ୍ଳିଯାଇ ସେସବୁ ଦେଶରେ ସଂଗଠିତ ଭାବେ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଚଳାଇଛନ୍ତି । ସାମୁଦ୍ରିକ ପଥରେ ଏହି ସନ୍ତ୍ରାସବାଦୀମାନେ ମୋଜାମ୍ବିକରେ ପ୍ରବେଶ କରି ସ୍ଥାନୀୟ ଉଗ୍ରବାଦୀ ବିଚ୍ଛରଧାରାର ମୁସଲିମମାନଙ୍କୁ ପ୍ରଭାବିତ କରି ନିଜର ପ୍ରଭାବବୃଦ୍ଧି କରିବା ସହ ଇରାକ ଓ ଆଫଗାନିସ୍ଥାନରେ ମୁଣ୍ଡକାଟି ହତ୍ୟା କରିବା ପରି ବର୍ବରତାକୁ ପ୍ରଦର୍ଶିତ କରିଛନ୍ତି । ଏହା ପୂର୍ବରୁ ଚଳିତବର୍ଷ ୭ଏପ୍ରିଲରେ ମୋଜାମ୍ବିକର କାବୋ ଡେଲଗାଡୋ ରାଜ୍ୟର ମୁଇଡୁମ୍ବେ ଜିଲ୍ଲାର ଜିଟାକ୍ସିଠାରେ ଇସଲାମିକ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ଆକ୍ରମଣରେ ୫୨ଜଣ ଗ୍ରାମବାସୀଙ୍କ ମୃତ୍ୟୁ ହୋଇଥିଲା । କାରଣ ସେମାନେ ସନ୍ତ୍ରାସବାଦୀ ଗୋଷ୍ଠୀରେ ସାମିଲ ହେବାକୁ ମନା କରି ଦେଇଥିଲେ । ଏହି ଆକ୍ରମଣ ପଛରେ ଇସଲାମିକ ଷ୍ଟେଟ ସେଣ୍ଟ୍ରାଲ ଆଫ୍ରିକା ପ୍ରଭିନ୍ସ ଗୋଷ୍ଠୀ ରହିଥିବାର ଜଣାପଡିଛି । ଦେଶରେ ୨୦୧୮ରୁ ଅନ୍‌ସାର ଅଲ ସୁନାହ ଗୋଷ୍ଠୀ ଉତ୍ତର ମୋଜାମ୍ବିକରେ ସକ୍ରୀୟ ଥିଲାବେଳେ ଇସଲାମିକ ଷ୍ଟେଟ ଇରାକ୍- ଲେଭାଣ୍ଟ ଗୋଷ୍ଠୀ ମଧ୍ୟ ସକ୍ରିୟ ରହିଛି । ଗତବର୍ଷ ଜୁନମାସରେ ମୋଜାମ୍ବିକର ସୁରକ୍ଷା ବାହିନୀ ଉପରେ ମରଣାନ୍ତକ ଆକ୍ରମଣ ଏହି ଗୋଷ୍ଠୀ ପକ୍ଷରୁ ହୋଇଥିଲା । ଅନସାର ଗୋଷ୍ଠୀ ୨୦୦୩ରୁ ୨୦୦୭ ଯାଏଁ ଆମେରିକା ସେନା ବିରୋଧରେ ଲଢିଥିଲେ । ସ୍ଥାନୀୟ ଲୋକେ ଏମାନଙ୍କୁ ଅଲ-ଶବାବ ବୋଲି କହୁଥିଲେ ହେଁ ଏମାନେ ସୋମାଲିଆର ସନ୍ତ୍ରାସବାଦୀ ଅଲ ଶବାବଠାରୁ ଭିନ୍ନ । ଏହି ଗୋଷ୍ଠୀରେ ମୋଜାମ୍ବିକର ମୋସିମ୍ବୋଆ ଦା ପ୍ରାୟିଆ, ପାଲ୍‌ମା ଏବଂ ମାନୋମିଆ ଜିଲ୍ଲାର ସୁନ୍ନି ମୁସଲମାନେ ରହିଛନ୍ତି । ଏମାନଙ୍କ ସହ କିଛି ତାଞ୍ଜାନିଆ ଏବଂ ସୋମାଲିଆର ବିଦେଶୀ ସନ୍ତ୍ରାସବାଦୀ ରହି କାର୍ଯ୍ୟ କରୁଛନ୍ତି । ଦେଶର ମାକୋମିଆ, ମୋସିମ୍ବୋଆ, ମୋଣ୍ଟେପୁଏଜ ଜିଲ୍ଲାର କ୍ୟାମ୍ପଗୁଡିକରେ ଏମାନଙ୍କ ପ୍ରଶିକ୍ଷଣ କେନ୍ଦ୍ର ଜଙ୍ଗଲ ମଧ୍ୟରେ ଚ୍ଳୁ ରହିଛି । ସରକାରଙ୍କୁ ବିରୋଧ କରୁଥିବା ସ୍ଥାନୀୟ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଏବଂ ସୀମା ସୁରକ୍ଷା ବାହିନୀର ଯବାନ ସନ୍ତ୍ରାସବାଦୀଙ୍କୁ ପ୍ରଶିକ୍ଷଣ ଦେଉଥିବା ବିଷୟ ଜଣାପଡିଛି ।

ଇସଲାମିକ ସନ୍ତ୍ରାସବାଦୀ ଗୋଷ୍ଠୀ ଅନସାର୍ ଅଲ ସୁନ୍ନାହର ମୂଳ ନାମ ହେଲା 'ଆଲ୍ଲା ସୁନ୍ନା ୱା ଜାମୋ ।' ୨୦୧୫ରେ ଏହି ଗୋଷ୍ଠୀ ଦେଶର ଉତ୍ତର ଭାଗରେ ଧାର୍ମିକ ଆନ୍ଦୋଳନ ଆରମ୍ଭ କରିଥିଲା । ଏହି ଗୋଷ୍ଠୀ ଗଠନ ପଛରେ କେନିଆର ଉଗ୍ରବାଦୀ ଧର୍ମଗୁରୁ ଅବାଉଣ୍ଡ ରୋଗୋଙ୍କ ଅନୁଗାମୀ ରହିଥିଲେ । ୨୦୧୨ରେ ରୋଗୋଙ୍କ ମୃତ୍ୟୁ ହୋଇଥିଲା । ପରେ ତାଙ୍କର ଅନୁଗାମୀମାନେ କିବିଟି, ତାଞ୍ଜାନିଆ, ମୋଜାମ୍ବିକ ଆଦି ଦେଶକୁ ଚ୍ଳି ଯାଇଥିଲେ । ଏମାନଙ୍କ ମତ ହେଲା ଯେ ମୋଜାମ୍ବିକରେ ମହମ୍ମଦଙ୍କ କହିବାନୁସାରେ ଇସଲାମିକ ଧର୍ମକୁ ପାଳନ କରାଯାଉନାହିଁ । ଏହାର ସଦସ୍ୟମାନେ ମୋଜାମ୍ବିକର ମସ୍‌ଜିଦଗୁଡିକରେ ପ୍ରବେଶ କରି ଅନ୍ୟମାନଙ୍କୁ ଗୋଷ୍ଠୀରେ ସାମିଲ ହେବାଲାଗି ଧମକ ଦେଇଥାନ୍ତି । ଏହି ଆନ୍ଦୋଳନ ଖ୍ରୀଷ୍ଟିଆନ ଏବଂ ପାଶ୍ଚାତ୍ୟ ରାଷ୍ଟ୍ର ବିରୋଧୀ । ଲୋକମାନଙ୍କୁ ଡାକ୍ତରଖାନା ଏବଂ ବିଦ୍ୟାଳୟକୁ ନ ଯିବା ଲାଗି ଏମାନେ ସାଧାରଣତଃ ପ୍ରବର୍ତ୍ତାଇଥାନ୍ତି । ଦେଶରେ ସରିଆ ଆଇନ ଲାଗୁକରିବା ହେଉଛି ଏମାନଙ୍କ ଲକ୍ଷ୍ୟ । ଗୋଷ୍ଠୀକୁ ଆରବ ଜଗତରୁ ଅନେକ ଅର୍ଥ ଆସୁଛି । ଦେଶର ତୈଳ ଓ ଅନ୍ୟ ପ୍ରାକୃତିକ ସଂପଦକୁ ଅକ୍ତିଆର କରି ଅର୍ଥ ଉପାର୍ଜନ କରିବାଲାଗି ଏମାନେ କାର୍ଯ୍ୟ ଜାରି ରଖିଛନ୍ତି । ଦେଶର ଜନସାଧାରଣଙ୍କ ଆର୍ଥିକମାନ ଦୁର୍ବଳ ଥିବା ହେତୁ ସେମାନେ ଗ୍ରାମାଞ୍ଚଳରେ କୁଡିଆ ଘର କରି ରହିଥାନ୍ତି ଯାହାକୁ ପୋଡିଦେବା ଏବଂ ନଷ୍ଟ କରିବା ସନ୍ତ୍ରାସବାଦୀଙ୍କ ପକ୍ଷେ ସହଜ ହୋଇଥାଏ । ହେରୋଇନ୍, ହାତୀଦାନ୍ତ, ନିଶାଦ୍ରବ୍ୟର ଚ୍ରେରା ଚ୍ଳାଣରୁ ଏହି ଗୋଷ୍ଠୀଙ୍କୁ ଢେର ଅର୍ଥ ମିଳୁଛି । ମୋଜାମ୍ବିକର ଦାରିଦ୍ର୍ୟ, ସାମାଜିକ, ଆର୍ଥିକ ଓ ରାଜନୀତିକ ସମସ୍ୟା ସହ ବେରୋଜଗାରୀ ସଙ୍କଟକୁ ବଢାଇ ଦେଇଛି ।


୨୦୧୭ରୁ ମୋଜାମ୍ବିକର ସନ୍ତ୍ରାସବାଦୀଙ୍କ ସିଧାସଳଖ ଆକ୍ରମଣ ଘଟଣା ଦୃଷ୍ଟିକୁ ଆସିଥିଲା । ମସଜିଦ୍‌ଗୁଡିକ ସନ୍ତ୍ରାସବାଦୀଙ୍କ ପାଇଁ ସୁରକ୍ଷିତ ଆଶ୍ରୟସ୍ଥଳୀ ଭାବେ ବ୍ୟବହୃତ ହେଉଥିବା ଯୋଗୁ ସରକାରଙ୍କ ପକ୍ଷରୁ କାବୋ ଡେଲଗାଡୋ ରାଜ୍ୟର ତୋମ୍ବା ଅନ୍ତର୍ଗତ କାରିଆକୋ, ଅଲ୍‌ଟୋ, ଗିଗାନେ ଏବଂ ଚିଉବାଠାରେ ଥିବା ମସଜିଦକୁ ବନ୍ଦ କରାଯାଇଥିଲା ।

ଭାରତରେ ଅନେକ ରାଜ୍ୟ ଯେମିତି ପ୍ରଥମାବସ୍ଥାରେ ନକ୍ସଲ ସମସ୍ୟାକୁ ବଡ ସମସ୍ୟା ବୋଲି ଗ୍ରହଣ ନକରି ଏଡାଇ ଚ୍ଳିବାରୁ ପରବର୍ତ୍ତୀ କାଳରେ ଏହା ଅନେକ ରାଜ୍ୟକୁ ବ୍ୟାପିଲା ଠିକ୍ ସେମିତି ମୋଜାମ୍ବିକର ସରକାର ଇସଲାମିକ ସନ୍ତ୍ରାସବାଦ ପ୍ରତି ଅଧିକ ସତର୍କ ନରହିବା ଏବଂ ପ୍ରଥମାବସ୍ଥାର ଘଟଣାଗୁଡିକୁ ଆତଙ୍କବାଦୀ ଆକ୍ରମଣ ଭାବେ ସ୍ୱୀକାର ନକରିବା କାରଣରୁ ପରବର୍ତ୍ତୀ କାଳରେ ଏହି ସମସ୍ୟା ଜଟିଳ ରୂପ ନେଲା । ସନ୍ତ୍ରାସବାଦୀଙ୍କ ସହ ମୁକାବିଲା କରିବାଲାଗି ମୋଜାମ୍ବିକର ସୁରକ୍ଷାବାହିନୀ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରର ବ୍ୟବହାର, ଟେକ୍‌ନୋଲୋଜିର ଉପଯୋଗ, ସୁରକ୍ଷାକର୍ମୀଙ୍କ ଆବଶ୍ୟକତା,ଉନ୍ନତ ପ୍ରଶିକ୍ଷଣ ଦରକାର କରୁଥିବାବେଳେ ଦେଶର ଦୁର୍ବଳ ଆର୍ଥିକ ସ୍ଥିତି ହିଁ ସନ୍ତ୍ରାସକୁ ନିୟନ୍ତ୍ରଣ କରିବା କ୍ଷେତ୍ରରେ ପ୍ରତିବନ୍ଧକ ହୋଇଛି । ଏବେ ମୋଜାମ୍ବିକର ସମସ୍ୟା ପ୍ରତି ଜାତିସଂଘ ଏବଂ ଅନ୍ୟ ପ୍ରମୁଖ ରାଷ୍ଟ୍ରଗୁଡିକ ସମ୍ବେଦନଶୀଳ ହୋଇ ସହଯୋଗ କରିବା ଜରୁରୀ ହୋଇପଡିଛି । ତା' ନହେଲେ ମାଡାଗାସ୍କର ଜଳପଥରେ ଆନ୍ତର୍ଜାତିକ ପରିବହନ ସନ୍ତ୍ରାସବାଦୀଙ୍କ ଟାର୍ଗେଟରେ ରହିବ । ଇସଲାମିକ ସନ୍ତ୍ରାସ ମୋଜାମ୍ବିକରେ ସଶକ୍ତ ହେଲେ ଅନ୍ୟ ଆଫ୍ରିକୀୟ ରାଷ୍ଟ୍ରଗୁଡିକୁ ବ୍ୟାପିଯାଇ ବହୁ ଧନଜୀବନ କ୍ଷୟକ୍ଷତିର କାରଣ ହେବ । ତେଣୁ ଏବେଠାରୁ ମୋଜାମ୍ବିକକୁ ସନ୍ତ୍ରାସବାଦର ମୁକାବିଲା ପାଇଁ ସମସ୍ତ ପ୍ରକାର ଆର୍ଥିକ, ସାମରିକ, ସହାୟତା ଯୋଗାଇ ଦିଆଯିବା ଆବଶ୍ୟକ ।


+ ଭାରତୀୟ ସମ୍ବାଦ ସେବା (ଭାସ୍)

ଭୁବନେଶ୍ୱର-୭୫୧୦୦୩


**ଏକବିଂଶ ଶତାବ୍ଦୀରେ ଲୋକଙ୍କ ଚିନ୍ତାଧାରା ଅନେକାଂଶରେ ବଦଳୁଥିବାର ଦେଖାଯାଉଛି । ପାଶ୍ଚାତ୍ୟ ରାଷ୍ଟ୍ରରେ ଏସବୁକୁ ଖୁବ୍ ସାଦରେ ଗ୍ରହଣ କରାଯାଇଥିବା ବେଳେ ଭାରତର ଲୋକେ ମଧ୍ୟ ସମୟକ୍ରମେ ନିଜ ଭାବନାକୁ ପରିବର୍ତ୍ତନ କରୁଛନ୍ତି ।**



କିଛି ବର୍ଷ ତଳେ ଘରର ଝିଅ, ବୋହୂଙ୍କୁ ଡ୍ରାଇଭିଂ କରିବାକୁ ଅନୁମତି ମିଳୁନଥିଲା । ଆଜିର ସମୟରେ ଲୋକଙ୍କ ମତରେ ଏସବୁ ନିୟମ କୌଣସି ପ୍ରଭାବ ପକାଇନଥାଏ । ବରଂ ଯୁବତୀମାନଙ୍କୁ ଡ୍ରାଇଭିଂ ଶିଖିବାକୁ ଉତ୍ସାହିତ କରାଯାଉଛି । ଆମ ଭାରତର ଅଧିକାଂଶ ସହରରେ ଏବେ ମହିଳାମାନେ ଡ୍ରାଇଭିଂ କରୁଛନ୍ତି । ଦିନକୁଦିନ ସେମାନଙ୍କ ସଂଖ୍ୟା ମଧ୍ୟ ବଢୁଛି ।

ଆଗରୁ ଘର କାମ ସ୍ତ୍ରୀ ଲୋକ କରୁଥିବାବେଳେ ପୁରୁଷମାନେ ବାହାର କାମ କରୁଥିଲେ । ଏବେ ଉଭୟ ପୁରୁଷ ଓ ସ୍ତ୍ରୀ ମିଳିତଭାବେ ଘର-ବାହାର କାମ କରୁଛନ୍ତି । ଅଧିକାଂଶ ପରିବାରରେ ପୁରୁଷମାନେ ମଧ୍ୟ ରୋଷେଇ କରୁଛନ୍ତି । ଏସବୁ କାମ କରି କେହି ନିଜକୁ ଛୋଟ ମନେ କରୁନାହାନ୍ତି ।

୭୦-୯୦ ଦଶକ ଶେଷ ପର୍ଯ୍ୟନ୍ତ ମହିଳା ଉଚ୍ଚ ପଦାଧିକାରୀଙ୍କୁ କର୍ମଚାରୀମାନେ ସହଜରେ ଗ୍ରହଣ କରୁନଥିଲେ । ଆଜିର ସମୟରେ ଅଧିକାଂଶ ଅନ୍ତର୍ଜାତୀୟ କମ୍ପାନୀଗୁଡ଼ିକର ଉଚ୍ଚ ପଦରେ ମହିଳାମାନେ କାର୍ଯ୍ୟରତ ଓ ଏଇ ପଦ କାହାକୁ ଅସୁବିଧାରେ ପକାଉନାହିଁ ।

କିଛି ବର୍ଷ ତଳର ଚିତ୍ରକୁ ଅନୁଧ୍ୟାନ କଲେ ଜଣାପଡ଼ିଥାଏ ରେଷ୍ଟୋରାଁରେ କେବଳ ପୁରୁଷମାନେ ହିଁ ବିଲ ଦେଉଥିଲେ । ଏବେ ଆତ୍ମନିର୍ଭରଶୀଳ ମହିଳାମାନେ ବରଂ ନିଜେ ଆଗଭର ହୋଇ ବିଲ ଦେବାକୁ ପସନ୍ଦ କରୁଛନ୍ତି ।


ଘରର ଝିଅମାନଙ୍କୁ ବିଦେଶ ଉଚ୍ଚଶିକ୍ଷା ପାଇଁ ଆଦୌ ଅନୁମତି ଦିଆଯାଉନଥିଲା । ଏବର ସମୟରେ ବାପା-ମା ମାନେ ନିଜେ ଝିଅମାନଙ୍କୁ ବାଧ୍ୟ କରି ଉଚ୍ଚଶିକ୍ଷା ପାଇଁ ଉତ୍ସାହିତ କରୁଛନ୍ତି ।



## ଗୃହିଣୀଙ୍କ ନିମନ୍ତେ ଟିପ୍ସ

**ସକାଳ ପହରରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଗୃହିଣୀଙ୍କୁ ଘରର ବିଭିନ୍ନ ଦାୟିତ୍ୱ ତୁଲାଇବାକୁ ପଡ଼ିଥାଏ । ଏସବୁ ଭିତରେ ସେମାନେ ନିଜ ପ୍ରତି ଧ୍ୟାନ ଦେବାକୁ ସମୟ ପାଆନ୍ତିନାହିଁ । ବର୍ତ୍ତମାନ ସମୟରେ ଅଧିକାଂଶ ଗୃହିଣୀଙ୍କ ମୁଖ୍ୟ ସମସ୍ୟା ହେଲା ଓଜନ ବଢ଼ିବା ସମସ୍ୟା । ଏଥିରୁ ମୁକୁଳିବାର ସହଜ ଘରୋଇ ଉପଚାର ମାନ ହେଲା-**

- ଦିନର ଆରମ୍ଭ ଫଳ ଖାଇ କରନ୍ତୁ । କଦଳୀ, ସେଓ ଅବା ଡାଳିମ୍ବ ଏସବୁ ଫଳ ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିବା ସହ ଶୀଘ୍ର ଥକ୍କା ଲାଗିନଥାଏ ।
- ନିଜ ପାଇଁ ଯେପରି ହେଲେ ପ୍ରତିଦିନ ୩୦ମିନିଟ୍‌ରୁ୧ଘଣ୍ଟା ସମୟ ବାହାର କରନ୍ତୁ । ଏଇ ସମୟରେ ଧ୍ୟାନ, ଯୋଗ କିମ୍ବା ପ୍ରାଣାୟମ ନଚେତ ପାଖରେ ଥିବା ପାର୍କରେ ଚଲାବୁଲା କରନ୍ତୁ । ଏପରି କରିବା ଦ୍ୱାରା ଆପଣଙ୍କୁ ଫୂର୍ତ୍ତି ଲାଗିବ ।
- ତେଲ- ଛଣାଛଣି ଖାଇବାର ଅଭ୍ୟାସଠାରୁ ଦୂରେଇବା ସହ ପନିପରିବା ଖାଇବା ଉପରେ ଅଧିକ ଗୁରୁତ୍ୱ ଦେବା ଉଚିତ ।
- ମାସକୁ ଥରୁଟିଏ ଅନ୍ତତଃ ପାର୍ଲର ଯାଇ ଫେସିଆଲ କରାନ୍ତୁ ।



- ଖାଦ୍ୟ ପାନୀୟରେ ନିଜେ ସତର୍କ ହେବା ସହ ପରିବାରର ଅନ୍ୟ ସଦସ୍ୟଙ୍କୁ ମଧ୍ୟ ସତର୍କ କରାଇବା ହି ଆପଣଙ୍କର ମୁଖ୍ୟ କର୍ତ୍ତବ୍ୟ ।

ଓଜନ କମ କରିବାକୁ ଚାହୁଁଥିଲେ ପ୍ରଥମେ ଚିନି ଖାଇବା ବନ୍ଦ କରନ୍ତୁ । ଏହା ପରିବର୍ତ୍ତେ ଗୁଡ଼, ମହୁ ଇତ୍ୟାଦିର ଉପଯୋଗ କରିପାରିବେ ।


- ଦ୍ୱିପହର ଭୋଜନ ଅବା ରାତ୍ରି ଭୋଜନରେ ସାଲାଡ ନିୟମିତ ଭାବେ ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ । ଏପରି କଲେ ଆପଣଙ୍କ ଓଜନ ମଧ୍ୟ ନିୟନ୍ତ୍ରିତ ହୋଇଥାଏ ।

## କେଶରେ ଚିନିର ପ୍ରୟୋଗ

ଘନ କେଶ ପ୍ରତି ପ୍ରତ୍ୟେକ ଯୁବତୀ ତଥା ମହିଳାଙ୍କ ଅହେତୁକ ଦୁର୍ବଳତା ରହିଛି । ସୁନ୍ଦର କେଶ ନିମନ୍ତେ




ବିଭିନ୍ନ ପ୍ରକାର ଘରୋଇ ଉପଚାର କରିବା ଉଚିତ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତ । ବଜାରରେ ଉପଲବ୍ଧ ଅର୍ଗାନିକ୍ ଶାମ୍ପୁ ନଚେତ ଘରୋଇ ଉପାୟରେ ତିଆରି ଶ୍ୟାମ୍ପୁର ପ୍ରୟୋଗ କେଶରେ କରିବା ଉଚିତ । ତେବେ ଆମ ରୋଷେଇଘରେ ବ୍ୟବହୃତ ହେଉଥିବା ଚିନିକୁ ମଧ୍ୟ କେଶ ଚର୍ଚ୍ଚାରେ ପ୍ରୟୋଗ କରିହେବ । ମେହେନ୍ଦୀ ପ୍ୟାକରେ ଅଧ ଚାମଚ ଚିନି ଗୁଣ୍ଡର ପ୍ରୟୋଗ କରି ତାହାକୁ କେଶରେ ଲଗାଇବେ । କେଶର ଘନତ୍ୱ ବଢ଼ିଥାଏ । କେଶରେ ଶ୍ୟାମ୍ପୁ କଲାବେଳେ ଶ୍ୟାମ୍ପୁ



କେଶରେ ଲଗାଇବା ପୂର୍ବରୁ ଗୁଣ୍ଡ ଚିନି ଚିମୁଟାଏ ଶ୍ୟାମ୍ପୁରେ ମିଶାଇ କେଶ ସଫା କରନ୍ତୁ । ନିଜେ ହିଁ ଫରକ ଜାଣିପାରିବେ ।

## ରୋବଟର ନାଁ 'ଫୋଡୋର'

ମଣିଷ ପରି ଆକୃତିର ଏକ ରୋବଟକୁ ରୁଷର ମହାକାଶ ଯାନ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ (ଆଇଏସଏସ)ରେ ପହଞ୍ଚାଇଛି । ଏହି ରୋବଟର ନାମ ଫେଡୋର ( ଫାଇନାଲ ଏକ୍ସପେରିମେଣ୍ଟାଲ ଡେମନଷ୍ଟ୍ରେସନ ଅବଜେକ୍ଟ ରିସର୍ଚ୍ଚ) । ମହାକାଶକୁ ଯିବା ପୂର୍ବରୁ ହିଁ ଏହି ରୋବଟ ମହାକାଶରେ ରହିବ । ଏହାର ଏକ ଇନଷ୍ଟାଗ୍ରାମ ଏବଂ ଟ୍ୱିଟର ଆକାଉଣ୍ଟ ମଧ୍ୟ ରହିଛି । କିଛିଦିନ ତଳେ ଫେଡୋର ପାଣି ବୋତଲ ଖୋଲିବାର କଳା ଶିଖିଛି ବୋଲି ଏକ ଫଟୋ ଏହାରଆକାଉଣ୍ଟରେ ଶେୟାର କରାଯାଇଥିଲା । ରୁଷ ଏଯାବତ ସୋୟୁଜ ଏମଏସସୋୟୁଜ ଏମଏସ-୧୪ ଯାନରେ ମହାକାଶ ଯାତ୍ରୀମାନଙ୍କୁ ପଠାଉଥିଲା । ଚଳିତ ଥର ମଣିଷଙ୍କ ବଦଳରେ ରୋବଟ ଯାଇଛି । ଏହାର ହାତରେ ରୁଷର ଜାତୀୟ ପତାକା ରହିଥିଲା । ରୁଷର ପ୍ରଥମ ମହାକାଶଯାତ୍ରୀଙ୍କ ପରି ଫେଡୋର ମଧ୍ୟ ଗଲାବେଳେ ରୁଷୀୟ ଭାଷାରେ ହଉ, ଏବେ ଯିବା' ବୋଲି କହିଥିଲା । ପୂର୍ବରୁ ୨୦୧୧



ମସିହାରେ ନାସା ରୋବୋନଟ-୨ ମହାକାଶକୁ ପଠାଇଥିଲା । ଏଥିରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହାକୁ ୨୦୧୮ ମସିହାରେ ପୃଥିବୀକୁ ଫେରାଇ ଅଣାଗଲା । ୨୦୧୩ରେ ଜାପାନର ପ୍ରଥମ ମହାକାଶ ଯାତ୍ରା ଏକ ଛୋଟ ରୋବଟ କରୋବୋକୁ ନିଜ ସହ ମହାକାଶକୁ ନେଇ ଯାଇଥିଲେ ।

## ଓଜନ କମ କରିବାର ଉପାୟ

**ସୁସ୍ଥ ଶରୀର ନିମନ୍ତେ ସଠିକ୍ ଓଜନ ରହିବା ନିତାନ୍ତ ଜରୁରୀ । ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ କିଛି ଘରୋଇ ଉପଚାର :-**

ଅଧିକାଂଶ ଭାରତୀୟ ଖାଦ୍ୟରେ ଧନିଆ ପତ୍ର ବ୍ୟବହୃତ ହୁଏ । ଏହି ପତ୍ରକୁ ବାଟି ଏକ ଗିଲାସ ଉଷୁମ ପାଣିରେ ମିଶାଇ ପିଅନ୍ତୁ । ୩ଦିନ ପିଇବା ପରେ ଜଣେ ବ୍ୟକ୍ତି ଫରକ୍ ଜାଣିପାରିବ । ୧ମାସ ପିଇଲେ ଜଣେ ବ୍ୟକ୍ତିର ଓଜନ କମ ହୁଏ ।

ସକାଳୁ ତୁଳସୀ ପତ୍ର ଚା ନଚେତ ୫ରୁ ୧୦ଟି ତୁଳସୀ ପତ୍ରକୁ ଚୋବାଇ ଖାଆନ୍ତୁ । ନିୟମିତ ଏହାକୁ ଖାଇଲେ ଓଜନ ନିୟନ୍ତ୍ରଣାଧୀନ ହୋଇଥାଏ । ନଚେତ ତୁଳସୀପତ୍ର ଫୁଟାପାଣି ଦିନକୁ ୪ରୁ୫ ଗିଲାସ ପିଅନ୍ତୁ । ଓଜନ କମ ନିମନ୍ତେ ପୋଦିନା ପତ୍ର ମଧ୍ୟ ବେଶ୍ ସହାୟକ । କାକୁଡ଼ି ରସ ସହ ପୋଦିନା ରସ ମିଶାଇ ପିଇଲେ ଓଜନ ନିୟନ୍ତ୍ରିତ ହୁଏ ।

ଭୃର୍ସୁଙ୍ଗ ପତ୍ରକୁ ଛେଚି ଏହାକୁ ଚୋବାଇ ଖାଇଲେ ମଧ୍ୟ ଉପକାର ମିଳେ । ନଚେତ ଏହାକୁ ମଧ୍ୟ ପାଣିରେ ଫୁଟାଇ ପିଇହେବ । ଲେମ୍ବୁ ପାଣି ମୋଟା ଲୋକଙ୍କ ପାଇଁ ସବୁଠୁ ଉତ୍ତମ ପାନୀୟ । ଏହା ଶରୀର ପାଇଁ ଭଲ ହେବା ସହ ଓଜନକୁ ଶୀଘ୍ର କମାଏ । ଲେମ୍ବୁ, ରସକୁ ଉଷୁମ ପାଣିରେ ମିଶାଇ ପିଇଲେ ତାହା ତୁରନ୍ତ କାର୍ଯ୍ୟକାରୀ ହୋଇଥାଏ ।



# ବିଧାନସଭାରେ ସୀମା ବିବାଦ ପ୍ରସଂଗରେ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା

ଭୁବନେଶ୍ୱର,୨୬।୧୧ (ନି.ପ୍ର): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ତହସିଲ ଅନ୍ତର୍ଗତ କୋଟିଆ ଗ୍ରାମ ପୁଂଜକୁ ନେଇ ପଡ଼ୋଶୀ ଆନ୍ଧ୍ର ପ୍ରଦେଶ ସହିତ ଥିବା ସୀମା ବିବାଦର ଆପାତତଃ ସମାଧାନ ହୋଇଛି । ସ୍ଥାୟୀ ସମାଧାନ ପାଇଁ ସରକାର ନିରନ୍ତର ଉଦ୍ୟମ କରୁଛନ୍ତି । ତେଣୁ ଏହି ପ୍ରସଂଗରେ ସରକାର ଆଦୌ ନୀରବ ଦ୍ରଷ୍ଟା ନୁହଁନ୍ତି ବୋଲି ବିଧାନ ସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ପ୍ରକାଶ କରିଛନ୍ତି । ବିରୋଧୀ ଦଳର ବିଧାୟକ ମାନେ ଏହି ପ୍ରସଙ୍ଗରେ ଗୃହ କମିଟି ଗଠନ କରିବାକୁ ଦାବି କରିଥିଲେ । ଆଜି ବିଧାନ ସଭାରେ ସୀମା ବିବାଦ ପ୍ରସଂଗରେ ଆଗତ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା କରି ବିଜେପି ସଭ୍ୟ ମୋହନ ମାଝୀ, ବିଷ୍ଣୁ ଚରଣ ସେଠୀ ଏବଂ କେ. ନାରାୟଣ ରାଓ କହିଥିଲେ ଯେ, ସୀମା ବିବାଦ ବହୁ ପୁରାତନ ହୋଇଥିଲେ ବି ବର୍ତମାନ ସମୟରେ ତାହା ଗୁରୁତର ହୋଇଛି । ସରକାର ଠୋସ୍ ପଦକ୍ଷେପ ନେଉନାହାନ୍ତି । ଯାହା ଫଳରେ ରାଜ୍ୟର ବହୁ ଅଂଚଳରେ ସରକାରଙ୍କ କର୍ତୃତ୍ୱ ରହୁନାହିଁ । ବିଜେପି ବିଧାୟକ ମୋହନ ମାଝୀ କହିଥିଲେ ଯେ ରାଜ୍ୟ ମୁଖ୍ୟମନ୍ତ୍ରୀ ସଂପୃକ୍ତ ପଡୋଶୀ ରାଜ୍ୟ ମାନଙ୍କର ମୁଖ୍ୟମନ୍ତ୍ରୀ ମାନଙ୍କ ସହିତ ଓ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରି ବିବାଦର ସମାଧାନ କରନ୍ତୁ । ଦୃଷ୍ଟି ଆକର୍ଷଣ ନୋଟିସ ମାଧ୍ୟମରେ ବିଜେଡ଼ି ସଭ୍ୟ କିଶୋର ମହାନ୍ତି, ଅଶ୍ୱିନୀ ପାତ୍ର, ପିତମ ପାଢ଼ୀ ଓ ଦେବେଶ ଆଚାର୍ଯ୍ୟ କହିଥିଲେ ଯେ, ପଡ଼ୋଶୀ ରାଜ୍ୟ ମାନଙ୍କ ସହିତ ଆଲୋଚନା ମାଧ୍ୟମରେ ସୀମା ବିବାଦର ସମାଧାନ ହୋଇପାରିବ । ରାଜସ୍ୱ ମନ୍ତ୍ରୀ ଶ୍ରୀ ମାରାଣ୍ଡି ତାଙ୍କ ଉତରେ କୋଟିଆ ଗ୍ରାମ ପୁଂଜ ୨୧ ଗୋଟି ଗ୍ରାମକୁ ନେଇ ଗଠିତ । ତାହା ଓଡ଼ିଶା ସରକାରଙ୍କ ଅଧିନରେ ଅଛି । ସେଠାରେ ରାଜ୍ୟ ସରକାର ବ୍ୟାପକ ଉନ୍ନୟନ ମୂଳକ କାର୍ଯ୍ୟ କରୁଛନ୍ତି । ରାସ୍ତାଘାଟ ସହିତ ପଂଚାୟତ ଅଫିସ୍, ରାଜସ୍ୱ ନିରୀକ୍ଷକ ଅଫିସ, ଜଳ ଯୋଗାଣ ଅଫିସ୍, ସ୍କୁଲ, ଥାନା ଆଦି ସ୍ଥାପନ କରାଯାଇଛି । ଖୁବ୍ ଶୀଘ୍ର ସେଠାରେ ଡାକ୍ତର ନିଯୁକ୍ତି ପାଇବେ । ଏଥି ମଧ୍ୟରେ ସେହି ଅଂଚଳରେ ବସବାସ କରୁଥିବା ୨୧୭୦ ଆଦିବାସୀ ପରିବାରକୁ ଜଙ୍ଗଲ ଜମି ଅଧିକାର ଆଧାରରେ ଜମି ପଟ୍ଟା ଦିଆଯାଇଛି । ୧୬୨୭ ଜଣଙ୍କୁ ଆଧାର କାର୍ଡ଼ ପ୍ରଦାନ କରାଯାଇଛି । ଏହା ଛଡ଼ା ପଶ୍ଚିମବଂଗ ସହିତ ଓଡ଼ିଶାର ୯ଟି ଗ୍ରାମକୁ ନେଇ ସୀମା ବିବାଦ ରହିଛି । ଏହାର ସମାଧାନ ପାଇଁ ଗତ ବର୍ଷ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା । ସେଠାରେ ଗ୍ରୀନ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ମୁତାବକ ସୀମା ନିର୍ଦ୍ଧାରଣ ହେବ ବୋଲି ମନ୍ତ୍ରୀ ଶ୍ରୀ ମାରାଣ୍ଡି କହିଥିଲେ । ଏହି ମୁଲତବୀ ଆଲୋଚନା ବେଳେ ଅଂଶଗ୍ରହଣ କରିବା ପାଇଁ କଂଗ୍ରେସ ସଭ୍ୟ ମାନଙ୍କୁ ପର୍ଯ୍ୟାପ୍ତ ସୁଯୋଗ ମିଳୁନଥିବା ଅଭିଯୋଗ କରି ସମସ୍ତେ କକ୍ଷ ତ୍ୟାଗ କରିଥିଲେ ।

## ଜଟଣୀ ବଜରଙ୍ଗୀ ସେବା ସଂଗଠନ କର୍ମକର୍ତ୍ତାଙ୍କ କଂଗ୍ରେସରେ ଯୋଗଦାନ

ଭୁବନେଶ୍ୱର,୨୬।୧୧ (ନି.ପ୍ର): ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଜଟଣୀ ବଜରଙ୍ଗୀ ସେବା ସଂଗଠନର କର୍ମକର୍ତା ପ୍ରଶାନ୍ତ ସାହୁ ତାଙ୍କ ସମର୍ଥକମାନଙ୍କ ସହ କଂଗ୍ରେସ ଦଳରେ ବିଧିବଦ୍ଧ ଭାବେ ଯୋଗ ଦେଇଥିଲେ । ଏହି ଅବସରରେ କଂଗ୍ରେସ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପିସିସି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ ଶ୍ରୀ ସାହୁଙ୍କୁ ସ୍ୱାଗତ କରି କଂଗ୍ରେସ ଦଳରେ ଗ୍ରହଣ କରି ନେଇଥିଲେ ।

## ମୌଳିକ କର୍ତ୍ତବ୍ୟ ସମ୍ପର୍କିତ ଆଇନ ସଚେତନତା ଶିବିର

ମାଲକାନଗିରି,୨୬।୧୧ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଲକାନଗିରି ଆନୁକୁଲ୍ୟରେ ଅନଲାଇନ ମାଧ୍ୟମରେ "ଭାରତୀୟ ସମ୍ବିଧାନ ମୌଳିକ କର୍ତବ୍ୟ ସମ୍ପର୍କିତ" ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ତଥା ବିଚାରପତି ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ଶ୍ରୀ ଅମରେଶ ନାୟକ, ଅଧ୍ୟାପକ ତଥା ତାଲିମ ପ୍ରାପ୍ତ ପାରା ଲିଗାଲ ସ୍ୱେଚ୍ଛାସେବୀ ଡାଃରଞ୍ଜନ କୁମାର ସ୍ୱାଇଁ ଉପସ୍ଥିତ ରହି ଅନଲାଇନ ମାଧ୍ୟମରେ ସଚେତନତା କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ସଚିବ ଶ୍ରୀଯୁକ୍ତ ଅମରେଶ ନାୟକ ଏବଂ ଡାଃ ରଞ୍ଜନ କୁମାର ସ୍ୱାଇଁ, ଅଧ୍ୟାପକ ଅନଲାଇନ ମାଧ୍ୟମରେ ଉକ୍ତ କାର୍ଯ୍ୟକ୍ରମରେ ସାମ୍ବିଧାନିକ କର୍ତବ୍ୟ ସମ୍ପର୍କରେ ବିସ୍ତୃତ ଭାବରେ ସଚେତନତା କରିଥିଲେ । ସେହିପରି ମହିଳାଙ୍କ ସମ୍ପତିଗତ ଅଧିକାର, ସାମ୍ବିଧାନିକ ଅଧିକାର, ଭରଣ ପୋଷଣ ଆଇନ ଭଳି ବିଭିନ୍ନ ଦିଗ ରେ ଆଲୋକପାତ କରିଥିଲେ । ଶେଷ ରେ ଆଇନ ସେବା ପ୍ରାଧିକରଣର ସଚିବ ସରକାରଙ୍କ ଦ୍ୱାରା ପ୍ରଦତ ବିଭିନ୍ନ ଜନମଙ୍ଗଳକକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଭାବରେ ସଚେତନତା କରିବା ସଙ୍ଗେ ସଙ୍ଗେ ଆଇନସେବା ପ୍ରାଧିକରଣ ର କାର୍ଯ୍ୟକ୍ରମ ଯେପରି ମାଗଣା ଆଇନସେବା ,ମଧ୍ୟସ୍ତିତା ଓ ଆପୋସ ମିଳାମିଶା ମାଧ୍ୟମରେ ମାମଲାର ସମାଧାନ ଏବଂ ଜାତୀୟ ଆଇନ ସେବାପ୍ରାଧିକରଣ ଦ୍ୱାରା ପ୍ରଦତ ୧୦ ଟି ନୂଆ ଯୋଜନା ସମ୍ପର୍କରେ ମଧ ବିସ୍ତୃତ ଆଲୋଚନା କରିଥିଲେ ଏବଂ ବର୍ତମାନ ଚାଲିଥିବା କୋରନା ମହାମାରୀରୁ କିପରି ନିଜକୁ ସୁରକ୍ଷା କରିପାରିବା ତାହା ଉପରେ ସଂକ୍ଷେପରେ ଆଲୋକପାତ କରିଥିଲେ । କୋଭିଡ-୧୯ କଟକଣା ଯୋଗୁଁ ସରକାରଙ୍କ ଦ୍ୱାରା ପ୍ରଦତ ସାମାଜିକ ଦୂରତା ଓ ସୁରକ୍ଷା ନିୟମାବଳିକୁ ଆଖି ଆଗରେ ରାଖି ଏହି କାର୍ଯ୍ୟକ୍ରମ ଅନଲାଇନ (ୟୁ-ଟ୍ୟୁବ ଲିଙ୍କ) ମାଧ୍ୟମ ରେ ମାଲକାନଗିରି ଜିଲ୍ଲାରେ ଥିବା ବିଭିନ୍ନ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ, ସ୍ୱେଚ୍ଛାସେବୀ ତଥା ଅନ୍ୟମାନଙ୍କୁ ସଂଶ୍ଲିଷ୍ଟ କରାଯାଇ ସଚେତନତା କରଯାଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏହି କାର୍ଯ୍ୟକ୍ରମ ତଥା ଅନ୍ୟାନ୍ୟା ଆଇନ ସଚେତନତା ମୂଳକ କାର୍ଯ୍ୟକ୍ରମ ଜନ ସାଧାରଣ ଆଇନ ସେବା ପ୍ରାଧିକରଣର ୟୁ-ଟ୍ୟୁବ ଚାନେଲ ଲିଙ୍କ- କ୍ଲିକ କରି ମଧ ଦେଖିପାରିବେ ବୋଲି ସୂଚନା ଦିଆଯାଇ ଅଛି ।

## ବଢୁଛି ମାଂସ ପିଣ୍ଡୁଳା,ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ଧର୍ମଶାଳା,୨୬।୧୧ (ନି.ପ୍ର): ଜନସାଧାରଣଙ୍କ ଉନ୍ନତମାନର ଚିକିତ୍ସା ନିମନ୍ତେ ସରକାର ବିଭିନ୍ନ ଯୋଜନାମାନ କରୁଛନ୍ତି । କିନ୍ତୁ ତାହା ବାସ୍ତବାରେ କାର୍ଯ୍ୟରେ ଆସୁ ନ ଥିବା ଦେଖିବାକୁ ମିଳିଛି । ଜଣେ କୋମଳମତି ଶିଶୁ ଅର୍ଥ ଅଭାବରୁ ଉନ୍ନତ ଚିକିତ୍ସା ପାଇବାରୁ ବଂଚିତ ହୋଇଛନ୍ତି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ମଙ୍ଗରାଜପୁର ପଂଚାୟତରେ । ଏହି ପଂଚାୟତ ବିଦ୍ୟାଙ୍ଗ ପଂଚାୟତଭାବେ ଜଣାଶୁଣା । ତେବେ ଦିବ୍ୟାଙ୍ଗମିତ୍ର ପଂଚାତରେ ଏହି କରୁଣ ଦୃଶ୍ୟ ଦେଖିବାକୁ ମିଳିଛି । ଏହି ପଂଚାୟତ ମଙ୍ଗରାଜପୁର ପଂଚାୟତ ମଙ୍ଗରାଜପୁର ପଂଚାୟତ ବାଲିଗୁଡା ଗ୍ରାମର ସୋମନାଥ ମଳିକଙ୍କ ପରିବାର କ୍ଷେତ୍ରରେ ଏହି ସମସ୍ୟା ଦେଖିବାକୁ ମିଳିଛି । ସୋମନାଥଙ୍କ ପୁଅର ବୟସ ୩ । ଜନ୍ମ ହେବାର କିଛି ଦିନ ପରେ ମୁଣ୍ଡ ଓ ପିଠିରେ ଦୁଇଟି ମାସଂ ପିଣ୍ଡୁଳା ଦେଖିବାକୁ ମିଳିଥିଲା । ତେବେ ଦିନକୁ ଦିନ ଏହି ମାଂସ ପିଣ୍ଡୁଳା ବଢ଼ିବାରୁ ସେମାନାଥଙ୍କ ଚିନ୍ତା ବଢ଼ିଲା । ସେ ଦିନ ନିଜସ୍ୱ ଖର୍ଚ୍ଚରେ ତାଙ୍କୁ ପୁଅର ଚିକିତ୍ସା କରିବା ଆରମ୍ଭ କରିଥିଲେ । ଏବେ ସମ୍ପ୍ରତି କରୋନା ଲକ ସମୟରେ କାମ ହରାଇ ଘରେ ବସିରହିଥିଲେ । ଫଳରେ ଅର୍ଥ ଅଭାବରୁ ଏବେ ପରିବାର ଚଳିବା କଷ୍ଟକର ହୋଇପଡିଛି । ଉନ୍ନତ ଚିକିତ୍ସା ନିମନ୍ତେ ଏତେ ଟଙ୍କା କେଉଁଠୁ ଆଣି ଚିକିତ୍ସା କରିବେ ଏନେଇ ଅର୍ଥ ସାଜିଛି ବାଧକ । ଏହି ମାଂସ ପିଣ୍ଡୁଳା ବଢିବା ପରେ ଶିଶୁଟି ରୋଗ ଯନ୍ତ୍ରଣାରେ ଛଟପଟ ହେବା ସହ ବିଛଣାରେ ପଡି ରହୁଛନ୍ତି । ତେବେ କେହି ସାମଜିକ କର୍ମୀ ଓ ଜିଲାପ୍ରଶାସନ ପକ୍ଷରୁ କିଛି ଅର୍ଥ ସହାୟତା କରିଲେ ଶିଶୁଟିର ଚିକିତ୍ସା ହୋଇପାରନ୍ତା ବୋଲି ପରିବାର ଲୋକେ ପ୍ରକାଶ କରିଛନ୍ତି । ସରକାରୀ ସହାୟତା ପାଇଁ ଜିଲାପ୍ରଶାସନ ସହଯୋଗର ହାତ ବଢାଇବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ପୁଣି ଚର୍ଚ୍ଚାରେ ପାଟଣା ଥାନା : ମାଡରେ ଲହୁଲୁହାଣ ଆଦିବାସୀ ନାବାଳକ : ନ୍ୟାୟ ମିଳିବ ତ ?

କେନ୍ଦୁଝର,୨୬।୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲାର ପାଟଣା ଥାନା ଏବେ ପୁଣି ଚର୍ଚ୍ଚାର ପରିସରକୁ ଆସିଛି । ଜଣେ ନିର୍ଦ୍ଦୋଶ ଆଦିବାସୀ ନା ବାଳକକୁ ଚୋରୀ ଅଭିଯୋଗରେ ପାଟଣା ଥାନା ଭିତରେ ପୋଲିସ ତାଙ୍କୁ ନିର୍ଦ୍ଧୁମ ମାଡ ମାରି ଗୁରୁତର ଆହତ କରିଥିବା ର ଅଭିଯୋଗ ଆସିଛି । ଏବଂ ଏ ସଂପର୍କରେ ସଂପୃକ୍ତ ବାଳକଙ୍କ ପକ୍ଷରୁ ଜିଲ୍ଲା ଏସ. ପି. ଙ୍କ ନିକଟରେ ଅଭିଯୋଗ କରିବା ସହ ନ୍ୟାୟ ଭିକ୍ଷା କରିଛନ୍ତି । ପ୍ରକାଶ ଥାଉ କି ଯେ କିଛି ମାସ ପୂର୍ବେ ପାଟଣା ଥାନା ଅଧିକାରିଣୀ ସଂଧ୍ୟାରାଣୀ ଜେନା ଜଣେ ନାବାଳକକୁ ଥାନା ଭିତରେ ଲାଠି ଓ ଗୋଇଠାରେ ପ୍ରବଳ ମାଡ ମରୁଥିବାର ଦୃଶ୍ୟ ଭାଇରାଲ ହେବା ପରେ ଏହି ଘଟଣାରେ ମାନବିକ ଅଧିକାର କମିଶନର ହସ୍ତକ୍ଷେପ କରିଥିଲେ । ଏପଟେ ଜିଲ୍ଲା ଏସ. ପି. ଘଟଣାର ତଦନ୍ତ କରୁଥିବା ବେଳେ ସେପଟେ ଡି.ଜି. ପୋଲିସ ଥାନା ଅଧିକାରିଣୀଙ୍କୁ ନିଲମ୍ବନ କରିଥିଲେ । ରାଜ୍ୟରେ ପୋଲିସ ନିର୍ଯ୍ୟାତନା ଠାରୁ ଆରମ୍ଭ କରି ବିଭିନ୍ନ ଘଟଣାରେ ପୋଲିସ ବିରୁଦ୍ଧରେ ଅନେକ ସଂଗୀନ ଅଭିଯୋଗ ଆସୁଥିବା ବେଳେ ଏବେ ପାଟଣା ଥାନାରେ ଜଣେ ନାବାଳକକୁ ନିର୍ଯ୍ୟାତନା ଦେବା ଘଟଣା ସମ୍ନାକୁ ଆସିଛି । କୌଣସି ଏକ ଚୋରୀ ମାମଲାରେ ପାଟଣା ଥାନା ଅନ୍ତର୍ଗତ କାମେଶ୍ୱରପୁର ପାଟଣା ଗ୍ରାମର ଯଶୋବନ୍ତ ନାଏକ ଓ ଦିଶା ନାଏକଙ୍କ ନାବାଳକ ପୁତ୍ର ୧୬ ବର୍ଷିୟ ଅମନ ନାଏକକୁ ଥାନାକୁ ଡକାଯାଇଥିଲା । ନିଜ ପରିବାର ସହ ଅମନ ଥାନାକୁ ଆସିଥିବା ବେଳେ କିଛି ସମୟ ପରେ ତାକୁ ଛାଡିଦିଆଯିବ ବୋଲି କୁହାଯାଇଥିଲା । ଫଳରେ ପୋଲିସ ଉପରେ ବିଶ୍ୱସ କରି ତାଙ୍କ ପରିବାର ଲୋକମାନେ ଘରକୁ ଫେରିଯାଇଥିଲେ ମଧ୍ୟ ପୁଣି ଦିନ ଚାରିଟି ବେଳକୁ ପୁଅକୁ ନେବାକୁ ଆସିଥିଲେ । କିନ୍ତୁ ସେମାନେ ଆସି ପହଂଚିବା ବେଳକୁ ତାଙ୍କ ପୁଅକୁ ମାଡ ମରାଯାଇ ତାର ତାର ଗୋଡକୁ କ୍ଷତାକ୍ତ କରିଦିଆଯାଇଥିଲା । ଏବଂ ତାଙ୍କର ପୁଅକୁ ଛାଡି ଦିଆଯାଇଥିଲେ ମଧ୍ୟ ସେ ସମୟରେ ସେ ଚାଲିପାରୁ ନଥିଲା । ପରେ ପରେ ତୁରନ୍ତ ପରିବାର ବର୍ଗଙ୍କ ପକ୍ଷରୁ ଅମନଙ୍କୁ ମେଡିକାଲରେ ଭର୍ତି କରାଯାଇ ଚିକିତ୍ସା କରାଯାଇଥିଲା । କିନ୍ତୁ ଏବେ ଥାନାର ଦୁଇଜଣ ଅଧିକାରୀ ଅମନଙ୍କ ଘରକୁ ବାରମ୍ବାର ଆସି ତାଙ୍କ ପରିବାରକୁ ଧମକ ଦେଉଥିବା ସଂପର୍କରେ ନାବାଳକଙ୍କ ମା କେନ୍ଦୁଝର ଏସ. ପି.ଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅମନ ଙ୍କ ମା ଦିଶା ନାଏକଙ୍କ କହିବାନୁଶାରେ କେନ୍ଦୁଝର ଏସ.ପି.ଙ୍କୁ କରିବା ପରେ ମଧ୍ୟ ସେମାନେ କୋର୍ଟରେ ମାମଲା କରିବାକୁ ଆସିଛନ୍ତି । ପୋଲିସ ନିକଟରୁ ନ୍ୟାୟ ପାଇବା ଆଶା କ୍ଷଣ ଥିବା ଦୃଷ୍ଟିରୁ ସେମାନେ ନ୍ୟାୟିକ ପ୍ରକ୍ରିୟା ଉପରେ ଭରସା ରଖିଥିବା କହିଛନ୍ତି । ଏହି ଘଟଣାକୁ ସାମାଜିକ କର୍ମୀ ଦେବାଶିଷ ପତି ତୀବ୍ର ନିନ୍ଦା କରିବା ସହ ଗୃହମନ୍ତ୍ରୀ ଓ ଆଇନମନ୍ତ୍ରୀ ଙ୍କ ଇସ୍ତଫା ଦାବୀ କରିଛନ୍ତି । ଇତି ମଧ୍ୟରେ କେନ୍ଦୁଝର ଏସ. ପି. ଏହି ଘଟଣାର ତଦନ୍ତର ଭାର ଘଟଗାଁ ଏସ. ଡି. ପି. ଓ. ଙ୍କୁ ଦେଇଛନ୍ତି । କିନ୍ତୁ ପୀଡିତା ନାବାଳକ ନ୍ୟାୟ ପାଇବା ଉପରେ ଆଜି ବି– ଅନେକ ଆଶଙ୍କା ପ୍ରକାଶ କରିଛନ୍ତି ।

# ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତିର ଧାରଣା

ନୂଆପଡା,୨୬।୧୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଲୋୟର ଇନ୍ଦ୍ର ଜଳସେଚନ କାର୍ଯ୍ୟାଳୟ ସମ୍ମୁଖରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମତିର ଗ୍ରାମ୍ୟ କମିଟି ତରଫରୁ ଧାରଣା ଦିଆଯାଇଛି । ଲମ୍ବିପାଣି, ଦରଗାଁ, କାଳିମାଟି, ସନବାହାଲି, ହରିପୁର ଓ ବୋଲଧା ଗ୍ରାମର ଶତାଧିକ ବିସ୍ଥାପିତ ପୁରୁଷ/ ମହିଳା ଧାରଣରେ ସାମିଲ ଥିଲେ । ମୁଖ୍ୟତଃ ବିସ୍ଥାପିତଙ୍କ ବିଭିନ୍ନ ଦାବୀ ଯଥା ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୮ ଗୋଟି ବୁଡି ଗ୍ରାମର ପ୍ରାୟ ୨୫୦୦ ବିସ୍ଥାପିତ ପରିବାରଙ୍କୁ ପ୍ରଶାସନିକସ୍ତରରେ ବିଚାରଧିନଥିବା ସହାୟତା ରାଶିଙ୍କୁ ତୁରନ୍ତ ପ୍ରଦାନ କରାଯିବା, ଜମିର କ୍ଷତିପୂରଣ ପ୍ରଦାନ ବିରୋଧରେ ଜିଲ୍ଲା ଦୌରାଜଜ ନିମ୍ନ ଅଦାଳତରେ ଫଇସଲା ସରି ନିଷ୍ପତି ହୋଇ ସାରିଥିବା ଜମିର କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ କରିବା, ବିସ୍ଥାପିତ ଥଇଥାନ ସହାୟତା ରାଶି ନିର୍ଦ୍ଧାରିତ ଶେଷ ସମୟ ସୀମା ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ସମସ୍ତ ବିସ୍ଥାପିତଙ୍କୁ ଥଇଥାନ ରାଶି ପ୍ରଦାନ କରିବା, ସମ୍ପୂର୍ଣ୍ଣ ବୁଡିଗ୍ରାମରେ ଭୂମିହୀନ ପ୍ରଜାଙ୍କୁ ୧୯୯୪ ଥଇଥାନ ନୀତି ଅନୁଯାୟୀ ଥଇଥାନ ରାଶି ପାଇଥିବା ବେଳେ ବ ର୍ମାନ ସେମାନଙ୍କ ଯୋଗ୍ୟ ପୁଅଝିଅ ମାନଙ୍କୁ ଥଇଥାନ ନୀତି ୨୦୦୬ ଅନୁଯାୟୀ ରଶି ପ୍ରଦାନ, ବିସ୍ଥାପିତ ହୋଇଥିବା ପରିବାରଙ୍କ ବକେୟା ଥିବା ଥଇଥାନ ରାଶି ନୂତନ ବସତିରେ କିଣିଥିବା ଜମି, ଘରଡିହର ରେଜିଷ୍ଟ୍ରେସନ ଫିଜ, ରକ୍ଷଣାବେକ୍ଷଣ, ପରିବହନ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ଭତା ପ୍ରଦାନ, ପ୍ରତ୍ୟେକ ବିସ୍ଥାପିତଙ୍କୁ ବିସ୍ଥାପିତ ପରିଚୟ ପତ୍ର ପ୍ରଦାନ, ଅଧିଗୃହିତ ହୋଇଥିବା ଜମି ଉପରେ ରହିଥିବା ହିତାଧିକାରୀଙ୍କୁ ଚିରସ୍ଥାୟୀ ଭାବରେ ରହିବା ବ୍ୟବସ୍ଥା, ପ୍ରକଳ୍ପର ଥଇଥାନ ସହାୟତା ରାଶି ପାଇଁ ଯୋଗ୍ୟ ହିତାଧିକାରୀଙ୍କ ଚୟନ ପାଇଁ ନିର୍ଦ୍ଧାରିତ ଶେଷ ସମୟ ସୀମା ତାରିଖ ୦୧/୦୨/୨୦୧୪ କଟ ଅଫ ଡେଟ ପରିବର୍ତେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଦିନକୁ ଶେଷ ସମୟ ସୀମା ଭାବରେ ଗ୍ରହଣ କରିବା, ବୁଡିଗ୍ରାମର ପ୍ରଜାଙ୍କୁ ଡିପି ଆକାରରେ ପାଉଣା ପ୍ରଦାନ, ବିସ୍ଥାପିତ ଯୁବକ ଯୁବତୀଙ୍କୁ କର୍ମସଂସ୍ଥାନ ଓ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ପ୍ରଦାନ, ବିଭାଗୀୟ ଅବହେଳା କାରଣରୁ ୩୦ ଜଣରୁ ଅଧିକ ବିସ୍ଥାପିତ ୨୦୧୦ ମସିହାରେ ମଞ୍ଜୁର ହୋଇଥିବା ରାଶି ୨୦୧୫/୧୬ ରେ ପ୍ରଦାନ କରାଗଲା, ଯାହାକି ୨୦୧୪ କଟଅଫ ଡେଟ ମୁତାବକ ବକେୟା ରାଶି ପ୍ରଦାନ, ୧୮ ବର୍ଷରୁ ଅଧିକ ବର୍ଷର ପୁଅଝିଅ ମାନଙ୍କୁ ଥଇଥାନ ରାଶି ମିଳିବା ସକାଶେ ଆବେଦନ କରିବାକୁ କୁହାଯାଇଥିଲା କିନ୍ତୁ କିଛି ହିତାଧିକାରୀଙ୍କ ତାଲିକା ମଞ୍ଜୁର ପାଇଁ ସରକାରଙ୍କୁ ପଠାଯାଇଥିବା ବେଳେ କେତେକଙ୍କ ଆଜି ପର୍ଯ୍ୟନ୍ତ ପଠାଯାଇନଥିବା, ଜଳସମ୍ପଦ ବିଭାଗର ପତ୍ର ମୁତାବକ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ସକାଶେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଦେଇଥିବା ଲିଖିତ ପ୍ରତିଶୃତି ୭ ବର୍ଷ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ, ଏଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଭଳି ଯଥା ପ୍ରମୁଖ ଦାବୀ ରହିଛି । ଆଜିର ଏହି ଧାରଣାରେ ବିସ୍ଥାପିତ ଉମରା ସିଂ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ବିସ୍ଥାପିତ ସହାୟତା ସମିତି ସଭାପତି ନିତ୍ୟାନନ୍ଦ ପ୍ରଧାନ, ଗୋପିନାଥ ବୈଠାରୁ, ନିଳା ଳ ପ୍ରଧାନ, କରୁଣାକର ହୋତା, କିଶୋର ବେହେରା, ହୃଷୀକେଶ ବେହେରା, ଆଶାରାମ ଦଳ, ଧ୍ରୁବ ଦଳ, ଜୟରାମ ମାଝୀ, କାଳୀଦାସ ସୁନାନୀ ପ୍ରମୁଖଙ୍କ ସହ ଶତାଧିକ ବିସ୍ଥାପିତ ସାମିଲ ଥିଲେ ।

## ଲିଙ୍ଗଭିତ୍ତିକ ହିଂସା ସମାଜ ପ୍ରତି ବିପଦ

ଭୁବନେଶ୍ୱର,୨୬।୧୧ (ନି.ପ୍ର): ୧୬ ଦିବସୀୟ ଲିଙ୍ଗଭିତିକ ହିଂସାବିରୋଧୀ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଲିଙ୍ଗଭିତିକ ହିଂସା ସମାଜ ପ୍ରତି ବିପଦ ଏବଂ ପାରିବାରିକ ସ୍ତରରୁ ବ୍ୟାପକ ସଚେତନତା ଓ ଶିକ୍ଷିତ ହେବା ଜରୁରୀ ବୋଲି ଓ ସିସିଡବ୍ଲୁଡି ଓ ଆକ୍ସନଏଡ୍ ତରଫରୁ ସ୍ଥାନୀୟ ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ୱାର୍ଡ ନଂ- ୧୪ ଇଶାନେଶ୍ୱର ବସ୍ତିଠାରେ ମତପ୍ରକାଶ ପାଇଛି । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଆକ୍ସନ୍ଏଡ଼୍ର ବିରେନ୍ ନାୟକ, ଶୁଭେନ୍ଦୁ କୁମାର ରାୟ, ଅର୍ଜୁନ ଦିଗଲ, ସିସିଡବ୍ଲୁଡିର ସଂପାଦକ ସଦାଶିବ ସ୍ୱାଇଁ, ବରିଷ୍ଠ ପତ୍ରକାର ବିଘ୍ନେଶ୍ୱର ସାହୁ, ଭୁବନେଶ୍ୱର ୟଙ୍ଗ୍ ଅର୍ବାନ ୱିମେନ୍ ଫୋରମ୍ର ସଭାପତି ସସ୍ମିତା ମହାରଣା ଓ ଫୋରମ୍ର ସଭ୍ୟା ଗ୍ଲନ୍ଦିନୀ ନାୟକ, ସସ୍ମିତା ତ୍ରିପାଠୀ, ଅପରାଜିତା ଗୌଡ ପ୍ରମୁଖ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଏଥିରେ ସାମାଜିକ ଦୂରତା ଅବଲମ୍ବନ, ମାକ୍ସ ପରିଧାନ ଓ ହାତଧୁଆକୁ ପ୍ରାଧାନ୍ୟ ପ୍ରଦାନ କରାଯାଇଥିଲା ।

## ନବରଙ୍ଗପୁରରେ ମକାଚାଷୀଙ୍କ ଠାରୁ କମ୍ ମୂଲ୍ୟରେ ମକା ନେଉଛନ୍ତି ଅସାଧୁ ବ୍ୟବସାୟୀ

### ଖୋଲୁ ନାହିଁ ମଣ୍ଡି, ତେଣୁ ଶୋଷଣର ଶୀକାର ହେଉଛନ୍ତି ଚାଷୀ

ଭୁବନେଶ୍ୱର,୨୬।୧୧ (ନି.ପ୍ର): ନବରଙ୍ଗପୁର ଜିଲ୍ଲାରେ ମକା ଚାଷ ଖୁବ ଭଲ ହେଉଥିବା ବେଳେ ସେଠାରେ ମଣ୍ଡି ଖୋଲୁ ନ ଥିବାରୁ ମକା ଚାଷୀ ମାନେ ଶୋଷଣର ଶୀକାର ହେଉଛନ୍ତି । ତେଣୁ ଏ ଦିଗରେ ସରକାର ଦୃଷ୍ଟି ଦେଇ ତାଙ୍କୁ ଶୋଷଣରୁ ରକ୍ଷା କରିବାକୁ ଦାବି କରିଛନ୍ତି ବିଜେପି ସଭ୍ୟ ନିତ୍ୟାନନ୍ଦ ଗଣ୍ଡ । ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇ ଶ୍ରୀ ଗଣ୍ଡ କହିଛନ୍ତି ଯେ ନବରଙ୍ଗପୁର ସମଗ୍ର ଭାରତରେ ମକାଚାଷରେ ଅଗ୍ରଣୀ । ହେଲେ ଦୁର୍ଭାଗ୍ୟର ବିଷୟ ଯେ ମଣ୍ଡି ଖୋଲୁ ନ ଥିବା କାରଣରୁ ମକା ଚାଷୀ ମାନେ ସର୍ବନିମ୍ନ ସହାୟକ ମୂଲ୍ୟ ୧୮୫୦ ଟଙ୍କା ପାଉ ନାହାନ୍ତି । ତେଣୁ ସେମାନେ ଅସାଧୁ ବ୍ୟବସାୟୀଙ୍କୁ ମକା ୧୧ ଶହ -୧୨ ଶହ ଟଙ୍କା ପ୍ରତି କ୍ୱିଂଟାଲ ବିକ୍ରୀ କରିବା ପାଇଁ ବାଧ୍ୟ ହେଉଛନ୍ତି। ତେଣୁ ଚାଷୀ ମାନଙ୍କୁ ଶୋଷଣରୁ ରକ୍ଷା କରିବାକୁ ରାଜ୍ୟ ସରକାର ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ ।

## ବିଶିଷ୍ଟ ଝୁମର କଣ୍ଠଶିଳ୍ପୀ ସୁଧାଂଶୁ ବଳଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ବାରିପଦା,୨୬।୧୧ (ନି.ପ୍ର): ବିଶିଷ୍ଟ ଝୁମର କଣ୍ଠଶିଳ୍ପୀ ସୁଧାଂଶୁ ବଳଙ୍କ ବିୟୋଗକୁ ନେଇ ମୟୂରଭଞ୍ଜ ସାହିତ୍ୟ ସଂସ୍କୃତି ବିକାଶ ମଂଚ ପକ୍ଷରୁ ଡ଼ଃ ସରୋଜ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା । ପ୍ରାରମ୍ଭରେ ସ୍ୱର୍ଗତଃ ବଳଙ୍କ ଫଟୋ ଚିତ୍ରରେ ମାଲ୍ୟାପର୍ଣ ସହ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ପରେ ତାଙ୍କ ଅମର ଆତ୍ମାର ସଦଗତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ଉକ୍ତ ସଭାରେ ମଂଚର ଉପଦେଷ୍ଟା ଅମିତାଭ ମିଶ୍ର, ସଦସ୍ୟ ଡ଼ଃ ଶଶୀଧର ବିଶ୍ୱାଳ, ମାଠିଆ ସିଂ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତଃ ବଳଙ୍କ ବିୟୋଗରେ ମୟୂରଭଞ୍ଜ ଜଣେ ପ୍ରମୁଖ କଳାକାରଙ୍କୁ ସବୁଦିନ ପାଇଁ ହରାଇବସିଛି । ସଙ୍ଗୀତ ଦୁନିଆରେ ବିଶେଷ କରି ଝୁମର ସଙ୍ଗୀତକୁ ତାଙ୍କର ଅବଦାନ ଚିରସ୍ମରଣୀୟ ଏବଂ ତାଙ୍କ ଜୀବନାଦର୍ଶ ଆଗାମୀ ପିଢ଼ୀ ନିମନ୍ତେ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସ୍ମୃତି ଚାରଣ କରାଯାଇଥିଲା ।

# ଟୋଲଗେଟ କର୍ମଚାରୀଙ୍କ ବିରୁଦ୍ଧରେ ଥାନାରେ ଅଭିଯୋଗ

କୋରେଇ,୨୬।୧୧ (ନି.ପ୍ର): ପରିଚାଳନାଗତ ତ୍ରୁଟି ଓ ଅଣଓଡ଼ିଆ କର୍ମଚାରୀଙ୍କ ଅଶାଳୀନ ବ୍ୟବହାରକୁ ନେଇ ସର୍ବଦା ବିବାଦ ଘେରରେ ରହି ଆସିଥିବା ପାଣିକୋଇଲି ଟୋଲଗେଟର ବିରୁଦ୍ଧରେ ଆଜି ପୁଣି ଥାନାରେ ଏକ ଅଭିଯୋଗ ହୋଇଛି । ମିଳିଥିବା ସୁଚନାନୁସାରେ ରାଜସ୍ଥାନର ଦିଲସାନ କମର୍ସିଆଲ ପ୍ରଇଭେଟ ଲିମିଟେଡ଼ ନାମକ ଏକ ଠିକା ସଂସ୍ଥା ଗତ ଅଗଷ୍ଟ ମାସରୁ ପାଣିକୋଇଲି ଟୋଲଗେଟର ଟୋଲ ଆଦାୟ କରିବା ଲାଗି ଠିକା ନେଇଛି । କିନ୍ତୁ ସ୍ଥାନୀୟ ବେକାରୀ ପିଲାମାନଙ୍କୁ ନିଯୁକ୍ତି ନଦେଇ ଉକ୍ତ ସଂସ୍ଥା ବାହାର ରାଜ୍ୟର ଅଣଓଡ଼ିଆ ପିଲାମାନଙ୍କୁ ନିଯୁକ୍ତି ଦେବା ଫଳରେ ଉକ୍ତ କର୍ମଚାରୀମାନେ ଟୋଲଗେଟ ଦେଇ ଯିବା ଆସିବା କରୁଥିବା ଗାଡ଼ିର ଚାଳକ କିମ୍ବା ତାର ମାଲିକ ମାନଙ୍କୁ ଗୁଣ୍ଡାଗିରୀ ଦେଖାଇ ଅଶାଳୀନ ବ୍ୟବହାର ଦେଖାଉଛନ୍ତି । କମ୍ପାନୀର ପରିଚାଳନାଗତ ତ୍ରୁଟି ସହିତ କମ୍ପାନୀ ନିଯୁକ୍ତି ଦେଇଥିବା ଅନଭିଜ୍ଞ ତଥା ଅଣ ଓଡ଼ିଆ କର୍ମଚାରୀ ମାନେ ଯୋଗୁଁ ବାରମ୍ବାର ଜନସାଧାରଣ ସମସ୍ୟା ଅନୁଭବ କରୁଛନ୍ତି । ଗତ କିଛି ଦିନ ତଳେ ସୁକିନ୍ଦାଠାରେ ରକ୍ତ ସଂଗ୍ରହ କରି ଫେରୁଥିବା କେନ୍ଦ୍ରୀୟ ରକ୍ତଭଣ୍ଡାରର ଭ୍ୟାନକୁ ଟୋଲଗେଟର ଅଣଓଡ଼ିଆ କର୍ମଚାରୀ ମାନେ ଦୁର୍ବବ୍ୟବହାର ପ୍ରଦର୍ଶନ କରିବା ସହିତ ଭ୍ୟାନଟିକୁ ଅଧଘଂଟା ଅଟକାଇଦେଇଥିଲେ । ପରେ କୋରାଇ ପ୍ରେସକ୍ଲବର ହସ୍ତକ୍ଷେପ ପରେ ଭ୍ୟାନଟିକୁ ଛାଡ଼ିଥିଲେ । ତେବେ ଆଜି ପୂର୍ବାହ୍ନରେ ପୁଣିଥରେ ଅଣଓଡ଼ିଆ କର୍ମଚାରୀଙ୍କର ଅଶାଳୀନ ବ୍ୟବହାର ନେଇ ଜଣେ ବ୍ୟକ୍ତି ଥାନାରେ ଅଭିଯୋଗ କରିଥିଲେ । ବ୍ୟକ୍ତି ଜଣକ ନିଜ କାରରେ ଏକ ଜରୁରୀ କାମରେ ଫାଷ୍ଟଟାଗ ଲେନ ଦେଇ ଯାଉଥିବା ବେଳେ ଆଗରେ ଏକ ଟ୍ରକ ଚାଳକଙ୍କ ସହିତ ଟୋଲ ବୁଥ ଦାୟିତ୍ୱରେ ଥିବା କର୍ମଚାରଙ୍କ ଯୁକ୍ତିତର୍କ ଯୋଗୁଁ ବ୍ୟକ୍ତି ଜଣକ ଫସି ରହିଥିଲେ । ମାତ୍ର ବ୍ୟସ୍ତତା ଯୋଗୁଁ ଜଲଦି ଗାଡ଼ିକୁ ଛାଡ଼ିବା ପାଇଁ ଅନୁରୋଧ କରିବା ସତ୍ୱେ ସେଠାରେ ଥିବା ଅନ୍ୟଜଣେ ଅଣଓଡ଼ିଆ କର୍ମଚାରୀ ବ୍ୟକ୍ତିଙ୍କୁ ଦୁର୍ବବ୍ୟବାର କରିଥିଲେ । ଏ ନେଇ ବ୍ୟକ୍ତି ଜଣକ ଥାନାରେ ଏତଲା ଦେବା ପରେ ପୁଲିସ ଉକ୍ତ ଯୁବକଙ୍କୁ ଉଠାଇ ଆଣିଥିଲା । ପରେ ଉକ୍ତ ଯୁବକ ନିଜ ଭୁଲ ବୁଝିପାରି କ୍ଷମା ମାଗିବା ପରେ ମାମଲା ତୁଟିଥିଲା । ଏଠାରେ ପ୍ରକାଶ ଥାଉକି ସ୍ଥାନୀୟ ବେକାର ଯୁବକ ମାନଙ୍କୁ ନିଯୁକ୍ତି ପ୍ରଦାନ କରିବା ଲାଗି ଗେଟରେ କାର୍ଯ୍ୟରତ ଥିବା କିଛି ସ୍ଥାନୀୟ ଯୁବକ ବହୁବାର ନିବେଦନ କରିଥିଲେ ମଧ୍ୟ କମ୍ପାନୀ କର୍ତୃପକ୍ଷ ନିଜର ଉପର ସ୍ତରରେ ହାତଥିବା ଦର୍ଶାଇ ସେମାନଙ୍କ ନିବେଦନକୁ ପାଦରେ ଏଡ଼ାଇ ଦେଉଛି । କିନ୍ତୁ ନିଜ ରାଜ୍ୟ ଓ ବାହାର ରାଜ୍ୟର ଅଣଓଡ଼ିଆ ଯୁବକ ମାନଙ୍କୁ ନିଯୁକ୍ତି ପ୍ରଦାନ କରି ଟୋଲଗେଟ ମଧ୍ୟ ଦେଇ ଯାଉଥିବା ଗାଡ଼ିଚାଳକ ଓ ମାଲିକ ମାନଙ୍କ ଉପରେ ଦାଦାଗିରି ଚଳାଇଛି । ତେଣୁ ସ୍ଥାନୀୟ ବେକାର ପିଲାଙ୍କୁ ନିଯୁକ୍ତି ପ୍ରଦାନ କରିବା ସହିତ ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେବା ଲାଗି ସାଧାରଣରେ ଦାବି ହେଉଛି ।

## ପରୀକୁ ନ୍ୟାୟ ଦେବା ଦାବିରେ ବିଜେପି ମହିଳା ମୋର୍ଚ୍ଚାର ବିକ୍ଷୋଭ

# ମନ୍ତ୍ରୀ ଅରୁଣ ସାହୁଙ୍କୁ ମନ୍ତ୍ରୀମଣ୍ଡଳରୁ ତୁରନ୍ତ ବହିଷ୍କାର କରାଯାଉ : ସ୍ମୃତି ପଟ୍ଟନାୟକ

ଭୁବନେଶ୍ୱର,୨୬।୧୧ (ନି.ପ୍ର): ନୟାଗଡର ଶିଶୁକନ୍ୟା ପରୀ ହତ୍ୟା ମାମଲାର ମୁଖ୍ୟ ଅପରାଧୀ ବାବୁଲା ନାଏକଙ୍କୁ ତୁରନ୍ତ ଗିରଫ କରିବା ଏବଂ ଅଭିଯୁକ୍ତଙ୍କୁ ଘଂଟ ଘୋଡାଇ ରଖିଥିବା ମନ୍ତ୍ରୀ ଅରୁଣ ସାହୁଙ୍କୁ ମନ୍ତ୍ରୀମଣ୍ଡଳରୁ ତୁରନ୍ତ ବହିଷ୍କାର କରିବା ସହ ତାଙ୍କୁ ତଦନ୍ତ ପରିସର ଭୂକ୍ତ କରିବା ଦାବୀ ନେଇ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ମାଷ୍ଟକ୍ୟାଟିଂନ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବୁଧବାର ଦିନ ରାଜ୍ୟ କାର୍ଯ୍ୟାଳୟରୁ ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତାମାନେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ମାଷ୍ଟରକ୍ୟାଂଟିନ ଠାରେ ପହଂଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ମନ୍ତ୍ରୀ ଅରୁଣ ସାହୁଙ୍କ କୁଶପୁତଳିକା ଦାହ କରିଥିଲେ । ପରୀ ହତ୍ୟାକାଣ୍ଡକୁ ସାଢେ ୪ ମାସ ବିତିଥିଲେ ମଧ ପୋଲିସ ଅପରାଧୀଙ୍କୁ ଗିରଫ ନକରି ଏବଂ ମନ୍ତ୍ରୀ ଅରୁଣ ସାହୁଙ୍କ ନିର୍ଦ୍ଦେଶରେ ଓଲଟା ପୀଡିତା ପରିବାର ଲୋକଙ୍କୁ ଧମକ ଦେଇଚାଲିଛି । ମୁଖ୍ୟ ଅଭିଯୁକ୍ତ ବାବୁଲା ଏବେ ଶାସକ ଦଳର ଛତ୍ରଛାୟା ତଳେ ଖୁଲୁମଖୁଲା ଅଙ୍ଗପ୍ରତ୍ୟଙ୍ଗ ଚୋରା କାରବାରର ର୍ୟାକେଟ ଚଲାଇଛି । ପରୀକୁ ହତ୍ୟା କରି ତାର ଅଙ୍ଗପ୍ରତ୍ୟଙ୍ଗକୁ ବିକ୍ରି କରାଯାଇଛି ଏବଂ ଏହା ପଛରେ ଶାସକ ଦଳ ପ୍ରୋତ୍ସାହନରେ ଏକ ବଡ ର୍ୟାକେଟ କାମ କରୁଛି ବୋଲି ଶ୍ରୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି । ଏହି ଘଟଣାର ତୁରନ୍ତ ଏକ ନିରପେକ୍ଷ ତଦନ୍ତ କରାଯାଇ ମୁଖ୍ୟ ଅଭିଯୁକ୍ତ ବାବୁଲି ନାଏକ ଏବଂ ତା'ର ସହେଯାଗୀଙ୍କୁ ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଉ । ଏହି ଘଟଣାରେ ସଂପୃକ୍ତି ଥିବା ମନ୍ତ୍ରୀ ଅରୁଣ ସାହୁଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର କରାଯାଇ ତାଙ୍କୁ ମଧ ତଦନ୍ତ ପରିସରଭୂକ୍ତ କରାଯାଉ । ଏହି ଘଟଣାକୁ ଗୁରୁତର ସହ ନନେବା ଏବଂ ପୀଡିତା ପରିବାର ଲୋକଙ୍କୁ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେବା ଅଭିଯୋଗରେ ଜିଲ୍ଲା ଏସପି ଏବଂ ଥାନା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଶ୍ରୀମତୀ ପଟ୍ଟନାୟକ ଦାବି କରିଛନ୍ତି । ପରୀକୁ ନ୍ୟାୟ ନମିଳିଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ଓଡିଶାର ପ୍ରତ୍ୟେକ ଜିଲ୍ଲାରେ କରାଯିବ ବୋଲି ଶ୍ରୀମତୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି । ଏହି ବିକ୍ଷୋଭ ସମୟରେ ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ରାଜ୍ୟ ଉପସଭାନେତ୍ରୀ ପ୍ରଭାତି ପରିଡା ଓ ଅନୀତା ଶୁଭଦର୍ଶିନୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଇରାନୀ ରାୟ, ମୁଖପାତ୍ର ସୋନାଲି ସାହୁ, ମହିଳାମୋର୍ଚ୍ଚା ଉପସଭାନେତ୍ରୀ କାନନବାଳା ପଟ୍ଟନାୟକଙ୍କ ସମେତ ଶହ ଶହ ସଂଖ୍ୟାରେ ମହିଳା କାର୍ଯ୍ୟକର୍ତା ପ୍ରମୁଖ ସାମିଲ ଥିଲେ ।

# ୨୭ରେ ବାରିପଦା ଠାରେ ଶ୍ରୀରାମ ମନ୍ଦିର ଶିଳାନ୍ୟାସ ଓ ଭୂମିପୂଜନ

## ଯୋଗଦେବେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଓ ସାଂସଦ ଅପରାଜିତା ଷଡ଼ଙ୍ଗୀ



ବାରିପଦା,୨୬।୧୧ (ନି.ପ୍ର): ବାରିପଦାର ଭୁଗୁଡ଼ାକଟା ଟେମ୍ପୁଲ ଚେରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଆସନ୍ତା ନଭେମ୍ବର୨୭ ତାରିଖ ଦିବା ୧୧.୩୦ ମିନିଟ୍ ସମୟରେ ଶ୍ରୀରାମ ମନ୍ଦିର ଭୂମିପୂଜନ ଓ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଅଛି । ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଓ ଭୁବନେଶ୍ୱର ସାଂସଦ ତଥା ବି.ଜେ.ପି. ଜାତୀୟ ମୁଖପାତ୍ର ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ମୟୂରଭଞ୍ଜ ସାଂସଦ ଶ୍ରୀ ବିଶେଶ୍ୱର ଟୁଡୁ, ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ୍ ପ୍ରମୁଖ ଯୋଗଦେବେ। ଉକ୍ତ କାର୍ଯ୍ୟକ୍ରମର ସଫଳତା ପାଇଁ ଆଜି ବାରିପଦା ଠାରେ ଟ୍ରଷ୍ଟର ସଂପାଦକ ଲକ୍ଷ୍ମୀଧର ହାବଡ଼ାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ବି.ଜେ.ପି.ର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ ସାହୁ ଯୋଗ ଦେଇ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେବା ସହ ଉତ୍ସବର ସଫଳତା ପାଇଁ ଆଲୋଚନା କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ଆଲୋଚନା ବୈଠକରେ ନଗର ସଭାପତି ନିରନ ଦାସ, ଶୋଭାବତୀ ଓତା, ଅବନୀ ମହାନ୍ତ, ନରୋତ୍ତମ ପାଣିଗ୍ରାହୀ, ସୁନିଲ ନାୟକ, ହେମନ୍ତ ସାହା, ଲକ୍ଷ୍ମଣ ତ୍ରିପାଠୀ, ଦୀପକ୍ ମଲ୍ଲିକ, ଅନିତା ସେଠୀ, ହେମଲତା ଦାସ, ସସ୍ମିତା ପୃଷ୍ଟି, ଇନ୍ଦୁଭୂଷଣ ଜେନା, ସୁଧୁର ମହାନ୍ତି, ରସିକାନନ୍ଦ ମିଶ୍ର, ବିଜୟ ମହାନ୍ତ ପ୍ରମୁଖ ରଯୋଗଦକ୍ତ କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ଆଲେଚନା କରିଥିଲେ ।

# ଭାରତ ବନ୍ଦ ଆଂଶିକ ପ୍ରଭାବ




ଡେଲାଙ୍ଗ,୨୬।୧୧ (ନି.ପ୍ର): କେନ୍ଦ୍ର ସରକାରଙ୍କର ଶ୍ରମିକ,କୃଷକ ମାରଣାନୀତି, ବେକାରୀ ସମସ୍ୟା, ଦରଦାମ ବୃଦ୍ଧି ବିରୋଧରେ ୧୦ଟି ମିଳିତ ଶ୍ରମିକ ସଙ୍ଗଠନ ଆହ୍ୱାନ କ୍ରମେ ଆଜି ଦେଶବ୍ୟାପୀ ହରତାଳ ଓ ଭାରତ ବନ୍ଦ ଡାକରା ଦିଆଯାଇଥିବା ବେଳେ ଡେଲାଙ୍ଗରେ ଏହାର ଆଂଶିକ ପ୍ରଭାବ ପଡିଛି। ତେବେ ଜରୁରୀ ସେବାକୁ ଛାଡି ଅନ୍ୟ ସବୁ ବନ୍ଦ ରଖିବାକୁ ଆହ୍ୱାନ ଦିଆଯାଇଛି। ଏହି ବନ୍ଦକୁ ଏକାଧିକ ରାଜନୈତିକ ଦଳ ସମର୍ଥନ କରୁଥିବା ବେଳେ ଓଡିଶାରେ କଂଗ୍ରେସ ଏହାକୁସମର୍ଥନ କରୁଛି। କିନ୍ତୁ ଡେଲାଙ୍ଗରେ ଦୋକାନ ବଜାର ଖୋଲାଥିବା ବେଳେ ଗାଡିମୋଟର ଚଳାଚଳ ସ୍ୱାଭାବିକ ଥିଲା। କେବଳ ତହସିଲ,ବ୍ଲକ ,ବ୍ୟାଙ୍କ କାଯ୍ୟାଳୟ ଗୁଡିକ ବନ୍ଦ ରହିଥିବା ବେଳେ ଅନ୍ୟ ସବୁ ସ୍ୱାଭାବିକ ଥିଲା ।

## ଭୁବନେଶ୍ୱରରେ ୨୪ ଘଂଟାରେ ୪୭ ପଜିଟିଭ୍ , ୫୪ ସୁସ୍ଥ

ଭୁବନେଶ୍ୱର,୨୬।୧୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଗୁରୁବାର ଦିନ ଆଉ ୪୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୯ ଜଣ ସଂଗରୋଧ ଓ ୩୮ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି। ଅନ୍ୟପକ୍ଷରେ ୫୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ଏବଂ ୩ ଜଣଙ୍କର ମୃତ୍ୟୁ ହୋଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୩୦,୬୧୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୨୯,୮୭୫ ଜଣ ସୁସ୍ଥ ହୋଇସାରିଛନ୍ତି। ଏବେ ୫୦୧ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୨୧୩ ଜଣଙ୍କର ମୃତ୍ୟୁ ହୋଇଛି। ଆଜି ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଚନ୍ଦ୍ରଶେଖରପୁରରୁ ସର୍ବାଧିକ ୭ ଜଣ ଚିହ୍ନଟ ହୋଇଥିବା ବେଳେ ପଟିଆ , ରସୁଲଗଡ ଓ ଜଗନ୍ନାଥନଗରରୁ ୪ ଜଣ ଲେଖାଏଁ , ବଡଗଡ ଓ ନୟାପଲ୍ଲୀରୁ ୩ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ମୋଦୀ ସରକାରଙ୍କ ଶ୍ରମିକ-କୃଷକ...

ଆଲୋକ ଭାରତୀ ଟାୱାର, ରିଜର୍ଭ ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ ମୂଖ୍ୟ ଶାଖା, ମୁଖ୍ୟ ଡାକଘର ଅଫିସ୍, ଦୁରଦର୍ଶନ କେନ୍ଦ୍ର, ବି.ଏସ୍.ଏନ୍.ଏଲ୍ କାର୍ଯ୍ୟାଳୟ ସମେତ ସମସ୍ତ ବ୍ୟାଙ୍କ ଓ ବୀମା ଅଫିସ୍, ଶିରିପୁର ଛକ, ରାଜମହଲ ଛକ, ଜୟଦେବ ବିହାର ଛକ, ଆଇଗଣିଆ ଛକ, ବାଲିପାଟଣା ଛକ, ଚନ୍ଦକା ଛକ ଇତ୍ୟାଦି ସ୍ଥାନରେ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଶ୍ରମିକ ଏବଂ କୃଷକମାନଙ୍କ ଅଧିକାର ପାଇଁ ପିକେଟିଂ କରିଥିଲେ । ଅନୁରୂପ ଭାବେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର ମିଳିତ ପଟୁଆର ଏବଂ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତିର ପଟୁଆର ରାଜମହଲ ଛକଠାରୁ ବାହାରି ଲୋୟର ପି.ଏମ୍.ଜି. ଛକଠାରେ ପହଂଚିବା ପରେ ସମସ୍ତ ଆନ୍ଦୋଳନକାରୀ ଗିରଫ ହୋଇଥିଲେ । ଆଜିର ଏହି ଧର୍ମଘଟରେ କୃଷକ ସର୍ବନାଶକାରୀ କୃଷି ଆଇନ୍ ରଦ୍ଦ କରିବା, ଶ୍ରମିକ ବିରୋଧୀ ଶ୍ରମ କୋଡ ବାତିଲ କରିବା, ସମସ୍ତଙ୍କ ପାଇଁ ସାର୍ବଜନୀନ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ପ୍ରଦାନ କରିବା, ଶ୍ରମିକର ଦୈନିକ ମଜୁରୀ ୭୦୦ ଟଙ୍କା ଧାର୍ଯ୍ୟ କରିବା, ରାଷ୍ଟ୍ରାୟତ ଉଦ୍ୟୋଗ ଗୁଡିକୁ ଘରୋଇକରଣ କରିବା ନିଷ୍ପତିକୁ ପ୍ରତ୍ୟାହର କରିବା, ସମସ୍ତ ବେକାରଙ୍କୁ କାମ ଯୋଗାଇବା ଇତ୍ୟାଦି ପ୍ରମୁଖ ଦାବି ଅନ୍ତର୍ଭୁକ୍ତ । ଓଡିଶାରେ ନବୀନ ସରକାର ଆଣିଥିବା ଏସମା ସଂଶୋଧନ ବିଲ୍‌କୁ ମଧ ଏହି ସଂଗଠନମାନେ ତୀବ୍ର ବିରୋଧ କରିଛନ୍ତି । ଏହି ବନ୍ଦ ସଂପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଏବଂ ବ୍ୟାପକ ଜନସମର୍ଥନ ମିଳିଥିବାରୁ ସି.ଆଇ.ଟି.ୟୁ., ଓଡିଶା କୃଷକ ସଭା ଏବଂ ଓଡିଶା କ୍ଷେତମଜଦୂର ୟୁନିୟନ ରାଜଧାନୀ ବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ବିଧାନସଭାରେ ପରୀ ହତ୍ୟା ଘଟଣାରେ...

ଫଳରେ ଗୃହ କାର୍ଯ୍ୟ ଚଳାଇବାରେ ଉପ ବାଚସ୍ପତି ରଜନୀକାନ୍ତ ସିଂଙ୍କୁ କଷ୍ଟକର ହୋଇ ପଡିଥିଲା । ଫଳରେ ବାଧ୍ୟ ହୋଇ ଶ୍ରୀ ସିଂହ ଗୃହକୁ ୧୦.୩୫ରୁ ୧୦.୫୫ ଅର୍ଥାତ ୨୦ ମିନିଟ ପାଇଁ ମୁଲତବୀ ରଖିଥିଲେ । ଏହା ପରେ ୧୦.୫୫ରେ ଗୃହର ବୈଠକ ପୁଣି ଆରମ୍ଭ ହୋଇଥିଲେ ହେଁ ପରିସ୍ଥିତିରେ କୌଣସି ଉନ୍ନତି ହୋଇ ନ ଥିଲା । ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହ କାର୍ଯ୍ୟ ଆରମ୍ଭ କରିବା ମାତ୍ରେ ବିରୋଧୀ ଦଳର ସଦସ୍ୟ ମାନେ ହଟ୍ଟଗୋଳକୁ ଦୋହରାଇଥିଲେ । ବାଚସ୍ପତି ଏଥିରୁ ସେମାନଙ୍କୁ କ୍ଷାନ୍ତ ରହିବା ପାଇଁ ନିଜ ଆସନରେ ଠିଆ ହୋଇ ବାରମ୍ବାର ନିବେଦନ କରି ଥିଲେ ହେଁ ବିରୋଧୀ ଦଳର ବିଧାୟକ ମାନେ ଏଥି ପ୍ରତି କୌଣସି ଗୁରୁତ୍ୱ ଦେଇ ନ ଥିଲେ ବରଂ ସରକାର ବିରୋଧୀ ସ୍ଲୋଗାନ ଦେବା ସହ ହଟ୍ଟଗୋଳକୁ ଜୋରଦାର କରିଥିଲେ । ଗୃହରେ ଦେଖା ଯାଇଥିବା ଅଚଳାବସ୍ଥାକୁ ଏଡାଇବା ପାଇଁ ବାଚସ୍ପତି ଗୃହକୁ ୧୦.୫୭ରୁ ଅପରାହ୍ନ ୩ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଓ ବିଜେପି ବିଧାୟକ ମୋହନ ମାଝୀ ବାଚସ୍ପତିଙ୍କ ପୋଡିୟମକୁ ଚଢିବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଥିଲା । ହଟ୍ଟଗୋଳ ସମୟରେ ବିଧାୟକ ମାନେ ବ୍ୟାନର ପୋଷ୍ଟର ପ୍ରଦର୍ଶନ କରିଥିଲେ । କୃଷି ମନ୍ତ୍ରୀ ଇସ୍ତଫା ନ ଦେବା ବା ତାଙ୍କୁ ବହିଷ୍କାର ନ କରିବା ଯାଏ ଗୃହ ଚାଲି ପାରିବ ନାହିଁ ବୋଲି ବିରୋଧୀ ବିଧାୟକ ମାନେ କହିଥିଲେ । ହଟ୍ଟଗୋଳ ଯୋଗୁ ଆଜି ହେବାକୁ ଥିବା ଶୂନ୍ୟକାଳ କାର୍ଯ୍ୟକ୍ରମ ହୋଇ ପାରି ନ ଥିଲା କି ଦାଦନ ସମସ୍ୟା ସମ୍ପର୍କିତ ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇ ପାରି ନ ଥିଲା । ଦ୍ୱିତୀୟାର୍ଦ୍ଧ ବୈଠକ ଅପରାହ୍ନ ୩ଟାରେ ଆରମ୍ଭ ହୋଇଥିଲା । ବାଚସ୍ପତି ଗୃହ କାର୍ଯ୍ୟକୁ ଚାଲୁ ରଖିବାକୁ ଚେଷ୍ଟା କରୁଥିବା ବେଳେ ବିରୋଧୀ ଦଳର ବିଧାୟକ ମାନେ ଗୃହର ମଧ୍ୟ ଭାଗକୁ ଆସି ପରୀ ଘଟଣାକୁ ନେଇ ନାରାବାଜୀ କରିବା ସହ ସରକାର ବିରୋଧୀ ସ୍ଲୋଗାନ, ମନ୍ତ୍ରୀଙ୍କର ଇସ୍ତଫା ଦାବି ଦୋହରାଇଥିଲେ । କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ସଚିବଙ୍କ ଚେୟାର ଉପରେ ଠିଆ ହୋଇ ପୋଡିୟମ ଉପରକୁ ଉଠିବାକୁ ଉଦ୍ୟମ କରିବା, ବାଚସ୍ପତି ଓ ଉପ ବାଚସ୍ପତିଙ୍କୁ ସୁରକ୍ଷା କର୍ମୀ ମାନେ ସୁରକ୍ଷା ବଳୟ ମଧ୍ୟରେ ରଖିବା ଆଦି ଦୃଶ୍ୟ ମାନ ଦେଖା ଦେଇଥିଲା । ଗୃହରେ ସ୍ୱାଭବିକ ଅବସ୍ଥା ନ ରହିବା କାରଣରୁ ବାଚସ୍ପତି ଗୃହକୁ ୩.୦୧ରୁ ୧୫ ମିନିଟ ପାଇଁ ୩.୧୬ ଯାଏ ମୁଲତବୀ ରଖିଥିଲେ । ପରେ ଉପ ବାଚସ୍ପତି ଗୃହକୁ ଆସି ୩.୧୬ରୁ ୩.୩୧ ଯାଏ ପୁଣି ଥରେ ୧୫ ମିନିଟ ପାଇଁ ଗୃହକୁ ମୁଲତବୀ ରଖିଥିଲେ । ଏହି ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ଘୋଷଣା କରି କହିଥିଲେ ଯେ ଆଜିର କାର୍ଯ୍ୟ ସୂଚୀରେ ସ୍ଥାନିତ ରାଜସ୍ୱ ଓ ପରିଚାଳନା ବିଭାଗର ଦୁଇ ଗୋଟି ଖର୍ଚ୍ଚ ଦାବି ଆଲୋଚନା କରା ନ ଯାଇ ଆସନ୍ତା ୨୮ତାରିଖରେ ଗିଲୋଟିନ ଆକାରରେ ପାରିତ ପାଇଁ ନିଆ ଯିବ ।

## ସବୁଦିନ ପାଇଁ ଅଲଗା ହେଲେ...

ସୂଚନା ଯୋଗ୍ୟ ୨୦୧୫ ମସିହା ଏପ୍ରିଲ ୯ ତାରିଖରେ ଏହି ଯୋଡାମୁଣ୍ଡ ଶିଶୁ ଜଗା-କାଳିଆ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଜନ୍ମ ନେଇଥିଲେ । ଏହି ଘଟଣାର ଗଣମାଧ୍ୟମରେ ପ୍ରସାର ହେବାପରେ କନ୍ଧମାଳ ଜିଲ୍ଲା ପ୍ରଶାସନର ପ୍ରଚେଷ୍ଟାରେ ରାଜ୍ୟ ସରକାର ଏହି ଯୋଡା ମୁଣ୍ଡ ଶିଶୁଙ୍କର ଚିକିତ୍ସା ଦାୟୀତ୍ୱ ରାଜ୍ୟ ସରକାର ନେଇଥିଲେ । ଏହି ଯୋଡାମୁଣ୍ଡ ଶିଶୁ ମାନଙ୍କୁ ୨୦୧୭ ମସିହା ସେପ୍ଟେମ୍ବର ମାସ ୧୪ ତାରିଖରେ ନୂଆଁ ଦିଲ୍ଲିର ଏସମସ ହସପିଟାଲରେ ଭର୍ତି କରାଯାଇଥିଲା । ୨୮/୮/୨୦୧୭ ତାରିଖରେ ଜଗାକା-ଳିଆଙ୍କର ଯୋଡା ମୁଣ୍ଡର ଅସ୍ତ୍ରୋପଚାର ପ୍ରଥମେ ଦିର୍ଘ ୨୪ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୫/୧୦/୨୦୧୭ ତାରିଖରେ ପୁଣି ୧୨ ଘଣ୍ଟା ଧରି ଅସ୍ତ୍ରୋପଚାର ପରେ ଜଗାକାଳିଆଙ୍କର ଯୋଡା ମୁଣ୍ଡକୁ ଅଲଗା କରାଯାଇଥିଲା । ହେଲେ ସେହିଦିନଠାରୁ ଡାକ୍ତରମାନଙ୍କ ଚିକିତ୍ସା ଯୋଗୁଁ ଜଗାର ଅବସ୍ଥା ସୁଧୁରିବାକୁ ଲାଗିବାବେଳେ କାଳିଆର ସ୍ୱାସ୍ଥ୍ୟ ଅବସ୍ଥା ଭଲ ନଥିଲା । ତେଣୁ ଉଭୟ ଭାଇମାନେ ଡାକ୍ତରଙ୍କ ତତ୍ୱାବଧାନରେ ରହିଥିଲେ । କାଳିଆ ସେପ୍ଟିସିମିଆ ଏବଂ ନିମୋନିଆଁ ରୋଗରେ ଆକ୍ରନ୍ତ ହୋଇଥିଲା । ଡାକ୍ତରମାନଙ୍କ ଚେଷ୍ଟା ସତ୍ୱେ କାଳିଆ ମୃତ୍ୟୁ ହୋଇଛି । ତେବେ କାଳିଆର ମୃତ୍ୟୁକୁ ଭଗବାନଙ୍କ ଇଛା ବୋଲି କହିବା ସହିତ ବର୍ତମାନ ଜଗାକୁ ସୁସ୍ଥ କରିବାରେ ଡାକ୍ତରମାନଙ୍କ ପ୍ରଚେଷ୍ଟା କରିବାର ଆବଶ୍ୟକ ବୋଲି କାଳିଆର ମାତାପିତା କହିଛନ୍ତି ।

## ନାଗାର୍ଜୁନ ବେଶ ଆଜି

ଚଳିତବର୍ଷ ମହାମାରୀ କରୋନା କଟକଣା ଯୋଗୁଁ ସାଧାରଣ ଭକ୍ତ ଏହି ଦୁର୍ଲଭ ଦର୍ଶନ ବଞ୍ଚିତ ହେଉଛନ୍ତି । ଗୁରୁବାର ରାତି ୨ଟାରୁ ହରଚଣ୍ଡୀ ସାହି ଚକ୍ରକୋଟରୁ ଶୋଭାଯାତ୍ରାରେ ଘଣ୍ଟଘଣ୍ଟା କାହାଳୀ ବାଜି ଏହି ବେଶର ସାଜକୁ ଶ୍ରୀମନ୍ଦିରକୁ ଅଣାଯିବ । ଦୀର୍ଘ ଏକମାସ ଧରି ଏହି ବେଶ ପ୍ରସ୍ତୁତ ପାଇଁ ବଳରାମ ଖୁଣ୍ଟିଆଙ୍କ ସହ କାରିଗରମାନେ ଅକ୍ଲାନ୍ତ ପରିଶ୍ରମ କରି ନାଗାର୍ଜୁନ ବେଶ ପ୍ରସ୍ତୁତ କରିଛନ୍ତି । ଏହି ବେଶରେ ଷୋଳକଳା ସଂପନ୍ନ କଳାଠାକୁର ଷୋଳପ୍ରକାର ଅସ୍ତ୍ରଶସ୍ତ୍ର ଧରି ବୀରବେଶରେ ସଜ୍ଜିତ ହେବେ । ପର୍ଶୁରାମ ସହସ୍ରାର୍ଜୁନଙ୍କୁ ବଦ୍ଧ କରିଥିଲେ । ଏହି ସ୍ମୃତି ରକ୍ଷା କରିବା ପାଇଁ ଏହି ବେଶ କରାଯାଉଛି ବୋଲି କଥିତ ଅଛି । ଯେଉଁବର୍ଷ କାର୍ତ୍ତିକ ମାସରେ ପଞ୍ଚୁକ ୬ଦିନ ପଡିଥାଏ ସେହି ବର୍ଷ ମଳତିଥିରେ ଏହି ବେଶ ଅନୁଷ୍ଠିତ ହୋଇଥାଏ । ଏହି ବେଶରେ ପ୍ରଭୁଙ୍କ ଷୋଳପ୍ରକାର ଅସ୍ତ୍ରଶସ୍ତ୍ର ମଧରେ ବାଙ୍କଛୁରୀ, କଟାରୀ, ରଞ୍ଜକଦାନି, ସିଙ୍ଗଡା, ସିଙ୍ଘା, ଖଣ୍ଡା, ଢାଲ, ତ୍ରିଶୂଳ, ତେଣ୍ଟା ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଧାରଣ କରିବେ । ରତ୍ନ ଭଣ୍ଡାରରୁ ସୁନାର ଶଙ୍ଖ, ଚକ୍ର, ପଦ୍ମ ଅଣାଯାଇ ଲାଗି କରାଯିବ । ନାଗାର୍ଜୁନ ସାଜ ପାଇଁ ବେତ, ବାଉଁଶ, ସୋଲ, ଜରି, ଜମ୍ଫୁରା ଓ କନା ବ୍ୟବହାର କରାଯାଇଛି । ନାଗାର୍ଜୁନ ବେଶ ୧୯୬୬ ମସିହା ନଭେମ୍ବର ୨୬, ୧୯୬୭ ନଭେମ୍ବର ୧୬, ୧୯୬୮ ମସିହା ନଭେମ୍ବର ୩ ଲଗାତାର ତିନିବର୍ଷ ପଡିଥିଲା । ସେହିପରି ୧୯୯୩ ନଭେମ୍ବର ୨୬, ୧୯୯୪ ନଭେମ୍ବର ୧୬ରେ ଦୁଇବର୍ଷ ଲଗାତାର ପଡିଥିଲା । ଚଳିତବର୍ଷ ନଭେମ୍ବର ୨୭ ନାଗାର୍ଜୁନ ବେଶ ହେଉଥିବା ବେଳେ ଆସନ୍ତାବର୍ଷ ଏହି ବେଶ ପଡିବ ବୋଲି କୁହାଯାଉଛି । ୧୯୯୬ ମସିହାରେ ନବକଳେବର ପଡିଥିବାବେଳେ ୨୦୧୫ରେ ନବକଳେବର ପଡିଥିଲା । ଏହି ସମୟରେ ଥିବା ପୁରୁଣା ବିଗ୍ରହଙ୍କୁ ନାଗାର୍ଜୁନ ବେଶ କରାଯାଇପାରିନଥିଲା । ଏକବିଂଶ ଶତାବ୍ଦୀର ନୂଆ ଠାକୁର ଏହି ବେଶ ଧାରଣ କରିବେ । ଏହି ଦୁର୍ଲଭ ବେଶ ଦର୍ଶନ କଲେ ମହାପୂଣ୍ୟ ମିଳିଥାଏ ବୋଲି କଥିତ ଅଛି । ଚଳିତବର୍ଷ କୋଭିଡ କଟକଣା ଯୋଗୁଁ ଏହି ଦୁର୍ଲଭ ଦର୍ଶନରୁ ଭକ୍ତ ବଞ୍ଚିତ ହେଉଥିବାରୁ ଅନେକ ଭକ୍ତ ମ୍ରିୟମ୍ରାଣ ହୋଇଛନ୍ତି ।

## ବାଲେଶ୍ୱରରେ ଶାନ୍ତିପୂର୍ଣ୍ଣ ଧର୍ମଘଟ...

ସେହିଭଳି ଶ୍ରମିକମାନେ ଏହି ଆନ୍ଦୋଳନରେ ଯୋଗଦେବା ଫଳରେ ସହର ଓ ଆଖପାଖ ଅଞ୍ଚଳରେ ଥିବା ଛୋଟବଡ଼ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ହୋଇଯାଇଥିଲା । ରେମୁଣା ଗୋଲେଇ ନିକଟରେ ଜାତୀୟ ରାଜପଥକୁ ଅବରୋଧ କରାଯିବାରୁ ବହୁ ଯାନ ଦୀର୍ଘସମୟ ଧରି ଅଟକି ରହିଥିବା ଦେଖିବାକୁ ମିଳିଥିଲା । ପ୍ରତିରକ୍ଷା କର୍ମଚାରୀ ଆନ୍ଦୋଳନକୁ ସମର୍ଥନ ଜଣାଇଥିବାରୁ ସହରରୁ ସକାଳ ୬ଟା ପରେ କୌଣସି ପ୍ରତିରକ୍ଷା ବିଭାଗର ଗାଡ଼ି ଚାନ୍ଦିପୁର ଅଭିମୁଖେ ଯାଇ ପାରିନଥିଲା । ବିକ୍ଷୋଭକାରୀମାନେ ଦଳ ଦଳ ହୋଇ ସହର ତଥା ସହରତଳି ଅଞ୍ଚଳରେ ଦୋକାନ ବଜାର ଓ ଛୋଟଛୋଟ ଅଫିସ୍ ଓ ପ୍ରତିଷ୍ଠାନକୁ ବନ୍ଦ କରିଥିଲେ । ଜିଲା ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ବହୁ କର୍ମଚାରୀ ନିୟୋଜିତ ହୋଇଥିଲେ । ଏକାଧିକ ପାଟ୍ରୋଲିଂ ଗାଡ଼ି ବୁଲିବୁଲି ପରିସ୍ଥିତି ଉପରେ ନଜର ରଖିଥିଲା । ନୂତନ ଶ୍ରମିକ ଆଇନ୍, କୃଷି ଆଇନ୍ ପ୍ରଣୟନକୁ ବିରୋଧ ଓ ଆକାଶଛୁଆଁ ଦରଦାମ ବୃଦ୍ଧି ବିରୋଧରେ ଆୟୋଜିତ ଏହି ଧର୍ମଘଟରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇଟିୟୁସି, ଆଇଏନ୍‌ଟିୟୁସି, ସିଆଇଟିୟୁ, ଏଚ୍‌ଏମ୍‌ଏସ୍, ଏଆଇୟୁଟିୟୁସି ମିଳିତ ମଞ୍ଚ 'ଟିୟୁଏସିସି'ର ନେତୃମଣ୍ଡଳୀରୁ ଗୌରାଙ୍ଗ ପାଣିଗ୍ରାହୀ, ସୁରେଶ ଚନ୍ଦ୍ର ବେହେରା, ନିକୁଞ୍ଜବସନ୍ତ ରାୟ, ଅରୁଣ ସ୍ୱାଇଁ, ଜୟନ୍ତ ଦାସ, ଭାଗବତ ପ୍ରତିହାରୀ, ଶ୍ୟାମସୁନ୍ଦର ଜେନା, ପରମେଶ୍ୱର ପାତ୍ର, ବିକାଶ ଦାସ, ବାସନ୍ତୀ ସାମଲ, ଉମାକାନ୍ତ ଦାସ, କୃଷକନେତା ଅରୁଣ ଜେନା, ବସ୍ତିବାସିନ୍ଦା ସଭାପତି ବେଣୁଧର ବାରିକ, ନିର୍ମଳ ନାୟକ, ବନ୍ଦନା ବିଶ୍ୱାସ, ମୋହିନୀମୋହନ ପରିଡ଼ା, ଗୌରୀ ଦାସ, ଭରତ ଚନ୍ଦ୍ର ସେଠୀ, ସର୍ବେଶ୍ୱର ମିଶ୍ର, ଶାନ୍ତନୁ ଦାସ, ଶମ୍ଭୁନାଥ ଦାଶ, ରାଜକିଶୋର ଲେଙ୍କା, ଶରତ ଚନ୍ଦ୍ର ଦଳାଇ, ଗଦାଧର ପ୍ରଧାନ, ପୀତାମ୍ବର ମାଝୀ, କେଶବ ଲେଙ୍କା, ନିରଞ୍ଜନ ରାଉତଙ୍କ ସମେତ କଂଗ୍ରେସ ଜିଲ୍ଲା ସଭାପତି ସଂଜୀବ ଗିରି ପ୍ରମୁଖ ବାଲେଶ୍ୱରରେ ନେତୃତ୍ୱ ନେଇଥିଲେ । ବାଲେଶ୍ୱରରେ ଶାନ୍ତିପୂର୍ଣ୍ଣ ଭାରତବନ୍ଦରେ ସହଯୋଗ ପାଇଁ ଶ୍ରମିକ ସଂଗଠନ ମିଳିତ ମଞ୍ଚ ପକ୍ଷରୁ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

# 'ଚନ୍ଦ୍ରାଭାଗା' ପ୍ରାୟୋଜିତ ନିଓ-ଇଣ୍ଡିଆନ୍ ସାହିତ୍ୟ-ସର୍ଜନା-ସମ୍ମାନ



ବାଲେଶ୍ୱର,୨୬।୧୧ (ନି.ପ୍ର): ଆଗାମୀ ୩୦/୩୧ ବର୍ଷର ଚନ୍ଦ୍ରଭାଗୋତ୍ସବକୁ ଏକ ନବ ଉନ୍ମେଷକାରୀ ସର୍ଜନା ସମ୍ମାନରେ ମଣ୍ଡନ କରାଯିବାର ପ୍ରସ୍ତୁତି ଆଲୋଚନା ପଞ୍ଚୁଆଁପଦାସ୍ଥିତ ପେସ୍ କମ୍ପ୍ୟୁଟର ସେଣ୍ଟର ପରିସରରେ 'ଚନ୍ଦ୍ରାଭାଗା'ର ପ୍ରତିଷ୍ଠାତା କବି ଶ୍ରୀଦେବ ଓ ସତ୍ୟ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। 'ଚନ୍ଦ୍ରାଭାଗା'ର ପରାମର୍ଶଦାତା ବରିଷ୍ଠ ଆଇନଜୀବୀ ଶ୍ରୀଯୁକ୍ତ ଅଶୋକ କୁମାର ସେନାପତି ଏବଂ ପର୍ଶୁରାମ ପ୍ରଧାନଙ୍କ ଯୁଗ୍ମ ପରିଚାଳନାରେ ଏହି ଅଭିନବ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ସମାଜର ପ୍ରତିଟି କ୍ଷେତ୍ରରେ ନୂଆନୂଆ ସୃଜନକର୍ମର ସହଭାଗୀ ଥିବା ପୂର୍ବୋଜଙ୍କୁ ମନେପକାଇବା ସହ ଆଗାମୀ ପିଢ଼ିର ତରୁଣ ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କ ଅନ୍ତର୍ନିହିତ ଧୀ-ଉନ୍ମେଷ ପାଇଁ ଯଥୋଚିତ ପ୍ରେରଣା ଯୋଗାଇଦେବା ଏହି ଫୋରମ୍‌ର ମୂଳ ଉଦ୍ଦେଶ୍ୟ ବୋଲି କବି ଶ୍ରୀଦେବ ସୂଚନା ଦେଇଥିଲେ। ଯେମିତି ସମକାଳ ସାହିତ୍ୟର କଥା-କବିତା-ନାଟକ, ସାମ୍ବାଦିକତା-ଫଟୋଗ୍ରାଫି, ଚିତ୍ର-ଚଳଚ୍ଚିତ୍ର-ପଟ୍ଟଚିତ୍ର-ଚାରୁକଳା, କାର୍ଟୁନ-ଭିଜୁଆଲ ଆର୍ଟ-ଆନିମେସନ, ସଂଗୀତ ରଚନା-କମ୍ପୋଜିସନ-ଗାୟନ, ମଞ୍ଚ-ମଡ଼େରେଟିଂ ଓ ସ୍କ୍ରିନ-ରାଉଣ୍ଡଅଫ୍ ସାକ୍ଷାତ୍ ବିତର୍କ ତଥା ଦୂରଦୃଷ୍ଟି ସମ୍ପନ୍ନ ଗବେଷଣା କାର୍ଯ୍ୟାଦି ବହୁମୁଖୀ ପ୍ରତିଭାଧରଙ୍କୁ ଉତ୍ସାହିତ କରିପାରିଲେ ଆଗାମୀଦିନର ସାମାଜିକ ଦିଗଦିଗନ୍ତ ଅଧିକ ଉଜ୍ଜ୍ୱଳମୟ ହୋଇପାରିବ ବୋଲି ବିଭିନ୍ନ ବିଭାଗର ଅଂଶଗ୍ରହଣକାରୀ ଅଧ୍ୟାପକ ଶଶିକାନ୍ତ ମହାନ୍ତି, ଅଧ୍ୟାପକ ପ୍ରେମାନନ୍ଦ ଆର୍ଯ୍ୟବ୍ରତ ଦାସ, ଚିତ୍ରଶିଳ୍ପୀ ମରୁତ ରାଉତ, କବୟିତ୍ରୀ ଜୟନ୍ତୀ ବିଶ୍ୱାଳ ବେହୁରିଆ, କବି ଅବନୀ, ସୁନିଲ, ଗାଳ୍ପିକା ଜ୍ୟୋତିପୁଷ୍ପା ଦାସ, ଗାଳ୍ପିକ ସଞ୍ଜୟ କୁମାର ପଣ୍ଡା, ମଞ୍ଚ ମଡ଼େରେଟର ଅଭ୍ୟୁଦୟ ଦାସ, ଅରୁଣାଂଶୁ ପାଣିଗ୍ରାହୀ, ଗୌରାଙ୍ଗ ପାଣିଗ୍ରାହୀ, କ୍ଷୁଦ୍ର ଶିକ୍ଷାତ୍ମକ ଆନ୍ତର୍ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ଦ୍ଦେଶକ, ପ୍ରଯୋଜକ ରୁଦ୍ର ଶେଯପଡ଼ା ପ୍ରମୁଖ ଭିନ୍ନସ୍ୱାଦ କାର୍ଯ୍ୟକ୍ରମ ବ୍ଲୁପ୍ରିଣ୍ଟରେ ମତାମତ ରଖିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ବରିଷ୍ଠ କବି, ଗାଳ୍ପିକ, ସ୍ତମ୍ଭକାର ଗଙ୍ଗାଧର ବିଶ୍ୱାଳ ପର୍ଯ୍ୟବେକ୍ଷକ ଭାବରେ ଉପସ୍ଥିତ ରହି ଆମୂଳଚୂଳ ଅନୁଧ୍ୟାନ କରି ଏତାଦୃଶ କାର୍ଯ୍ୟକ୍ରମ ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିଲେ ଆଗାମୀପିଢ଼ିର ପ୍ରତିଭାମାନଙ୍କୁ ଶୀର୍ଷ ପହଞ୍ଚାଇବା ଦିଗରେ ସହାୟ ହେବ ବୋଲି ସର୍ବଶେଷ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ମାସକୁ ଅନ୍ତତଃ ଦୁଇଥର 'ସଟର୍ ଡେ ସିଗ୍ନେଚରିଂ' ବ୍ୟାନରରେ ଆୟୋଜନ କରାଯିବାର ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମର ୱାଟ୍‌ସଅପ୍ ଗ୍ରୁପ୍ 'ନିଓ ଇଣ୍ଡିଆନ୍ ଲିଟ୍' ନାମରେ ଏବଂ କବି ସତ୍ୟ ସାହୁଙ୍କୁ ଏଡ୍‌ମିନ୍ ଭାବରେ ନିୟୋଜିତ କରାଯାଇଛି। ଏହି ଗ୍ରୁପ୍‌ରେ ନୂତନ ଦୃଷ୍ଟିଭଙ୍ଗୀର ସାଧୁତାସମ୍ପନ୍ନ ପୋଷ୍ଟିଂ ଆଶା କରାଯାଉଛି।

# ନିଖିଳ ଓଡିଶା ଅଂଗନୱାଡି କର୍ମୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଜଳେଶ୍ୱର, ୨୬/୧୧ (ନିପ୍ର) : ବିଭିନ୍ନ ଅସୁବିଧା ନେଇ ନିଖିଳ ଓଡିଶା ଅଂଗନୱାଡି କର୍ମୀ ଜଳେଶ୍ୱର ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ବିଡିଓ ଦିପ୍ତିରଂଜନ ସେଠୀଙ୍କୁ ୧୨ଦଫା ଦାବିର ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଆଶା, ପାଚିକା, ଅଂଗନୱାଡିକର୍ମୀଙ୍କୁ ସରକାରୀ ମାନ୍ୟତା ଓ ସାମାଜିକ ସୁରକ୍ଷାର ବ୍ୟବସ୍ଥା, ନିର୍ମାଣ ଶ୍ରମିକଙ୍କୁ କରୋନା ସହାୟତା ପ୍ରଦାନ, ନିର୍ମାଣ ଶ୍ରମିକଙ୍କୁ ନୂତନ ପଂଜିକରଣ, ପ୍ରବାସୀ ଶ୍ରମିକଙ୍କ ରୋଜଗାରର ବ୍ୟବସ୍ଥା, ବ୍ୟାଙ୍କ ବୀମା, ପ୍ରତିରକ୍ଷା ଓ ରାଷ୍ଟ୍ରାୟରତ ଉଦ୍ୟଗର ଘରୋଇକରଣ ବଂଦ, କେନ୍ଦ୍ର ଓ ରାଜ୍ୟ କର୍ମଚାରୀ ତଥା ପେନ୍‌ସନ ଭୋଗୀଙ୍କ ମହଙ୍ଗା ଭତ୍ତାରେ କଟକଣାକୁ ଉଠାଇବା, ମନରେଗାରେ ଗ୍ରାମାଂଚଳର ଶ୍ରମିକଙ୍କୁ ୨୦୦ ଦିନର କାମ ଓ ପ୍ରତିଦିନ ୫୦୦ଟଙ୍କା ମଜୁରୀ ବ୍ୟବସ୍ଥା, କୃଷକ ବିରୋଧି କୃଷି ଆଇନ୍ ତଥା ଶ୍ରମୀକ ବିରୋଧି ଶ୍ରମିକ କୋର୍ଡର ପ୍ରତ୍ୟାହାର, ଗରିବ ପରିବାରକୁ ମାସିକ ୭ହହଜାର୫୦୦ଟଙ୍କା ଓ ୧୦ କି.ଗ୍ରା. ଚାଉଳ ପ୍ରଦାନ । ମିନିଅଂଗନୱାଡିକୁ ମୁଖ୍ୟ ଅଂଗନୱାଡିରେ ପରିବର୍ତ୍ତନ, ଅଂଗନୱାଡି ଗୃହକୁ ଆସବାପତ୍ର ଓ ଆଧୁନିକ ଶିକ୍ଷା ସରଞ୍ଜାମ ଯୋଗାଣ, ଦରଦାମ୍ ବୃଦ୍ଧିକୁ ନିୟନ୍ତ୍ରଣ ଓ ଅଂଗନୱାଡି କର୍ମଚାରୀଙ୍କ ପ୍ରମୋସନର ବ୍ୟବସ୍ଥା କରିବାକୁ ଦାବି କରାଯାଇଛି । ଏଥିରେ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଦାସ, ସଂପାଦିକା କଳ୍ପନା ଦେ, ପୌରପରିସଦର ନେତ୍ରୀ ତୃପ୍ତିରାଣୀ ଦାସ, କୁନ୍ତଳା ରାଣୀ ପାତ୍ର, ଉପଦେଷ୍ଟା କମଳ ଚକ୍ରବର୍ତ୍ତୀ, ମନୋରଂଜନ ଦାସ, ଶ୍ରୀନିବାସ ଦାସ ମହାପାତ୍ର, ସୁଦାମ ପାତ୍ର ପ୍ରମୁଖ ଉପସ୍ଥିତ ରହି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଅନୁରୂପଭାବେ ଜଳେଶ୍ୱର ତହସିଲଦାର, ସିଡିପିଓଙ୍କ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି ।

## ପରୀ ହତ୍ୟାକାଣ୍ଡ ଘଟଣାର ସିବିଆଇ ତଦନ୍ତ ଦାବି କଲା ମହିଳା ମୋର୍ଚ୍ଚା

ଭୁବନେଶ୍ୱର,୨୬।୧୧ (ନି.ପ୍ର): ପରୀ ହତ୍ୟାକାଣ୍ଡର ତଦନ୍ତ ଭାର କ୍ରାଇମବ୍ରାଂଚ ନୁହେଁ ବରଂ ସିବିଆଇକୁ ହସ୍ତାନ୍ତର କରାଯାଉ । ଏହି ଘଟଣାରେ ଶାସକ ଦଳ ମନ୍ତ୍ରୀ ଅରୁଣ ସାହୁଙ୍କ ସଂପୃକ୍ତି ଥିବାରୁ ଘଟଣାକୁ ଚପାଇ ଦେବା ଲାଗି ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏକ ନୂଆ ନାଟକ ରଚିଛନ୍ତି । କ୍ରାଇମବ୍ରାଂଚ କେବଳ ସରକାରଙ୍କ ମୋହରା ସାଜି ଶାସକ ଦଳକୁ ଫାଇଦା ପହଂଚାଇବା କାର୍ଯ୍ୟ କରିବ । ପରୀକୁ ନ୍ୟାୟ ଦେବା ଏବଂ ମନ୍ତ୍ରୀ ଅରୁଣ ସାହୁଙ୍କ ବହିଷ୍କାର ଦାବିରେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ପ୍ରତ୍ୟେକ ଜିଲ୍ଲାରେ ମହିଳା ମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ କରାଯିବ । ସେହିପରି ଏହି ଘଟଣାର ସିବିଆଇ ତଦନ୍ତ କରାଯାଉ ବୋଲି ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ ଦାବି କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ଯେ, ପରୀ ହତ୍ୟାକାଣ୍ଡରେ ମୁଖ୍ୟ ଅଭିଯୁକ୍ତ ବାବୁଲି ନାଏକ ଏବଂ ତା'ର ସହଯୋଗୀ ଏବେ ଶାସକ ଦଳର ଛତ୍ରଛାୟା ତଳେ ଖୁଲୁମଖୁଲା ବୁଲୁଛି । ଏହି ଘଟଣାରେ ମନ୍ତ୍ରୀ ଅରୁଣ ସାହୁଙ୍କ ସଂପୃକ୍ତି ଥିବାରୁ କ୍ରାଇମବ୍ରାଂଚ ମଧ ପୋଲିସ ଭଳି ଅଭିଯୁକ୍ତମାନଙ୍କୁ କ୍ଲିନଚିଟ୍ ଦେବାର ସମ୍ଭାବନା ରହିଛି । ଏଣୁ ପରୀକୁ ନ୍ୟାୟ ଦେବା ପାଇଁ ଘଟଣାର ସିବିଆଇ ତଦନ୍ତ କରାଯାଉ । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବାବୁଲି ନାଏକ ଏବଂ ତା'ର ସହଯୋଗୀଙ୍କୁ ଗିରଫ କରି କଠୋର ଦଣ୍ଡ ଦିଆଯାଉ । ଶାସକ ଦଳ ଚାପରେ ତଦନ୍ତ ନକରିବା, କର୍ତବ୍ୟରେ ଅବହେଳା ଏବଂ କ୍ଷମତାର ଅପବ୍ୟବହାର କରିଥିବାରୁ ନୟାଗଡ ଏସପି ଏବଂ ଥାନା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଶ୍ରୀମତୀ ପଟ୍ଟନାୟକ ଦାବି କରିଛନ୍ତି ।

# ଦିବଂଗତ ସାମ୍ବାଦିକଙ୍କ ପରିବାରକୁ ଆର୍ଥିକ ସହାୟତା



ବାଲେଶ୍ୱର,୨୬।୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକର ଦିବଂଗତ ସାମ୍ବାଦିକ ରତ୍ନାକର ବେହେରାଙ୍କ ପରିବାରକୁ ଜିଲ୍ଲା ରେଡକ୍ରସ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ସ୍ୱର୍ଗତ ରତ୍ନାକର ବେହେରା ନୀଳିଗିର ଅଂଚଳରେ ଦୀର୍ଘ ବର୍ଷ ଧରି ସାମ୍ବାଦିକତା ବୃତି ସହ ଜଡିତ ରହିବା ସହିତ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ଭାବେ ପରିଚିତ ଥିଲେ । ଗତ ଅକ୍ଟୋବର ୧୦ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା । ଏହା ପରେ ତାଙ୍କ ପରିବାର ଆର୍ଥିକ ଅନାଟନରେ ରହିଥିବା ନେଇ ସ୍ୱର୍ଗତ ରତ୍ନାକର ବେହେରାଙ୍କ ସ୍ତ୍ରୀ ମାଳତୀ ବେହେରା ଆର୍ଥିକ ସହାୟତା ନିମନ୍ତେ ବାଲେଶ୍ୱର ଜିଲ୍ଲାପାଳଙ୍କ ନିକଟରେ ଆବେଦନ କରିଥିଲେ । ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ତାଙ୍କ ପରିବାରର ଆର୍ଥିକ ସ୍ଥିତି ସମ୍ପର୍କରେ ଅବଗତ ହେବା ପରେ ଜିଲ୍ଲା ରେଡକ୍ରସରୁ ୧୫ହଜାର ଟଙ୍କାର ସହାୟତା ରାଶି ମଞ୍ଜୁର କରିଥିଲେ । ଆଜି ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ସ୍ୱର୍ଗତ ବେହେରାଙ୍କ ସ୍ତ୍ରୀ ମାଳତୀ ବେହେରାଙ୍କୁ ୧୫ହଜାର ଟଙ୍କାର ଚେକ ପ୍ରଦାନ କରିବା ସହିତ ଜିଲ୍ଲା ପ୍ରଶାସନ ପକ୍ଷରୁ କିପରି ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯାଇପାରିବ ସେ ଦିଗରେ ପଦକ୍ଷେପ ନେବାକୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ସହାୟତା ରାଶି ପ୍ରଦାନ ବେଳେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ତାପସ କୁମାର ସେଠୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ପ୍ଲାଜମା ଦାନ କଲେଣି ୮୦୨ ପୋଲିସ୍ କର୍ମଚାରୀ

ଭୁବନେଶ୍ୱର,୨୬।୧୧ (ନି.ପ୍ର): କରୋନାରୁ ସୁସ୍ଥ ହେବା ପରେ ପ୍ଲାଜମା ଦାନ କରିଥିବା ଓଡିଶା ପୋଲିସ୍‌ରେ କାର୍ଯ୍ୟରତ କରୋନା ଯୋଦ୍ଧାଙ୍କ ସଂଖ୍ୟା ୮୦୦ ଟପିଛି । ବର୍ତମାନ ସୁଦ୍ଧା ୮୦୨ ଜଣ ପୋଲିସ୍ କର୍ମଚାରୀ ପ୍ଲାଜମା ଦାନ କରିସାରିଲେଣି ବୋଲି ପୋଲିସ୍ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଏହି କରୋନା ଯୋଦ୍ଧାମାନେ ରାଜ୍ୟର ବିଭିନ୍ନ ପ୍ଲାଜମା ସଂଗ୍ରହ କେନ୍ଦ୍ରରେ ପ୍ଲାଜମା ଦାନ କରିଛନ୍ତି ।

# ପରୀ ହତ୍ୟାକାଣ୍ଡ ଘଟଣା : ଯିଏ ଦୋଷୀ ସେ ଦଣ୍ଡ ପାଉ : ଅରୁଣ ସାହୁ

ଭୁବନେଶ୍ୱର,୨୬।୧୧ (ନି.ପ୍ର): ପରୀ ହତ୍ୟା ଘଟଣା ଏକ ସମ୍ବେଦନଶୀଳ ଘଟଣା । ଯାହାକି ଏକ ଛୋଟ ଝିଅ ପରୀର ହତ୍ୟା ତାଙ୍କୁ ବ୍ୟଥିତ କରିଛି । ସେ ଏଥିରେ ମର୍ମାହତ । ତାଙ୍କ ପରିବାରକୁ ନ୍ୟାୟ ମିଳିବା ତାଙ୍କର ଉଦ୍ଦେଶ୍ୟ ବୋଲି ବିଧାନସଭାରେ ସ୍ପଷ୍ଟୀକରଣ ଦେଇ କହିଛନ୍ତି କୃଷି ମନ୍ତ୍ରୀ ଅରୁଣ ସାହୁ । ତେବେ ଏହି ସ୍ପଷ୍ଟିକରଣ ବିରୋଧୀ ମାନଙ୍କୁ ସନ୍ତୁଷ୍ଟ କରି ପାରି ନଥିଲା । ସେମାନେ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ଓ ଏହି ମାମଲାର ସିବିଆଇ ଜାଂଚକୁ ନେଇ ଦାବି ଜାରି ରଖିଥିଲେ । ଦ୍ୱିତୀୟାର୍ଦ୍ଧ ବୈଠକରେ ଲ ବିରୋଧୀ ଦଳର ସଦସ୍ୟ ମାନେ ହୋ ହାଲ୍ଲା ଆରମ୍ଭ କଲା ବେଳେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଥିଲେ ଯେ ମନ୍ତ୍ରୀ ବ୍ୟକ୍ତିଗତ ଭାବେ ଏହି ଘଟଣା ଉପରେ ସ୍ୱଷ୍ଟିକରଣ ଦେବେ । ଆପଣ ମାନେ ହଟ୍ଟଗୋଳରୁ ନିବୃତ ରୁହନ୍ତୁ ବୋଲି କହିଥିଲେ । ହଟ୍ଟଗୋଳକାରୀ ସଦସ୍ୟ ମାନେ କିଛି ସମୟ ପାଇଁ ଚୁପ ହୋଇ ଗୃହର ମଧ୍ୟ ଭାଗରେ ରହିଥିଲେ । ବାଚସ୍ପତି କୃଷି ମନ୍ତ୍ରୀଙ୍କୁ ବ୍ୟକ୍ତିଗତ ସ୍ୱଷ୍ଟିକରଣ ଦେବାକୁ ଡାକିଥିଲେ । ଶ୍ରୀ ସାହୁ କହିଥିଲେ ଯେ ପରୀ ହତ୍ୟା ଘଟଣା ଏକ ସମ୍ବେଦନଶୀଳ ଘଟଣା । ଯାହାକି ଏକ ଛୋଟ ଝିଅ ପରୀର ହତ୍ୟା ତାଙ୍କୁ ବ୍ୟଥିତ କରିଛି । ସେ ଏଥିରେ ମର୍ମାହତ । ତାଙ୍କ ପରିବାରକୁ ନ୍ୟାୟ ମିଳିବା ତାଙ୍କର ଉଦ୍ଦେଶ୍ୟ । ସେ ରାଜନୀତି ଜୀବନରେ ହିଂସାର ସେ ଘୋର ବିରୋଧୀ । ଯେ କୌଣସି ମୃତ୍ୟୁରେ ସେ ମର୍ମାହତ ହୋଇଥାଏ । ରାଜ୍ୟ ସରକାର ଏହି ଘଟଣାରେ କ୍ରାଇମ ବ୍ରାଂଚ ନିର୍ଦ୍ଦେଶ ଦେଇଛନ୍ତି । ସେ ତାକୁ ସ୍ୱାଗତ କରୁଛନ୍ତି । ଏହା ଦ୍ୱାରା ପରୀର ପରିବାରକୁ ନ୍ୟାୟ ମିଳିବ ବୋଲି ତାଙ୍କର ବିଶ୍ୱାସ ରହିଛି । ଏଥିରେ ଯିଏ ବି ଜଡିତ ହୋଇଥାନ୍ତୁ ନା କାହିଁକି ସେ ନିଶ୍ଚିତ ଦଣ୍ଡ ପାଇବା ଦରକାର । ଏହାକୁ ରାଜନୀତିକରଣ କରା ନ ଯାଉ । ପରୀ ନ୍ୟାୟ ପାଉ । ସତ୍ୟର ଉନ୍ମୋଚନ ହେଉ । ମନ୍ତ୍ରୀ ତାଙ୍କର ସ୍ୱଷ୍ଟିକରଣଦେବା ପରେ ମଧ୍ୟ ବିରୋଧୀ ଦଳର ସଦସ୍ୟ ମାନେ ସନ୍ତୁଷ୍ଟ ହୋଇ ନ ଥିଲେ । ସେମାନେ ତାଙ୍କର ବହିଷ୍କାର ଦାବି କରିଥିଲେ ।

# ଟ୍ରେଡ୍ ୟୁନିୟନ, ସିପିଏମ୍ ଓ କଂଗ୍ରେସ ପକ୍ଷରୁ ବନ୍ଦ ଡାକରା ସଫଳ : ଦୋକାନ ବଜାର ଓ ଯାତାୟାତ ଠପ୍



ଜଳେଶ୍ୱର, ୨୬/୧୧ (ନିପ୍ର) : ଜୀବନ ଓ ଜିବିକାକୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅପାରଗତା ଓ ଅନ୍ୟ କେତେକ ସାମଗ୍ରୀକ ଦାବି ନେଇ ଦେଶରେ ଟ୍ରେଡ୍ ୟୁନିୟନ, ସିପିଏ ଓ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରା ଜଳେଶ୍ୱରରେ ସଫଳ ହୋଇଛି । ଶ୍ରମିକ ବିରୋଧି ଆଇନ୍, କୃଷକ ବିରୋଧି ଆଇନ୍, ଦରବୃଦ୍ଧି ବନ୍ଦ ହେବା, ଷ୍ଟ୍ରିମ୍ ଓ୍ୱାର୍କରଙ୍କୁ ଶ୍ରମିକର ମାନ୍ୟତା, ବେକାରୀଙ୍କୁ ନିଯୁକ୍ତି, ଘରୋଇକରଣ ବଂଦ କରିବା, ବ୍ୟାଙ୍କ ବୀମା ମିଶ୍ରଣ ବନ୍ଦ ହେବା, ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇବା, କୋଭିଦ୍-୧୯ ଯୋଗୁଁ ପ୍ରତିପରିବାରକୁ ୬ ମାସ ପର୍ଯ୍ୟନ୍ତ ୭ହଜାର ୫ଶହ ଟଙ୍କା ଓ ୧୦କିଲୋ ଚାଉଳ ଯୋଗାଇବା ଇତ୍ୟାଦି ଦାବି ନେଇ ଆଜି ଗୁରୁବାର ବିଭିନ୍ନ ସଂଗଠନ ପକ୍ଷରୁ ବନ୍ଦ ପାଳିତ ହୋଇଛି । ଏଥିରେ ବିଏସ୍ଏନ୍ଏଲ୍, ପାଚିକ, ଅଂଗନୱାଡି, ବିଦ୍ୟୁତ୍ ୟୁନିୟନ, ଗଣତାନ୍ତ୍ରୀକ ମହିଳା ସଂଗଠନ, ଆଶା, କୃଷକ ସଭା, କ୍ଷେତ ମୂଲିଆ ସଂଘ, ଯୁବ ଫେଡ୍ରେସନ୍, ବୀମା କର୍ମଚାରୀ ସଂଘ, ପରିବହନ ସଂଘ, ବଣିକ ସଂଘ, ଆଦିବାସୀ ସଂଘ, ଓଷ୍ଟା, ଓଲଷ୍ଟା, ଅବସରପ୍ରାପ୍ତ କର୍ମଚାରୀ ସଂଘ, ପୋଷ୍ଟାଲ କର୍ମଚାରୀ ସଂଘ ଓ ନିର୍ମାଣ ଶ୍ରମିକ ସଂଘ ଯୋଗ ଦେଇଥିଲେ । ଷ୍ଟେସନ ଛକଠାରେ କଂଗ୍ରେସ ପକ୍ଷରୁ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ପୌରସଭାପତି ରିଆଜ ଖାଁ, ହେମନ୍ତ ଗିରି, ଗତିକୃଷ୍ଣ ଦଳାଇ, ଜଗଦିଶ ନନ୍ଦି, ରଂଗିତ ଗିରି, ପଦ୍ମଲୋଚନ ବେହେରା, ବିଭୁରେନ୍ଦ୍ର ଦେ, ରବିନ୍ଦ୍ର ପାଣିଗ୍ରାହି, ବିରଞ୍ଚି ଭୂୟାଁ, ସୁନୀଲ ପରିଡା, ପ୍ରଦୀପ ଭଂଜ, ସୁଶାନ୍ତ ଦେ ପ୍ରମୁଖ ଏହି ବନ୍ଦରେ ସାମିଲ ହୋଇଥିଲେ । ବଡବଜାର ଛକଠାରେ ସିପିଏମ୍ ପକ୍ଷରୁ ରାଜ୍ୟ ନେତା ଶିଶିର ହୁଇ, ଦିଲ୍ଲିପ ଗିରି, ଦୀପ୍ତିମାନ ଆଚାର୍ଯ୍ୟ, ସୀତାଂଶୁ ସେନାପତି, ଜିତାଂଶୁ ନନ୍ଦି, ପଲ୍ଟୁ ଦାସ, ଜୀବନ ପରିଡା, ରତନ ଦାସ, ଗଣେଶ ଭୂୟାଁ, ଇଷାନୀ ଶଡଙ୍ଗୀ, ମମୀ ପଣ୍ଡା, ଆରତୀ ପଲାଇ, ଲକ୍ଷ୍ମୀଧର ପଲାଇ, ଜାତୀୟ ଗଣତାନ୍ତ୍ରୀକ ମହିଳା ମୋର୍ଚ୍ଚାର ସଭାନେତ୍ରୀ ତାପସୀ ପ୍ରହରାଜ, ଦିଲ୍ଲିପ କରିଡା, ପ୍ରକାଶ ଦେ, ଗଣେଶ ପାତ୍ର, ସେକ୍ ନଜିମୁଦ୍ଦିନ, ସେକ୍ ଜମିରୁଦ୍ଦିନ, ସେକ୍ ତଏମ୍, ଅରୁଣ ରାୟ, ଚନ୍ଦନ ଶତପଥି, ଲଳିତ ରଂଜନ ସେନାପତି, ଭାଗବତ ପରିଡା, କପିଳେଶ୍ୱର ମହାନ୍ତି, ଓଷ୍ଟାର ଜିଲା ସଂପାଦକ ମନୋରଂଜନ ଦାସ, ବ୍ଲକ ସଂପାଦକ ଡ. ଅଜିତ୍ ମହାନ୍ତି, କୁମୁଦ ଗିରି, ଭାଷ୍କର ମିଶ୍ର, ଅଜିତ୍ ଦାସ, ଶିବଶଂକର ଚାଟାର୍ଜୀଙ୍କ ନେତୃତ୍ୱରେ ବନ୍ଦ ପାଳିତ ହୋଇଥିଲା । ୬୦ନଂ ଜାତୀୟ ରାଜପଥ ଟୋଲପ୍ଲାଜାଠାରେ କମଳ ଚକ୍ରବର୍ତ୍ତୀ, ସୁଦାମ ପାତ୍ର, ରବିନ୍ଦ୍ର ବାରିକ, ମନୋରଂଜନ ଦାସ, ବିମଳ ଦାସ, ସୁକୁମାର ସେନାପତି, ନରେନ୍ ସିଂ, ଗଣେଶ ପାତ୍ର, ବିକ୍ରମ ପ୍ରଧାନ, ତପନ ଗିରି ପ୍ରମୁଖ ବନ୍ଦକୁ ସଫଳ କରାଇଥିଲେ ।

# ଏକଲ ଅଭିଯାନ ଚିତ୍ରଡ଼ା ଓ ଶୁଳିଆପଦା ସଞ୍ଚର ପ୍ରଶିକ୍ଷଣ ବର୍ଗ ଅନୁଷ୍ଠିତ



ଉଦଳା,୨୬।୧୧ (ନି.ପ୍ର): ବନବନ୍ଧୁ ପରିଷଦ ଦ୍ୱାରା ପରିଚାଳିତ ଏକଲ ଅଭିଯାନର ଚିତ୍ରଡ଼ା ଓ ଶୁଳିଆପଦା ସଞ୍ଚର ପ୍ରଶିକ୍ଷଣ ବର୍ଗ ଚଳିତ ମାର୍ଗଶୀର ମାସ ୭ ଦିନ ଅଷ୍ଟମି ତିଥି ଇଂରାଜୀ ନଭେମ୍ବର ୨୨ ତାରିଖ ରବିବାର ଠାରୁ ଆରମ୍ଭ ହୋଇ ୨୪ ତାରିଖରେ ଉଦ୍‌ଯାପିତ ହୋଇ ଯାଇଛି । ୩ଦିନ ଧରି ଚାଲିଥିବା ଉକ୍ତ ବର୍ଗକୁ ଚିତ୍ରଡ଼ା ସଞ୍ଚ ସଂପାଦକ ଅମିନ କୁମାର ମହାନ୍ତ ପ୍ରଦୀପ ପ୍ରଜ୍ୱଳନ ଓ ବେଦ ମନ୍ତ୍ର ଉଚ୍ଚାରଣ କରି ଉଦ୍‌ଘାଟନ କରିଥିଲେ । ବାରିପଦା ଅଞ୍ଚଳ ଉଦଳା କେନ୍ଦ୍ର ଅଧିନରେ ଥିବା ଉକ୍ତ ଦୁଇଟି ସଞ୍ଚର ମୋଟ ୧୪ ଜଣ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ପ୍ରଶିକ୍ଷଣ ନେଉଥିଲେ । ପ୍ରଶିକ୍ଷକ ଭାବରେ ବାରିପଦା ଅଞ୍ଚଳର ପ୍ରାଥମିକ ଶିକ୍ଷା ପ୍ରମୁଖ ବେଣୁଧର କଣ୍ଡାବାଉଁଶିଆ, ଅଞ୍ଚଳ କାର୍ଯ୍ୟାଳୟ ପ୍ରମୁଖ ସ୍ମୃତି ରଂଜନ ଶତପଥି, ଶୁଳିଆପଦା ସଞ୍ଚର ସଞ୍ଚ ଅଭିଯାନ ପ୍ରମୁଖ ମୃତ୍ୟୁଞ୍ଜୟ ଶର୍ଦ୍ଦାର ପ୍ରମୁଖ ପଞ୍ଚମୁଖୀ ଶିକ୍ଷା ବିଷୟରେ ବିସ୍ତୃତ ଭାବେବ ତାଲିମ ପ୍ରଦାନ କରିଥିଲେ । ବର୍ଗରେ ନିୟମିତ ଯୋଗ, ପ୍ରାଣାୟମ, ସୂର୍ଯ୍ୟନମସ୍କାର କରାଯିବା ସହିତ କାଢ଼ା ପ୍ରସ୍ତୁତି ଓ ସେବନ ବିଷୟରେ ତାଲିମ ପ୍ରଦାନ କରାଯାଉଥିଲା । କୋଭିଡ଼କୁ ଆଖି ଆଗରେ ରଖି ସବୁ ପ୍ରକାର ଶତର୍କତା ଅବଲମ୍ବନ କରାଯାଇଥିଲା । ସନ୍ଧ୍ୟାକାଳୀନ ଶତଶଙ୍ଗ ଓ ରାତ୍ରୀର ଆନନ୍ଦ ମେଳା ଯେତିକି ଆନନ୍ଦ ଦାୟକ ଥିଲା ସେତିକି ଶିକ୍ଷଣୀୟ ମଧ ଥିଲା । ବର୍ଗକୁ ଅତିଥି ଭାବରେ ସମାଜସେବୀ ପ୍ରମିଳା ପଣ୍ଡା ଓ ଶିକ୍ଷାବିତ କାମିନୀକାନ୍ତ ପାଣିଗ୍ରାହୀ ବିଭିନ୍ନ ଦିବସ ମାନଙ୍କରେ ପରିଦର୍ଶନରେ ଆସି ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହିତ ଦେଶ ଗଠନରେ ଏକଲ ଅଭିଯାନର ଉଦ୍ୟମ ବିଷୟରେ ମାର୍ଗଦର୍ଶନ କରିଥିଲେ ।

# ରାୟଗଡ଼ା ଭାଜପା କାର୍ଯ୍ୟାଳୟରେ ସମ୍ବିଧାନ ଦିବସ



ରାୟଗଡ଼ା,୨୬।୧୧ (ନି.ପ୍ର): ରାୟଗଡ଼ା ଜିଲ୍ଲା ସଦର ମହକୁମା ଠାରେ ଜିଲ୍ଲା ଭାଜପା କାର୍ଯ୍ୟାଳୟରେ ସମ୍ବିଧାନ ଦିବସ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସମସ୍ତ ଭାଜପା ପଦାଧିକାରୀ ଏବଂ କାର୍ଯ୍ୟକର୍ତ୍ତା ଡ଼. ଭୀମରାଓ ରାମଜୀ ଅମ୍ବେଦକରଙ୍କୁ ସ୍ମରଣ କରି ଦୀପ ପ୍ରଜ୍ୱଳନ ଏବଂ ପୁଷ୍ପମାଲ୍ୟ ଅର୍ପଣ କରିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶ କ୍ରମେ ଏହି ସମ୍ବିଧାନ ଦିବସ ଉପଲକ୍ଷେ ଆଗାମୀ ୧୦ ଦିନ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯିବ । ଆଜିର ଏହି କାର୍ଯ୍ୟକ୍ରମ ଅବସରରେ ଶ୍ରୀ କାଳୀରାମ ମାଝୀ, ଶ୍ରୀ ବସନ୍ତ କୁମାର ଉଲ୍ଲାକା, ଶ୍ରୀ ସନ୍ତୋଷ ହିକକା, ଶ୍ରୀ ଜିତେନ୍ଦ୍ର ନାୟକ, ଶ୍ରୀ ବିଦ୍ୟା ଭୂଷଣ ପଣ୍ଡା, ଶ୍ରୀ ଅଜୟ ଚୂଲେଟ, ଶ୍ରୀମତୀ ଲକ୍ଷ୍ମୀ ବୁରୁଡି, ଶ୍ରୀମତୀ ମୁଳା ମିନିଆକା, ଶ୍ରୀ ପ୍ରଶା' ପଟ୍ଟନାୟକ, ଶ୍ରୀ କିଶୋର ପଣ୍ଡା, ଶ୍ରୀ ରାଜେଶ ପାଣିଗ୍ରାହୀ ଏବଂ ଅନ୍ୟାନ୍ୟ ଭାଜପା ପଦାଧିକାରୀ ଏବଂ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ନଗର ସଭାପତି ଶ୍ରୀ ଶ୍ୟାମ କୁମାର ଦାଶ ପରିଚାଳନା କରିଥିଲେ ।

# କାର୍ତ୍ତିକେଶ୍ୱରଙ୍କ ଜନ୍ମ ବାର୍ଷିକଉତ୍ସବ



ଡେଲାଙ୍ଗ,୨୬।୧୧ (ନି.ପ୍ର): ବିଶ୍ୱ ମହାମାରୀ କରୋନା ସଂକ୍ରମଣ ଭୟ ଓ ସମସ୍ତ ପ୍ରକାର କୋଭିଡ ନିୟମ ପାଳନ କରି ପ୍ରତିବର୍ଷ ଭଳି ଚଳିତ ବର୍ଷ ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ଜନ୍ମ ଉତ୍ସବ ଅବସରରେ ଘୋରଡିଆ ଗ୍ରାମର ମହାବୀରୀଙ୍କ ମନ୍ଦିର ପ୍ରାଙ୍ଗଣରେ ୯ମବାର୍ଷିକ କାର୍ତ୍ତିକେଶ୍ୱର ପୂଜା ଉତ୍ସବ ମହାସମାରୋହ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଯାଇଛି । ପୂଜା ମଣ୍ଡପରେ ସୁସଜ୍ଜିତ ମେଢରେ କାର୍ତ୍ତିକେଶ୍ୱରଙ୍କ ବିରାଟ ମୃଣ୍ମୟୀ ମୂର୍ତ୍ତି ସହ ପାର୍ଶ୍ୱରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଥ, ବଳଭଦ୍ର, ସୁଭଦ୍ରାଙ୍କ ମୂର୍ତ୍ତି ସ୍ଥାପନ ସାଙ୍ଗକୁ ବର୍ଣ୍ଣାଢ୍ୟ ସୁଉଚ୍ଚ ତୋରଣ ଓ ରଙ୍ଗ ବେରଙ୍ଗର ସୁସଜ୍ଜିତ ଆଲୋକ ସଜ୍ଜା ସମସ୍ତଙ୍କୁ ଆକର୍ଷିତ କରିଛି । ପ୍ରତେହ୍ୟ ପୂଜାପାଠ, ମନ୍ତ୍ରଧ୍ୱନୀରେ ସମଗ୍ର ଅଂଚଳ ପ୍ରକମ୍ପିତ ହେଉଛି । କୋଭିଡ କଟକଣା ହେତୁ ସନ୍ଧ୍ୟାରେ ହେବାକୁ ଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଚଳିତ ବନ୍ଦ ରଖାଯାଇଛି । କାର୍ତ୍ତିକମାସ ହେତୁ ସକାଳେ-ସନ୍ଧ୍ୟାରେ ବହୁସଂଖ୍ୟାରେ ଭକ୍ତ, ଶ୍ରଦ୍ଧାଳୁ ଓ ହବିଷିଆଳୀଙ୍କ ଭିଡ ସମଗ୍ର ଅଂଚଳରେ ଏକ ପ୍ରକାର ଆଧ୍ୟତ୍ମିକ ପରିବେଶ ସୃଷ୍ଟି ହୋଇଛି ।

## ବିଜେପି ରାଜ୍ୟ କାର୍ଯ୍ୟାଳୟରେ ୭୧ତମ ସମ୍ବିଧାନ ଦିବସ ପାଳିତ

ଭୁବନେଶ୍ୱର,୨୬।୧୧ (ନି.ପ୍ର): ଭାରତର ସମ୍ବିଧାନର ବିଶ୍ୱରେ ରହିଛି ଏକ ସ୍ୱତନ୍ତ୍ର ପରିଚୟ । ଭାରତର ସମ୍ବିଧାନ ବିଶ୍ୱର ସବୁଠୁ ବଡ ଲିଖିତ ସମ୍ବିଧାନ ଏବଂ ସାରା ବିଶ୍ୱରେ ଗୁରୁତ୍ୱ ବହନ କରେ । ଭାରତର ସମସ୍ତ ନାଗରିକଙ୍କୁ ସମାନ ଅଧିକାର, ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ, ମହିଳା କିଭଳି ମୌଳିକ ଅଧିକାରରୁ ବଂଚିତ ନହେବେ ତାହାକୁ ସମ୍ବିଧାନରେ ବିଧି ବ୍ୟବସ୍ଥାରେ ଆମ୍ବେଦକର ସ୍ଥାନିତ କରିଛନ୍ତି ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଥିଲେ । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସମ୍ବିଧାନ ସଭା କାର୍ଯ୍ୟକ୍ରମରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ମୁଖ୍ୟ ସଚେତକ ମୋହନ ମାଝୀ, ବିଧାୟକ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ଉପସଭାପତି ଅନୀତା ଶୁଭଦର୍ଶିନୀ, ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସମାନ୍ତସିଂହାର, ମୁଖପାତ୍ର ବିରଂଚୀ ନାରାୟଣ ତ୍ରିପାଠୀ, କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ, କୃଷକ ମୋର୍ଚ୍ଚା ସାଧାରଣ ସଂପାଦକ ସୁରଥ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କ ସମେତ ଦଳୀୟ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତା ପ୍ରମୁଖ ସାମିଲ ଥିଲେ ।

# ରାୟଗଡ଼ା ୟୁନିୟନ ବ୍ୟାଙ୍କରୁ ୪୪ କୋଟି ଠକେଇ : ଋଣ ନେବାର ୫ ବର୍ଷ ପରେ ବି ମୂଳ ତ ମୂଳ ସୁଧର ଦେଖାନାହିଁଞ୍ଚି ସନ୍ଦେହ ଘେରରେ ତତ୍କାଳୀନ ବ୍ୟାଙ୍କ୍ ଅଧିକାରୀ




ରାୟଗଡ଼ା,୨୬।୧୧ (ନି.ପ୍ର): ରାଜ୍ୟରେ ବଢୁଛି ବ୍ୟାଙ୍କ ଠକେଇ ସଂଖ୍ୟା । ଏବେ ରାୟଗଡ଼ା ଜିଲ୍ଲାରେ ଆସିଛି ଏଭଳି କିଛି ଅଭିଯୋଗ । ୪୪ କୋଟି ଟଙ୍କାର ବ୍ୟାଙ୍କ ଋଣ ନେଇ ଆଉ ଦେଖା ଦେଉନାହାନ୍ତି ବ୍ୟାଙ୍କ କର୍ତ୍ତୃପକ୍ଷ। ୨୦୧୩ରୁ ୨୦୧୫ ଭିତରେ ୟୁନିୟନ ବ୍ୟାଙ୍କରୁ ଏହି ବେଆଇନ୍ ଋଣ କାରବାର ହୋଇଛି । ମଙ୍ଗଳବାର ସିବିଆଇରେ ମାମଲା ରୁଜୁ ହେବା ପରେ ପୂରା ଘଟଣା ଏବେ ପଦାରେ ପଡ଼ିଛି । ଏହି ଋଣ କାରବାରରେ ସେତେବେଳର ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ କାରନାମା ମଧ ସନ୍ଦେହ ଘେରରେ । ଅଭିଯୋଗ ଅନୁସାରେ ସିବିଆଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି । ଅଭିଯୁକ୍ତଙ୍କ ବିରୋଧରେ ଠକେଇର ବିଭିନ୍ନ ଧାରାରେ ରୁଜୁ କରାଯାଇଛି । ଆମ ରାଜ୍ୟରେ ହିଁ ବୁଲୁଛନ୍ତି ବ୍ୟାଙ୍କକୁ ଚୂନ ଲଗେଇଥିବା କାର୍ପଟଦାର । ଏପଟେ ବିନା ରେକର୍ଡ ପତ୍ରରେ ଋଣ ଦେଇ ଅନ୍ଧାରରେ ବାଡ଼ି ବୁଲାଉଛି ରାୟଗଡ଼ାର ୟୁନିୟନ୍ ବ୍ୟାଙ୍କ । ମୂଳ ଆସିବା ତ ଦୂରର କଥା ସୁଧର ବି ଦେଖାଦର୍ଶନ ନାହିଁ । ମାମଲା ପରେ ସମାନ ଠଙ୍ଗରେ ଏଠି ସେଠି ଚଢ଼ାଉ କରୁଛି ସିବିଆଇ । ଅଭିଯୋଗ ଅନୁସାରେ ରାୟଗଡ଼ାର ତରୁଣଶ୍ରୀ କଟନ୍ ସ୍ପିନଟେକ୍ସ କସ୍ତୁରୀନଗର ଶାଖାରୁ ଋଣ ନେଇଥିଲା । ୨୦୧୩ରୁ ୨୦୧୫ ଭିତରେ ଏହି ଋଣ କାରବାର ହୋଇଥିଲା । ପରେ କେନ୍ଦ୍ର ସରକାରଙ୍କ ଅଧିନିୟମ ଅନୁସାରେ ଆନ୍ଧ୍ର ବ୍ୟାଙ୍କ, ୟୁନିୟନ ବ୍ୟାଙ୍କରେ ବିଲୟ ହୋଇଥିଲା । ଏହାପରେ ହିଁ ଋଣ ଦେଣନେଣର ଗୋଲକ ଧନ୍ଦା ପଦାକୁ ଆସିଥିଲା । ଅନେକ ମାସ ଧରି ଋଣ ନସୁଝିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ମଙ୍ଗଳବାର ସିବିଆଇ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁସାରେ ରାୟଗଡ଼ାର ଏକାଧିକ ସ୍ଥାନରେ ଚଢାଉ କରି ଛାନଭିନ ଜାରି ରଖିଛି ସିବିଆଇ । ଆମ ରାଜ୍ୟରେ ହିଁ ବୁଲୁଛନ୍ତି ବ୍ୟାଙ୍କକୁ ଚୂନ ଲଗେଇଥିବା କାର୍ପଟଦାର । ଏଠି ପ୍ରଶ୍ନ ଉଠୁଛି କାହା ଇଙ୍ଗିତରେ କୋଟି କୋଟି ଟଙ୍କାର ହେରଫେର ହେଲା ? ତତ୍କାଳୀନ ବ୍ୟାଙ୍କ ଅଧିକାରୀଙ୍କ ସହ ଋଣ ନେଇଥିବା କମ୍ପାନୀ କର୍ତ୍ତୃପକ୍ଷଙ୍କ ହୋଇଥିଲା କି ଡିଲ୍ ? ବିନା କାଗଜପତ୍ରରେ ମାତ୍ର ଲକ୍ଷେ ଟଙ୍କାର ଋଣ ମିଳୁନଥିବା ବେଳେ ୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା କେମିତି ଦିଆଗଲା ? କମ୍ପାନୀର କନଷ୍ଟ୍ରକସନ୍ କାମ ନାଁରେ ତରୁଣଶ୍ରୀ କଟନ୍ ସ୍ପିନଟେକ୍ସ କର୍ତ୍ତୃପକ୍ଷ- ଚାଭା ଶିବରାମ କ୍ରିଷ୍ଣା ଓ ତାଙ୍କ ପତ୍ନୀ ଚାଭା ନୀଳିମା ଏହି ଋଣ ନେଇଥିଲେ । ଠକେଇ ଅଭିଯୋଗର ତଦନ୍ତ ସିବିଆଇ ଆରମ୍ଭ କରିଥିବା ବେଳେ ଠକେଇ ଅର୍ଥ କୁ ଅଭିଯୁକ୍ତଙ୍କ ସମ୍ପତ୍ତି ନିଲାମ କରି ଆଦାୟ କରାଯିବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ଆଶା ରଖିଛନ୍ତି ।


## କରୋନାରେ ଦେଶରେ ଗତ ୨୪ ଘଂଟାରେ ୪୪,୪୮୯ ନୂଆ ମାମଲା, ୪୮୧ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୨୬।୧୧ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୪୪,୪୮୯ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୫୨୪ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୯୨,୬୬,୭୦୬ ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୪,୫୨,୩୪୪ ଥିବା ବେଳେ ବର୍ତମାନ ସୁଦ୍ଧା ୧,୩୫,୨୨୩ ଜଣ ମୃତ୍ୟୁ ବରଣ କରିଛନ୍ତି ।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୮ ଗିରଫ

ଭୁବନେଶ୍ୱର,୨୬।୧୧ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୩ଟି ମାମଲା ରୁଜୁ କରିଛି । ୮ ଜଣଙ୍କୁ ଗିରଫ କରା ଯାଇଥିବା ବେଳେ ୬୨୮ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୮,୩୧,୮୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ଭଦ୍ରକରେ ସମ୍ବିଧାନ ଦିବସ ପାଳିତ



ଭଦ୍ରକ,୨୬।୧୧: ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଡ. ଜ୍ଞାନ ଦାସଙ୍କ ଅଧକ୍ଷତାରେ ସମ୍ବିଧାନ ଦିବସ ପାଳିତ ହୋଇ ଯାଇଛି । ଜିଲ୍ଲାପାଳ ଡ. ଦାସ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ୟାମଭକ୍ତ ମିଶ୍ର, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଉପଜିଲ୍ଲାପାଳ ପୀତାମ୍ବର ସାମଲ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରାଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀଙ୍କୁ ସମ୍ବିଧାନର ସୁରକ୍ଷା ଓ ସମ୍ମାନ ପ୍ରଦର୍ଶନ ନିମନ୍ତେ ଶପଥ ପାଠ କରାଇଥିଲେ । ପରେ ସେ ତାଙ୍କ ବକ୍ତବ୍ୟରେ ରାଷ୍ଟ୍ରର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ସହ ଗଣତନ୍ତ୍ରକୁ ସୁଦୃଢ଼ କରିବା ଏବଂ ସମ୍ବିଧାନ ପ୍ରତି ସମ୍ମାନ ପ୍ରଦର୍ଶନ କରି କାର୍ଯ୍ୟ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।

# ବିଜେପି ପକ୍ଷରୁ ବାଲେଶ୍ୱରରେ ସମ୍ବିଧାନ ଦିବସ



ବାଲେଶ୍ୱର,୨୬।୧୧ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଭାରତୀୟ ସମ୍ବିଧାନ ପ୍ରଣେତା ଡକ୍ଟର ବିଆର ଆମ୍ବେଦକରଙ୍କ ସ୍ମରଣାର୍ଥେ ଗୁରୁବାର ଦିନ ଦେଶବ୍ୟାପୀ ସମ୍ବିଧାନ ଦିବସ ପାଳନ କରାଯାଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ ପ୍ରତିଫଳନ ଲକ୍ଷ୍ୟ କରାଯାଇଛି । ଜିଲ୍ଲା ବିଜେପି ପକ୍ଷରୁ ସଭାପତି ଉମାକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ସେଣ୍ଟ୍ରାଲସ୍କୁଲ ଛକ କାର୍ଯ୍ୟାଳୟରେ ସମ୍ବିଧାନ ଦିବସ ପାଳନ ସହ ଭୀମରାଓ ଆମ୍ବେଦକରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ୧୯୪୯ ମସିହା ଆଜିର ଦିନରେ ଡାକ୍ତର ଆମ୍ବେଦକରଙ୍କ ନେତୃତ୍ୱରେ ଗଠିତ କମିଟି ଦ୍ୱାରା ପ୍ରସ୍ତୁତ ଭାରତୀୟ ସମ୍ବିଧାନକୁ ଦେଶରେ ଲାଗୁ କରିବା ପାଇଁ ତତ୍କାଳୀନ ସରକାରଙ୍କ ଦ୍ୱାରା ସିଦ୍ଧାନ୍ତ ନିଆଯାଇଥିଲା । ଏହି ନିଷ୍ପତିର ୧ମାସ ପରେ ଅର୍ଥାଥ ଜାନୁୟାରୀ ୨୬ ତାରିଖରେ ଏହା ସମଗ୍ର ଦେଶରେ କାର୍ଯ୍ୟକାରୀ ହୋଇଥିଲା । ତେବେ ସିଦ୍ଧାନ୍ତ ଗ୍ରହଣର ଦିନ ଭାବେ ନଭେମ୍ବର ୨୬ ତାରିଖକୁ ସ୍ମରଣୀୟ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ୨୦୧୫ ମସିହାଠାରୁ ସମ୍ବିଧାନ ଦିବସ ପାଳିତ ହୋଇ ଆସୁଛି ବୋଲି ବିଜେପି ଜିଲ୍ଲା ସଭାପତି ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ । ବିଜେପି ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ବରିଷ୍ଠ ବିଜେପି ନେତା ଶୁଭଙ୍କର ମହାପାତ୍ର, ବିଜେପି ନଗର ସଭାପତି ଚିତ୍ତରଂଜନ ପଣ୍ଡା, ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ, ଦୁକୁଲୁ ଘଡ଼େଇ, କୋନାଲ ମିଡିଆ ସଂଯୋଜକ ସତ୍ୟଜିତ୍ ମିଶ୍ର, ବିଜେପି ମହିଳା ମୋର୍ଚ୍ଚା ଜିଲ୍ଲା ସଭାପତି କମଳା ବିନ୍ଧାଣୀ, ନଗର ସଭାପତି ପିଙ୍କି ପ୍ରଧାନ, ଯୁବମୋର୍ଚ୍ଚା ଜିଲ୍ଲା ଉପ-ସଭାପତି ରଣଜିତ୍ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ୨୦୦୮ ମସିହାରେ ଏହିଦିନରେ ମୁମ୍ବାଇ ଆକ୍ରମଣରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଅମର ଆତ୍ମା ଉଦ୍ଦେଶ୍ୟରେ ଏହି ଅବସରରେ ୧ ମିନିଟ ନିରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଅନୁରୂପ ଭାବେ ବିଜେପି ସଦର ଶାଖା କାର୍ଯ୍ୟାଳୟରେ ମଧ୍ୟ ସମ୍ବିଧାନ ଦିବସ ପାଳିତ ହୋଇଥିଲା । ସଦର ନିର୍ବାଚନମଣ୍ଡଳୀ ସଂଯୋଜକ ମାନସ କୁମାର ଦଉଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶୁଭଙ୍କର ମହାପାତ୍ର ପୌରୋହିତ୍ୟ କରିଥିଲେ । ଶ୍ରୀ ଦଉଙ୍କ ଗୌରାଙ୍ଗ ଦାସ, ସୀତାକାନ୍ତ ସ୍ୱାଇଁ, ଗଙ୍ଗାଧର ରାଉତ, ଆଶିଷ କୁମାର ଘୋଷ, ପିଙ୍କି ପ୍ରଧାନ, ଅରୂପ କୁମାର ଜେନା, ସସ୍ମିତା ପଣ୍ଡା, ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ଏଥିରେ ଯୋଗଦେଇ ସମ୍ବିଧାନ ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ ।

# ଚିତ୍ରଶିଳ୍ପୀ ଶ୍ୟାମାପ୍ରସାଦ ପଟ୍ଟନାୟକଙ୍କ ବିୟୋଗରେ ଶୋକସଭା



ବାରିପଦା,୨୬।୧୧ (ନି.ପ୍ର): ବିଶିଷ୍ଟ ଚିତ୍ରଶିଳ୍ପୀ ଶ୍ୟାମାପ୍ରସାଦ ପଟ୍ଟନାୟକଙ୍କ ବିୟୋଗରେ ସାହିତ୍ୟ ସଂସ୍କୃତି ବିକାଶ ମଂଚ ପକ୍ଷରୁ ଏକ ଶୋକସଭା ମାଧ୍ୟମରେ ଶ୍ରଦ୍ଧାଳୀ ଜ୍ଞାପନ କରାଯାଇଛି । ପ୍ରାରମ୍ଭରେ ସ୍ୱର୍ଗତଃ ପଟ୍ଟନାୟକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ମଂଚର ସଭାପତି ସରୋଜ କୁମାର ନାୟକ, ଉପଦେଷ୍ଟା ଅମିତାଭ ମିଶ୍ର, ସଭ୍ୟ ଶଶିଧର ବିଶ୍ୱାଳ, ଅମୂଲ୍ୟ କୁମକାର ଓ ଅଜୟ କୁମାର ନନ୍ଦ ପ୍ରମୁଖ ଶ୍ରଦ୍ଧାଳୀ ଜ୍ଞାପନ କରି ସ୍ୱର୍ଗତ ଶ୍ୟାମାପ୍ରସାଦ ପଟ୍ଟନାୟକଙ୍କ କର୍ମମୟ ଜୀବନ, କୃତୀ, ମୟୁରଭଞ୍ଜରେ କଳାର ବିକାଶରେ ତାଙ୍କର ଭୂମିକା, ସର୍ବୋପରି ତାଙ୍କ ଦ୍ୱାରା ନିୟମିତ ଭାବେ ଆୟୋଜିତ ହେଉଥିବା, ପୂଜ୍ୟପୂଜା କାର୍ଯ୍ୟକ୍ରମ, ବର୍ଣ୍ଣ ବିଚିତ୍ରା ଓ ଚିତ୍ର ମହୋତ୍ସବ କାର୍ଯ୍ୟକ୍ରମ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ମୟୁରଭଞ୍ଜର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ତାଙ୍କର ସକ୍ରିୟ ଅଂଶଗ୍ରହଣ ତାଙ୍କୁ ସବୁଦିନ ମୟୁରଭଞ୍ଜ ବାସୀଙ୍କ ନିକଟରେ ଅମର କରି ରଖିବା ସହିତ ପ୍ରେରଣାର ଉତ୍ସ ହୋଇ ସେ ଚିରଦିନ ରହିବେ ବୋଲି ମତପ୍ରକାଶ ପାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo